


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




Vol. 33 | ISSUE 105 | ଭାଗ ୩୩ | ସଂଖ୍ୟା ୧୦୫
Bhubaneswar | Sunday 6 July 2025 | Page 8 Rs. 4.00
● ଭୁବନେଶ୍ୱର ରବିବାର ୬ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

# ସିଂହଦ୍ୱାର ସମ୍ମୁଖରେ ଶ୍ରୀଜିଉ

- ନିର୍ଦ୍ଧାରିତ ସମୟ ପୂର୍ବରୁ ସରିଲା ନୀତିକାନ୍ତି
- ଘଣ୍ଟାଏ ପୂର୍ବରୁ ଆରମ୍ଭ ହେଲା ରଥଟଣା
- ମାଉସୀ ମାଙ୍କ ଠାରୁ ଖାଇଲେ ପୋଡ ପିଠା
- ଲକ୍ଷ୍ମୀ ନାରାୟଣ ଭେଟ କରାଇଲେ ଗଜପତି



**ପୁରୀ, ୫।୭ (ସଂଚାର ବ୍ୟୁରୋ) :** ଲକ୍ଷ ଲକ୍ଷ ଭକ୍ତଙ୍କ ଗ୍ରହଣରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏହି ଐତିହାସିକ ବାହୁଡା ଯାତ୍ରା ନିର୍ଦ୍ଧାରିତ ସମୟ ପୂର୍ବରୁ ପହଣ୍ଡି ଆରମ୍ଭ ହୋଇଥିବା ବେଳେ ପ୍ରାୟ ଘଣ୍ଟାଏ ପୂର୍ବରୁ ଆରମ୍ଭ ହୋଇଥିଲା ରଥଟଣା। ତେବେ ସନ୍ଧ୍ୟାବେଳକୁ ତିନିରଥ ଶ୍ରୀ ମନ୍ଦିର ସିଂହଦ୍ୱାରରେ ପହଂଚିଥିବା ବେଳେ ଶ୍ରୀନହର ସମୁଖରେ ଲକ୍ଷ୍ମୀନାରାୟଣ ଭେଟ ହୋଇଥିଲା।

ଶେଷ ହେଲା ବିଶ୍ୱନିୟନ୍ତାଙ୍କ ଆଡ଼ପମଣ୍ଡପ ଯାତ୍ରା। ବାହୁଡା ଯାତ୍ରାରେ ଭକ୍ତଙ୍କ ଗହଳି ଚହଳିରେ ଫାଟି ପଡିଥିଲା ସମଗ୍ର ଶ୍ରୀକ୍ଷେତ୍ର। ସମଗ୍ର ବଡଦାଣ୍ଡ ଜନ ସମୁଦ୍ରରେ ପରିଣତ ହୋଇଥିଲା। ଅନୁକୂଳ ପାଗରେ କାଳିଆକୁ ପାଇଁ ଭକ୍ତ ଓ ବଡଦାଣ୍ଡ ନିଜକୁ ଧନ୍ୟ ମନେ କରିଥିଲେ। ଅନ୍ୟପଟେ ମହାପ୍ରଭୁ ଆଜି ବାହୁଡ଼ି ଆସିବାରୁ ଏବେ ଝୁରୁଛି ଗୁଣ୍ଡିଚା ମନ୍ଦିରର ଆଡ଼ପମଣ୍ଡପ ସହ ଶରଧାବାଲି। ଗତ ନଅ ଦିନ ଧରି ମହାପ୍ରଭୁଙ୍କୁ ପାଇଁ ଆଡ଼ପମଣ୍ଡପ ନିଜକୁ ଧନ୍ୟ ମନେ କରୁଥିବା ବେଳେ ଶରଧାବାଲି ଅଂଚଳ ଏବେ ମହାପ୍ରଭୁଙ୍କ ଅନୁପସ୍ଥିତିରେ ନିରବି ପଡିଥିବା ବେଳେ ଏବେ ଶ୍ରୀମନ୍ଦିର ଅଂଚଳ ଜୟ ➪ପୃଷ୍ଠା-୬

### ଆଜି ସୁନାବେଶ, ଅପରାହ୍ଣ ୫ରୁ ରାତି ୧୧ ଯାଏ ଦର୍ଶନ

ଆସନ୍ତାକାଲି ଏକାଦଶୀ ଅବସରରେ ଅନୁଷ୍ଠିତ ହେବ ପବିତ୍ର ସୁନାବେଶ। ବାହୁଡ଼ାଯାତ୍ରାରେ ଫେରିଥିବା ମହାପ୍ରଭୁ ଆସନ୍ତାକାଲି ବଡ ତଡ଼ାଉ ବା ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ରଥ ଉପରେ ମହାପ୍ରଭୁ ଙ୍କ ମଧ୍ୟାହ୍ନଧୁପ ସାରିବାପରେ ସନ୍ଧ୍ୟା ଆଳତି ସହ ମେକାପ ସର୍ବାଙ୍ଗ ନୀତି କରାଯାଇ ସୁନାବେଶ ଲାଗି କରାଯିବା। ଅପରାହ୍ଣ ପ୍ରାୟ ୫ ଟାରୁ ସୁନାବେଶ ରେ ମହାପ୍ରଭୁ ବିଭୂଷିତ ହୋଇ ରାତି ୧୧ ପର୍ଯ୍ୟନ୍ତ ଦର୍ଶନ ଦେବେ। ସୁନାବେଶରେ ଗତ କିଛିବର୍ଷ ଧରି ସର୍ବାଧିକ ଜନ ସମାଗମ ହେଉଥିବାରୁ ରଥଯାତ୍ରା ଓ ବାହୁଡା ଯାତ୍ରା ପରି ସୁରକ୍ଷା ବନ୍ଦୋବସ୍ତ କରାଯିବା ପ୍ରାୟ ୧୦ ହଜାର ପୋଲିସ ଅଧିକାରୀ ଓ କର୍ମଚାରୀ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଓ ଟ୍ରାଫିକ ପରିଚାଳନାରେ ମୁତୟନ ରହିବେ।

## ମାଳିରୁ ଅପହୃତ ତିନି ଭାରତୀୟଙ୍କ ମଧ୍ୟରେ ଜଣେ ଓଡ଼ିଆ

- ଆତଙ୍କବାଦୀଙ୍କ କବଜାରେ ହିଞ୍ଜିଳିର ଭେଙ୍କଟରମଣ
- ଉଦ୍ଧାର ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ



**ହିଞ୍ଜିଳି, ୫।୭ (ସଂଚାର ବ୍ୟୁରୋ) :** ଆଫ୍ରିକୀୟ ରାଷ୍ଟ୍ର ମାଲିରେ ଆତଙ୍କବାଦୀ ସଂଗଠନ ଦ୍ୱାରା ଅପହୃତ ହୋଇଛନ୍ତି ଓଡ଼ିଆ ଯୁବକ। ଅପହୃତ ୩ ଭାରତୀୟଙ୍କ ମଧ୍ୟରେ ଅଛନ୍ତି ଗଞ୍ଜାମ ସମରଝୋଳ ଗାଁର ପି. ଭେଙ୍କଟରମଣ। ପୁଅକୁ ଉଦ୍ଧାର ପାଇଁ ହିଞ୍ଜିଳି ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଆଫ୍ରିକୀୟ ରାଷ୍ଟ୍ର ମାଲିର ଡାୟମଣ୍ଡ ସିମେଣ୍ଟ କାରଖାନାରୁ ଅପହୃତ ହୋଇଛନ୍ତି ୨୮ ବର୍ଷୀୟ ପି. ଭେଙ୍କଟରମଣ। ଭେଙ୍କଟରମଣଙ୍କ ଉଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ସହାୟତା ଲୋଡିଛନ୍ତି ରାଜ୍ୟ ସରକାର।

ଗତ ୧ ତାରିଖରେ ନିଷିଦ୍ଧ ଘୋଷିତ ଆତଙ୍କୀ ସଂଗଠନ ଅଲ କାଏଦାର ଏକ ସହଯୋଗୀ ସଂଗଠନ ୩ ଭାରତୀୟଙ୍କୁ ଅପହରଣ କରିଥିଲା। ପଶ୍ଚିମାଞ୍ଚଳ ମାଲି ଅନ୍ତର୍ଗତ କାୟେସସ୍ଥିତ ଡାୟମଣ୍ଡ ସିମେଣ୍ଟ କାରଖାନାରୁ ସେମାନଙ୍କୁ ଅପହରଣ କରାଯାଇଥିଲା। ଏହି ଅପହୃତ ଭାରତୀୟଙ୍କ ମଧ୍ୟରେ ରହିଛନ୍ତି ଗଞ୍ଜାମ ସମରଝୋଳ ଗାଁର ପି. ଭେଙ୍କଟରମଣ। ମୁମ୍ବାଇର ବ୍ଲୁଷ୍ଟାର କମ୍ପାନୀ ପକ୍ଷରୁ ମାଲିର ଏକ ସିମେଣ୍ଟ କାରଖାନାକୁ ଯାଇ ସେଠାରେ କାମ କରୁଥିଲେ ଭେଙ୍କଟରମଣ। ଗତ ଜୁନ ୩୦ରୁ ପୁଅ ସହ ଯୋଗାଯୋଗ ହୋଇପାରିନି। ପୁଅ ଅପହରଣ ନେଇ ସୂଚନା ମିଳିବା ପରେ ଘରେ ଜଳୁନି ଚୁଲି, କାନ୍ଦ ବୋବାଳିରେ ଫାଟି ଉଠୁଛି ଗାଁ। ପୁଅଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ଜିଲ୍ଲାପାଳଙ୍କ ସହ ପରିବାର ଯୋଗାଯୋଗ କରିଥିଲେ। ଘଟଣା ସମ୍ପର୍କରେ ବୈଦେଶିକ ମନ୍ତ୍ରାଳୟଙ୍କୁ ଯୋଗାଯୋଗ କରିବାକୁ ➪ପୃଷ୍ଠା-୬

### ୟୁ-ଟର୍ଣ୍ଣ ନେଲା ଅର୍ଥ ବିଭାଗ

## ୩ ଘରୋଇ ବ୍ୟାଙ୍କ ଉପରୁ ହଟିଲା ବ୍ୟାନ୍



**ଭୁବନେଶ୍ୱର, ୫।୭ (ସଂଚାର ବ୍ୟୁରୋ) :** ଦେଶର ୩ଟି ପ୍ରମୁଖ ଘରୋଇ ବ୍ୟାଙ୍କ ସହ ସମସ୍ତ ପ୍ରକାରର ବ୍ୟବସାୟିକ କାରବାର ବନ୍ଦ ପାଇଁ ନେଇଥିବା ନିଷ୍ପତ୍ତିରୁ ଆଜି ରାଜ୍ୟ ସରକାର ଓହରି ଯାଇଛନ୍ତି। ଏହି ୩ଟି ଘରୋଇ ବ୍ୟାଙ୍କଗୁଡ଼ିକ ଉପରେ ଜୁନ୍ ୨୧ ତାରିଖରେ ଲାଗୁ କରିଥିବା କଟକଣାକୁ ପ୍ରତ୍ୟାହାର କରି ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକ ସହ ସମସ୍ତ ପ୍ରକାରର ସରକାରୀ କାରବାର ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହି ତିନି ଘରୋଇ ବ୍ୟାଙ୍କର ରାଜ୍ୟ ମୁଖ୍ୟଙ୍କ ସହ ଆଲୋଚନା କରିଥିଲେ।

୧୫ଦିନ ତଳେ ଏହି ୩ଟି ଘରୋଇ ବ୍ୟାଙ୍କକୁ ସରକାରୀ ଫ୍ଲାଗସିପ ଯୋଜନାରେ ଖରାପ ପ୍ରଦର୍ଶନ ଏବଂ ସାଧାରଣ ବ୍ୟାଙ୍କିଙ୍ଗ ମାନଦଣ୍ଡରେ ନିରାଶାଜନକ କାର୍ଯ୍ୟର ଅଭିଯୋଗରେ ପ୍ୟାନେଲରୁ ବାଦ୍ ଦେଇଥିଲେ ସରକାର। ରାଜ୍ୟ ଅର୍ଥ ବିଭାଗ ଜୁନ୍ ୨୧ତାରିଖରେ ଏଚଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଆକ୍ସିସ ବ୍ୟାଙ୍କ ସହ ସମସ୍ତ ପ୍ରକାରର ସରକାରୀ କାରବାର ବନ୍ଦ ନିମନ୍ତେ ସବୁ ବିଭାଗର ସଚିବ, ବିଭାଗୀୟ ମୁଖ୍ୟ ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲା। ମାତ୍ର ଅର୍ଥ ବିଭାଗ ପୁଣିଥରେ ଜୁନ୍ ୨୪ତାରିଖରେ ଏକ ସଂଶୋଧିତ ନିର୍ଦ୍ଦେଶନାମା ଜାରି ପୂର୍ବ ନିର୍ଦ୍ଦେଶକୁ କୋହଳ କରିଥିବାର ସନ୍ଦେଶ ଦେଲା। ଆଉ ଜୁଲାଇ ୧ତାରିଖରେ ଏହି ୩ଟି ବ୍ୟାଙ୍କର ଶୀର୍ଷ ପଦାଧିକାରୀମାନେ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ବୈଠକ କରିଥିଲେ। ସେମାନେ ସରକାରୀ ଯୋଜନା ଅଧୀନରେ ସେମାନଙ୍କ ପ୍ରଦର୍ଶନରେ ସୁଧାରିବେ ଏବଂ ପ୍ରାଥମିକତା କ୍ଷେତ୍ର ଋଣ ଓ ସିଡି ଅନୁପାତ (କ୍ରେଡିଟ୍ ଜମା ଅନୁପାତ) ଆଦିରେ ଉନ୍ନତି ଆଣିବେ ବୋଲି ଲିଖିତ ଭାବେ ଜଣାଇବା ସହ ସେମାନଙ୍କୁ ପ୍ୟାନେଲ ଲିଷ୍ଟରୁ ନହଟାଇବାକୁ ଅନୁରୋଧ କରିଥିଲେ। ଅର୍ଥ ବିଭାଗ ଦ୍ୱାରା ଆଜି ଜାରି କରିଥିବା ନିର୍ଦ୍ଦେଶନାମାରେ ଏହି ସୂଚନା ଦିଆଯାଇଛି।

ଏହି ୩ଟି ➪ପୃଷ୍ଠା-୬

## ମହଙ୍ଗା ପଡ଼ିବ ସରକାରଙ୍କ ସହ ପଙ୍ଗା !



**ଭୁବନେଶ୍ୱର, ୫।୭ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାରଙ୍କ ବିରୋଧରେ ବିରୋଧୀ ଦଳର ବ୍ଲୁପ୍ରିଣ୍ଟରେ ଓଡିଶା ପ୍ରଶାସନିକ ସେବା ବା ଓଏଏସ ସଂଘ ଯୁଦ୍ଧଂଦେହୀ ଡାକରା ଦେଇଥିଲା। ସଂଘର ଚାପରେ ସରକାର ମଧ୍ୟ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଥିଲେ। ଘଟଣାସ୍ଥଳରେ ନଥାଇ ମଧ୍ୟ ବିଜେପି ନେତା ଜଗନ୍ନାଥ ପ୍ରଧାନ ଗିରଫ ହେଲେ। ତେବେ ଜରୁରୀକାଳିନ ସ୍ଥିତିରେ ସରକାରଙ୍କୁ ବ୍ଲାକମେଲ କରିଥିବା ସଂଘର ନେତୃତ୍ୱ ନେଉଥିବା ନେତାମାନେ ସ୍କାନରରେ ରହିଛନ୍ତି। ଏଥିସହିତ ବିରି ମାଡରେ କୋଳଥ ଚେପା ନ୍ୟାୟରେ ଏବେ ସଂଘର ନେତା ସାଜିଥିବା ବରିଷ୍ଠଙ୍କ ସହ କିଛି କନିଷ୍ଠ ଓ ନବାଗତ ଓଏଏସ ଅଫିସର ବି ହରଡଘଣାରେ ପଡିବାକୁ ଯାଉଛନ୍ତି।

- ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ
- ବରିଷ୍ଠଙ୍କ ସହ କନିଷ୍ଠ ଅଫିସର ବି ପ୍ରଭାବିତ ହେବେ
- ଅଟକି ପାରେ ପଦୋନ୍ନତି ଓ ବାର୍ଷିକ ବେତନ ବୃଦ୍ଧି

ଲୋକସେବା ଭବନ ରେଡ କରିଡରରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ ଏବେ ସରକାର ଆନ୍ଦୋଳନକୁ ଯାଇଥିବା ଅଫିସରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ରଥଯାତ୍ରା ସରିବା ପରଦିନଠାରୁ ହିଁ ଏହି ପ୍ରକ୍ରିୟା ଆରମ୍ଭ ହୋଇଯିବା। କାରଣ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ଏବଂ ସରକାରୀ କର୍ମଚାରୀଙ୍କ କଣ୍ଡକ୍ଟ ରୁଲ ଅନୁଯାୟୀ ସେମାନେ ଆନ୍ଦୋଳନକୁ ଓହ୍ଲାଇପାରିବେ ନାହିଁ। ଏପରିକି ଛୁଟିରେ ଯିବା ପୂର୍ବରୁ ମଧ୍ୟ ଅଫିସରଙ୍କୁ ସେମାନଙ୍କ ଉପରିସ୍ଥ ଅଧିକାରୀଙ୍କ ଅନୁମତି ନେବା ବାଧ୍ୟତାମୂଳକ। ସମୂହ ଛୁଟିରେ ଯିବା ପୂର୍ବରୁ ସବୁ ଓଏଏସ ଅଫିସରମାନେ ନିଜ ନିଜର ଉପରିସ୍ଥ ଅଧିକାରୀଙ୍କ ଅନୁମତି ନେଇଥିଲେ ତ, ଏବେ ତାର ଖୋଳତାଡ ଆରମ୍ଭ ହୋଇଯାଇଛି। ସରକାରୀ ନିୟମ ଅନୁଯାୟୀ କର୍ମଚାରୀମାନେ ଅନଅଥୋରାଜ ଲିଭ ବା ବେଆଇନ ଭାବେ ଛୁଟିରେ ରହିଲେ ସେମାନଙ୍କ ଦରମା କାଟ ହେବ। ତା ସାଙ୍ଗକୁ ସର୍ଭିସ କୋର୍ଡର ଧାରା ୧୫ ଅନୁଯାୟୀ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ହୋଇପାରିବ। ତେଣୁ ବେଆଇନ ଭାବେ ସମୂହ ଛୁଟିରେ ଯାଇଥିବା ଓଏଏସ ଅଫିସରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଯୋଜନା ଚାଲିଛି। ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେଲେ ସେମାନଙ୍କର ବାର୍ଷିକ ବେତନ ବୃଦ୍ଧି ପ୍ରଭାବିତ ହେବା ସହ ପଦୋନ୍ନତି ମଧ୍ୟ ଅଟକିଯିବ। ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଚୂଡାନ୍ତ ନହେବା ପର୍ଯ୍ୟନ୍ତ ସେମାନଙ୍କ ବାର୍ଷିକ ବେତନ ବୃଦ୍ଧି ଓ ପଦୋନ୍ନତି ହୋଇପାରିବ ନାହିଁ। ଏକ୍ଷେତ୍ରରେ ହୁଏତ ସଂଘର ନେତୃତ୍ୱ ନେଉଥିବା ନେତାମାନେ ଯେତିକି ➪ପୃଷ୍ଠା-୬

## 'ବ୍ରାଣ୍ଡ୍ କୋରାପୁଟ'ରେ ପରିଣତ ହେବ କୋରାପୁଟ



- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ହେବ ନବକଳେବର
- ୪୮୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭୂମିପୂଜନ
- ୬ ଅଗ୍ରଣୀ କେନ୍ଦ୍ରୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଏମଓୟୁ

**ସୁନାବେଡ଼ା/କୋରାପୁଟ, ୫।୭ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲାରେ ଅବସ୍ଥାପିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କେବଳ ଏକ ଅନୁଷ୍ଠାନ ନୁହେଁ ବରଂ କୋରାପୁଟ ଏବଂ ଜନଜାତି ଯୁବଶକ୍ତିଙ୍କ ପାଇଁ ସୁଯୋଗ ଓ ସମ୍ଭାବନାର ଏକ ନୂଆ ଦିଗନ୍ତ। କେନ୍ଦ୍ର ସରକାର ଏହି ବିଶ୍ୱବିଦ୍ୟାଳୟର ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ତଥା ନବକଳେବର ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ନିବେଶ କରିଛନ୍ତି ବୋଲି ଶନିବାର ପବିତ୍ର 'ବାହୁଡ଼ା ଯାତ୍ରା' ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭୂମିପୂଜନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ଭିତ୍ତିଭୂମିର ବିକାଶ ପାଇଁ ପ୍ରାୟ ୪୮୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପଗୁଡ଼ିକ ପାଇଁ ଭୂମିପୂଜନ କରିବା ସହ ଅନ୍ୟାନ୍ୟ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ। ଏହି ଅବସରରେ ସେ କହିଛନ୍ତି ଯେ ଏହି ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଅନେକ ସଂକଳ୍ପ ନେଇ ଆଗକୁ ବଢ଼ୁଛି। ଓଡିଶା ତଥା କୋରାପୁଟରେ ଗୁଣାତ୍ମକ ଶିକ୍ଷାର ପ୍ରସାର ତଥା ଭିତ୍ତିଭୂମି ବିକାଶ ପାଇଁ ଆଜି ଲୋକାର୍ପିତ ଓ ଭୂମିପୂଜନ ହୋଇଥିବା ପ୍ରକଳ୍ପ ଗୁଡ଼ିକ ଦ୍ୱାରା ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଉପକୃତ ହେବେ। ➪ପୃଷ୍ଠା-୬



### 'ହାଲ୍' ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର କୋରାପୁଟ ଗସ୍ତରେ ସୁନାବେଡ଼ା ସ୍ଥିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିଃ (ହାଲ୍) ପରିଦର୍ଶନ କରିବା ସହ ଆୟୋଜିତ ଏକ ବୈଠକରେ ଯୋଗଦେଇ ହାଲର ପ୍ରତିନିଧି ଦଳକୁ ବିଭିନ୍ନ ପ୍ରସ୍ତାବମାନ ଦେଇଛନ୍ତି। ଏମଆଇଜି ଓ ସୁଖୋଇ ସିରିଜ୍ ବିମାନ ପାଇଁ ଇଞ୍ଜିନ ଓ ଯନ୍ତ୍ରାଂଶ ନିର୍ମାଣ କରୁଥିବା ହାଲ୍ ବିଶ୍ୱରେ ସ୍ୱତନ୍ତ୍ର ଗୌରବ ଅର୍ଜନ କରିଛି। ଏଭିଓନିକ୍ସ, ଏରୋସ୍ପେସ୍, ପ୍ରତିରକ୍ଷା ଏବଂ ଅନ୍ୟାନ୍ୟ ➪ପୃଷ୍ଠା-୬

## ରୋଗୀ ବଦଳେ ଯାତ୍ରୀ ବୋହୁଛି ଆମ୍ବୁଲାନ୍ସ

**ପୁରୀ, ୫।୭ (ସଂଚାର ବ୍ୟୁରୋ) :** ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦେଖିବା ପାଇଁ ପୁରୀକୁ ଛୁଟି ଆସିଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ଭକ୍ତଙ୍କ ଭିଡ଼ ରାସ୍ତାଘାଟ ସବୁ ଜାମ୍। ଆଉ ଏହାରି ଭିତରେ ପୁରୀ ଡାକ୍ତରଖାନାରେ ପହଞ୍ଚିଥିଲା ଏକ ଆମ୍ବୁଲାନ୍ସ। ଆମ୍ବୁଲାନ୍ସରେ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ଅଣାଯାଇଥିବ ବୋଲି ଲୋକେ ଭାବୁଥିଲେ। ରାସ୍ତାରେ ଯାଉଥିବା ଅନ୍ୟଗାଡ଼ି ମଧ୍ୟ



ଠିକ୍ ଏମିତି ଭାବି ଆମ୍ବୁଲାନ୍ସକୁ ବାଟ ଛାଡ଼ି ଦେଇଥିଲେ। ହେଲେ ଡାକ୍ତରଖାନାରେ ଆମ୍ବୁଲାନ୍ସ ଗେଟ୍ ଖୋଲିବା ପରେ ସାମ୍ନାକୁ ଆସିଲା ଆଖି ତରାଟି ➪ପୃଷ୍ଠା-୬



### କାନ ଡେରିଆ

ପାଣ୍ଡିଆନ ଏଠି ଚାଲ କରିଦେଇ
ସଭିଙ୍କୁ ଘାଇଲା କଲା
ବିନା ନେତୃତ୍ୱରେ ସରକାରଟିକୁ
ହଲେଇ ଝୁଲେଇ ଦେଲା
ସରକାର ଦେଖିଲା ପାଲା...
ତାମିଲ ଲୋକଟା ଓଡ଼ିଶାରେ
ରହି
ପବ୍ଲିସିଟି ପାଇଗଲା।

■ ଦେବାଶିଷ

### ବିଜେଡିରେ ପାତରଅନ୍ତର

## ଲେଖାଶ୍ରୀଙ୍କ ପାଇଁ ଛିଡ଼ା ହେଉଛନ୍ତି ନବୀନ

### ଶ୍ରୀମୟୀ, ଏଲିନା, ସଯୁକ୍ତାଙ୍କ ବେଳକୁ କାହିଁକି ଚୁପ୍ ?





**ଭୁବନେଶ୍ୱର, ୫।୭ (ସଂଚାର ବ୍ୟୁରୋ) :** ବିଜେଡିରେ କିଛି ନେତା ଓ କର୍ମୀଙ୍କୁ ଗୁରୁତ୍ୱ ଦିଆଯାଉଥିବା ବେଳେ କିଛି ନେତା କର୍ମୀ ଦଳର ନୀତି ନୈତିକତା ସହ ବାନ୍ଧି ହୋଇ ରହିଥିଲେ ବି ତାଙ୍କୁ ଅଣଦେଖା କରାଯାଉଛି। ଅବଶ୍ୟ ବିଜେଡି ଏ ଟ୍ରେଣ୍ଡ କିଛି ନୁଆ ନୁହେଁ। ଦଳ ଗଠନ ପରଠାରୁ ଏମିତି ଅନେକ ନଜିର ରହିଛି ଯେଉଁଠି ଦଳ ପ୍ରତି ଆନୁଗତ୍ୟ ରଖିଥିବା ନେତାଙ୍କୁ ଗୌଣ କରାଯାଇ ଉଡନ୍ତ ଚଢେଇଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଏ। ବିଜେଡିରେ ଏଭଳି ପାତରଅନ୍ତରର ଆଉ ଏକ ଦୃଷ୍ଟାନ୍ତ ଏବେ ଦେଖିବାକୁ ମିଳିଛି। ନିର୍ବାଚନର କିଛି ସପ୍ତାହ ପୂର୍ବରୁ ଟିକେଟ ଆଶାରେ ବିଜେଡିରେ ମିଶିଥିବା ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଦଳ ପାଇଁ ଏବେ ବି ନିଷ୍ଠାର ସହ କାମ କରୁଥିବା ଶ୍ରୀମୟୀ ମିଶ୍ର, ଏଲିନା ଦାଶଙ୍କ ପରି ନେତାଙ୍କୁ ଅଣଦେଖା କରାଯାଉଛି।

ଅବଶ୍ୟକ ଲେଖାଶ୍ରୀଙ୍କ ପ୍ରତି ନିଳଗିରି ବିଧାୟକ ଦେଇଥିବା ଅସୌଜନ୍ୟ ଟିପଣୀ କୌଣସି ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ଲେଖାଶ୍ରୀଙ୍କ ପରି ଜଣେ ଉଚ୍ଚଶିକ୍ଷିତ ମହିଳା ଓ ରାଜ୍ୟର ଜଣେ ପ୍ରତିଷ୍ଠିତ ନାରୀ ନେତ୍ରୀଙ୍କ ପ୍ରତି ଏଭଳି ଅଶାଳୀନ ମନ୍ତବ୍ୟ ସବୁବେଳେ ନିନ୍ଦନୀୟ। ଜଣେ ଲୋକ ପ୍ରତିନିଧି ଭାବେ ନିଳଗିରି ବିଧାୟକ ନିଜ ଭାଷାରେ ଶାଳିନତା ରଖିବା ଏକାନ୍ତ ଜରୁରୀ। ଏଥିରେ କାହାର ଦ୍ୱିମତ ନାହିଁ। ଆମେ ମଧ୍ୟ ଏହାକୁ ନିନ୍ଦା କରୁଛୁ।

ହେଲେ ଗୋଟିଏ କଥା ଆମକୁ ଟିକେ ଖଟକା ଲାଗୁଛି, ତାହା ହେଲା ଲେଖାଶ୍ରୀଙ୍କ ପ୍ରତି ଜଣେ ବିଧାୟକ ଅଶାଳୀନ ମନ୍ତବ୍ୟ ଦେବାରୁ ବିଜେଡି ସଭାପତି ଓ ନେତାମାନେ ଚିଙ୍କି ଉଠୁଛନ୍ତି। କିନ୍ତୁ ଯେତେବେଳେ ଶ୍ରୀମୟୀ ମିଶ୍ର ଓ ଏଲିନା ଦାଶଙ୍କ ପ୍ରତି ନିର୍ବାଚନ ସମୟରେ ଓ ନିର୍ବାଚନ ପରେ ବିରୋଧୀ ଦଳର ନେତା ଓ କର୍ମୀମାନେ ଅତ୍ୟନ୍ତ ଅଶୋଭନୀୟ ଭାବେ କଦର୍ଯ୍ୟ ଭାଷାରେ ସୋସିଆଲ ମିଡିଆରେ ସେମାନଙ୍କ ଇଜ୍ଜତକୁ ଭୂଲୁଣ୍ଠିତ କରୁଥିଲେ ସେତେବେଳେ ଦଳର ସଭାପତି ଓ ଅନ୍ୟ ବରିଷ୍ଠ ନେତାମାନେ କୁଆଡେ ଥିଲେ। କାହିଁକି ସେତେବେଳେ ଦଳର ମୁଖିଆ ଭାବେ ନବୀନ ପଟ୍ଟନାୟକ ସୋସିଆଲ ମିଡିଆରେ ଏହାକୁ ନିନ୍ଦା କଲେ ନାହିଁ? ଯେଉଁମାନେ ଏହି ଦୁଇ ନାରୀ ନେତ୍ରୀଙ୍କ ପ୍ରତି ଅଭଦ୍ର ଭାଷାର ବ୍ୟବହାର କରୁଥିଲେ ସେମାନଙ୍କ ବିରୋଧରେ କାହିଁକି ଥାନାରେ କେଶ କରାଗଲାନାହିଁ?

ଶ୍ରୀମୟୀ ମିଶ୍ରଙ୍କୁ ପ୍ରଥମେ ନବୀନ ନିବାସରୁ ସବୁଜ ସଙ୍କେତ ଦେଇ ପ୍ରଚାର କରିବାକୁ ମୈଦାନକୁ ଓହ୍ଲାଇଦିଆଗଲା। ହଠାତ ତାପରେ ତାଙ୍କ ବଦଳରେ ଆଉ ଜଣଙ୍କୁ ପ୍ରାର୍ଥୀ କରାଗଲା। ସେ ପୁଣି ଛାତ୍ର ଜୀବନରୁ ବିଜେଡି ପାଇଁ ଲଢେଇ କରିଆସୁଛନ୍ତି। ଟିକେଟ କାଟିବା ପରେ ମଧ୍ୟ ସେ ଦଳ ଛାଡି ନାହାଁନ୍ତି କି ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ହୋଇନାହାଁନ୍ତି। ଏପରି ଦଳର ନୀତି ନୈତିକତା ବିରୋଧରେ ମଧ୍ୟ ସେ ଯାଇନାହାଁନ୍ତି।

ସେହିଭଳି ଏଲିନା ଦାଶ ମଧ୍ୟ ତାଙ୍କ ଛାତ୍ର ଜୀବନରୁ ବିଜେଡି ସହ ରହିଆସିଛନ୍ତି। ଏଥିପାଇଁ ତାଙ୍କୁ କମ ବଳିଦାନ ଦେବାକୁ ପଡିନି। ଦଳର ପ୍ରଚାର ପାଇଁ ତାଙ୍କୁ ସେଲିବ୍ରିଟି ଭାବେ ରାଜ୍ୟ ଯାକ ବୁଲାଯାଉଥିଲା। ଦଳର ସବୁ ରାଜନୈତିକ କାର୍ଯ୍ୟକ୍ରମରେ ସେ ଆଗରେ ରହିଥାନ୍ତି। ହେଲେ ଗତ ୧୫ ବର୍ଷ ହେଲା ନା ଦଳରେ ତାଙ୍କୁ କୌଣସି ପଦପଦବୀ ମିଳୁଛି ନା ସମ୍ମାନ। କେବଳ ପ୍ରଚାର ପାଇଁ ଜଣେ ସେଲିବ୍ରିଟି କଣ୍ଢେଇ ଭଳି ତାଙ୍କୁ ବ୍ୟବହାର କରାଯାଉଛି। ସଯୁକ୍ତା ମହଲାଙ୍କ ଉଦାହାରଣ ମଧ୍ୟ ନିଆଯାଇପାରେ। ସେ ଯେତେବେଳେ ଦଳର ମନ୍ତ୍ରୀ ତଥା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ➪ପୃଷ୍ଠା-୬

## ଇସ୍କନ ମନ୍ଦିରରୁ ଚୋରି




**ରାଜନଗର,୫।୭ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ ବ୍ରାହ୍ମଣସାହି ପଞ୍ଚାୟତ ଗଜରାଜପୁର ଠାରେ ଥିବା ଇସ୍କନ ମନ୍ଦିରରେ ଗତକାଲି ରାତିରେ ଦୁର୍ବୃତ୍ତ ଠାକୁରଙ୍କ ଦାନ ବାକ୍ସ ସହ ଅନ୍ୟାନ ସାମଗ୍ରୀ ଲୁଟ କରି ନେଇଥିବା ଜଣାପଡ଼ିଛି। ଇସ୍କନ ମନ୍ଦିରର ସମ୍ପାଦକ ଅର୍ଜୁନ ଚରଣ ନାୟକଙ୍କ ଅଭିଯୋଗ ମୁତାବକ ୪ ତାରିଖ ରାତି ପ୍ରାୟ ୨ ଟା ବେଳେ କିଛି ଦୁର୍ବୃତ୍ତ ମନ୍ଦିର ଭିତରେ ପଶି ଭକ୍ତମାନଙ୍କୁ ବାହାରୁ ତାଲା ପକାଇ ଦାନ ବାସ୍କ, ରୂପାର ଥାଳି, ଗିନା, କଂସା, ଲାପଟପ ଟ୍ୟାବ ଆଦି ଲୁଟି ନେଇଛନ୍ତି। ମନ୍ଦିରର କିଛି ଭକ୍ତ ବାହୁଡା ଯାତ୍ରା ପାଇଁ ପୁରୀ ଯାଇଥିବାର ସୁଯୋଗ ନେଇ ଦୁର୍ବୃତମାନେ ଏହି ଚୋରି କରିଥିବା ଜଣାପଡ଼ିଛି। ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜରେ ୭ ଜଣ ଦୁର୍ବୃତ ଦୁଇଟି ବାଇକରେ ଆସି ମନ୍ଦିର ନିକଟରେ ଓହଳାଉଛନ୍ତି। ୫ ଜଣ ପଳାଇ ଯାଉଛନ୍ତି, ଦୁଇ ଜଣଙ୍କ ମଧ୍ୟରୁ ଜଣେ ବାହାରେ ଜଗି ରହୁଛି ଅନ୍ୟ ଜଣେ ମନ୍ଦିର ଭିତରେ ପ୍ରବେଶ କରୁଛି। ମନ୍ଦିର ତାଲା ଭାଙ୍ଗି ଭିତରୁ ଦାନ ବାକ୍ସ ଲୁଟିଆ ନେବାର ଦୃଶ୍ୟ କଏଦ ହୋଇ ରହୁଛି। ୩/୪ ଥର ଦୁର୍ବୃତ ମନ୍ଦିର ବାହାରକୁ ଆସିବା ଓ ଭିତରକୁ ଯାଇଥିବା ଦେଖିବାକୁ ମିଳିଛି। ମନ୍ଦିରରୁ ବାହାରିବା ପରେ ଦୁର୍ବୃତ ଫୋନରେ କଥା ହୋଇ ଚାଲି ଚାଲି ଯାଉଥିବା ସିସିଟିଭିରେ କୟଦ ହୋଇଛି। ପୁଲିସ ଅଭିଯୋଗ ପାଇବା ପରେ ଛାନଭିନ ଆରମ୍ଭ କରିଛି।

## ସାପ କାମୁଡାରେ ମହିଳା ମୃତ

**ରାଜନଗର,୫।୭ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ ଡେରା ପଞ୍ଚାୟତ କାଠପାଙ୍ଗରା ଗ୍ରାମର ଜଣେ ମହିଳା ଶୋଇଥିବା ଅବସ୍ଥାରେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଗାଁର ବେଣୁଧର ସାମଲଙ୍କ ସ୍ତ୍ରୀ କବିତା ସାମଲ ଘରେ ଘରେ ଶୋଇଥିଲେ। ଆଜି ଦିନ ୮ଟା ଯାଏଁ ନଉଠିବାରୁ ପରିବାର ଲୋକେ କବାଟ ତାଡି ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। କବିତା ରହୁଥିବା ଘରେ ବିଷଧର ସାପକୁ ଦେଖିବାକୁ ମିଳିଥିବାରୁ ସାପ କାମୁଡାରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ଆଳି ପଠାଇଛି। କବିତାଙ୍କ ସ୍ୱାମୀ ବିଦେଶରେ ରହୁଥିବା ବେଳେ ଝିଅ ଭୁବନେଶ୍ୱରରେ ପାଠ ପଢନ୍ତି।

## ଜ୍ୟୋସ୍ନା ଫିଲିଙ୍ଗ ସେଣ୍ଟରରେ ପାଣିମିଶା ପେଟ୍ରୋଲ୍ ବିକ୍ରି ଅଭିଯୋଗ




**ସାଲେପୁର,୫।୭ (ସଂଚାର ବ୍ୟୁରୋ):** ସାଲେପୁର କୁଆଁପାଳ ରାସ୍ତାର ବେଙ୍ଗସାହୁ କଲୋନୀ ନିକଟରେ ଥିବା ହିନ୍ଦୁସ୍ତାନ ପେଟ୍ରୋଲ ପମ୍ପରେ ସ୍ଥାନୀୟ ମାହାଙ୍ଗା ଅଞ୍ଚଳର ଗ୍ୟାରେଜ ମିସ୍ତ୍ରୀ ଚନ୍ଦନ ପାତ୍ର ତାଙ୍କ ଗାଡିରେ ଏଠାରୁ ପେଟ୍ରୋଲ ପକାଇ କିଛି ବାଟ ଯିବା ପରେ ତାଙ୍କ ଗାଡି ଆଉ ନଚାଲିବାରୁ ସେ ପେଟ୍ରୋଲ ଚେକ୍ କରିଥିଲେ। ଏହି ପେଟ୍ରୋଲ ପାଣି ମିଶାଥିବାରୁ ଗାଡି ଚାଲିନଥିବା ସେ ଜାଣିବାକୁ ପାଇବାରୁ ଗାଡି ଭିତରୁ ଏହି ପାଣି ମିଶା ପେଟ୍ରୋଲ ବାହାର କରି ଆଣି ପେଟ୍ରୋଲ ପମ୍ପର କର୍ମଚାରୀଙ୍କୁ ତାହା ଦେଖାଇ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ପାଣି ମିଶା ପେଟ୍ରୋଲ ଏଠାରେ କିଭଳି ବିକ୍ରି କରାଯାଉଛି ତା ନେଇ ସେ ତଦନ୍ତ ଦାବି କରିଥିଲେ। ଅପର ପକ୍ଷରେ ଏ ସମ୍ପର୍କରେ ଜ୍ୟୋସ୍ନା ପିଲିଙ୍ଗ ସେଣ୍ଟରର କର୍ତ୍ତୃପକ୍ଷ କହିଛନ୍ତି ଯେ ଆମର ଏଠାରେ ଏଭଳି ପାଣି ମିଶା ପେଟ୍ରୋଲ ଦିଆ ଯାଉ ନାହିଁ। ଏହି ଘଟଣାରେ ସତ୍ୟତା ନଥିବା ସେ କହିଥିବା ବେଳେ ପାଣି ମିଶା ପେଟ୍ରୋଲ ପକାଇଥିବା ଚନ୍ଦନ ପାତ୍ର କହିଛନ୍ତି ଯେ ପେଟ୍ରୋଲ ପମ୍ପର ମାଲିକ ମିଛ କହିଛନ୍ତି। ଏହି ଘଟଣାରେ ମାପ ଓଜନ ବିଭାଗ ପକ୍ଷରୁ ଚଢଉ କରାଯାଇ ତଦନ୍ତ ହେଲେ ସବୁ କଥା ଜଣାପଡ଼ିବ।

## ବିନା ଅନୁମତିରେ ରଥଯାତ୍ରାକୁ ଆସିଥିବା ୭ ଡିଜେ ଗାଡି ଜବତ

**ସାଲେପୁର,୫।୭ (ସଂଚାର ବ୍ୟୁରୋ):** ସାଲେପୁର ରଥଯାତ୍ରାରେ ବିନା ଅନୁମତିରେ ୭ଟି ଡିଜେ ସାଉଣ୍ଡ ଗାଡି ଯୋଗଦେବାକୁ ଆସିଥିବା ବେଳେ ସାଲେପୁର ପୁଲିସ୍ ଆଇଆଇସି ଅନୀତା ସାହୁ ଏହି ଘଟଣାରେ ୭ଟି ଡିଜେ ଗାଡିକୁ ଜବତ କରିବା ସହ ଥାନାକୁ ନେଇ ଯାଇଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର କମିଟି ଓ ସାଲେପୁର ପୁଲିସ୍‌ର ବିନା ଅନୁମତିରେ ଏହି ଡିଜେ ଗାଡି ଗୁଡିକ ଆସିଥିବାରୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ପୁଲିସ୍ ସୂତ୍ରରୁ ଜଣାଯାଇଛି।

### ଦକ୍ଷିଣ ମୋଡ଼ ନେଲା ବ୍ରହ୍ମତାଳଧ୍ୱଜ

# ଆଜି ବଡ଼ଦେଉଳ ଅଭିମୁଖେ ଗଡ଼ିବ ରଥ

**ଅନୁପସ୍ଥିତ ରହିଲେ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଏସ୍‌ପି**

**ପହଣ୍ଡି ବିଜେ ବେଳେ ହେଲାନି ଲାଇଟ୍ ବ୍ୟବସ୍ଥା**

**ମୋବାଇଲ୍ ଫ୍ଲାସ୍ ଲାଇଟ୍ ମାରିଲେ ଭକ୍ତ**

**କେନ୍ଦ୍ରାପଡ଼ା,୫।୭ (ସଂଚାର ବ୍ୟୁରୋ):** ନବଦିନବ୍ୟାପୀ ଯାତ୍ରା ପରେ ଏବେ ବଡ଼ଦେଉଳକୁ ବାହୁଡ଼ିବାର ପର୍ବ। ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ ଦେବତା ମହାପ୍ରଭୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜିଉ ଅନୁଜ ଶ୍ରୀଜଗନ୍ନାଥ ଓ ଭଉଣୀ ସୁଭଦ୍ରାଙ୍କ ସହ ଶ୍ରୀମନ୍ଦିରକୁ ବାହୁଡ଼ିବା ଲାଗି ବାହୁଡ଼ା ଦଶମୀରେ ଆଜି ରଥାରୂଢ଼ ହୋଇଛନ୍ତି। ବିଶ୍ୱର ସର୍ବବୃହତ୍ ବ୍ରହ୍ମ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ ନେବା ପରେ ଧାଡ଼ି ପହଣ୍ଡିରେ ଶ୍ରୀଜିଉମାନଙ୍କୁ ରଥ ଉପରକୁ ନିଆଯାଇଥିଲା। କିନ୍ତୁ ଆଜି ପ୍ରଶାସନର ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା ।

ସନ୍ଧ୍ୟା ପରେ ଯେତେବେଳେ ମହାପ୍ରଭୁ ରଥ ପହଣ୍ଡି ହେଉଥିଲେ ସେହି ସମୟରେ ଇଚ୍ଛାପୁର ରଥ ଦାଣ୍ଡରେ ଲକ୍ଷାଧିକ ଭକ୍ତ ସମାଗମ ହୋଇଥିଲେ। ନୀତି ବିଳମ୍ବ ହେବା ଆଗରୁ ଜଣିକି ମଧ ରଥ ପାଖରେ କୌଣସି ସ୍ୱତନ୍ତ୍ର ଲାଇଟ୍ ବ୍ୟବସ୍ଥା ହୋଇନଥିଲା । ଯାହା ଫଳରେ ଆବଶ୍ୟକୀୟ ଲାଇଟ୍ ଠୁ କମ୍ ଥିଲା କିନ୍ତୁ ସେହି ସମୟରେ ଶ୍ରଦ୍ଧାଳୁ ବା ଭକ୍ତମାନେ ନିଜର ମୋବାଇଲ୍ ଫ୍ଲାସ ଲାଇଟ୍ ରଥ ଆଡ଼କୁ ମାରିଥିଲେ। ଯାହା ଫଳରେ ଭକ୍ତମନେ କ୍ଷୋଭ ପ୍ରକାଶ କରିବା ସହ ପ୍ରଶାସନ ଅବହେଳା ପାଇଁ ଏହା ଦେଖାଗଲା ବୋଲି କହିଛନ୍ତି ।

ଅନ୍ୟପଟେ ତୁଳସୀକ୍ଷେତ୍ରରେ ଗତ ଚାରିବର୍ଷ ଧରି ବିଭିନ୍ନ ସମସ୍ୟା ଦେଖାଯାଉଥିଲେ ସୁଦ୍ଧା କିନ୍ତୁ ଆଜି ବାହୁଡ଼ା ଦଶମୀରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ଜିଲ୍ଲାପାଳ, ଉପଜିଲ୍ଲାପାଳ କିମ୍ବା ଏସପି ଉପସ୍ଥିତ ନଥିଲେ । ଆସନ୍ତାକାଲି ଅପରାହ୍ନରେ ପୁଣି ରଥ ବଡ଼ଦେଉଳ ଅଭିମୁଖେ ଯାତ୍ରା କରିବ। ଆଜି ପବିତ୍ର ବଡ଼ ଦଶମୀ ବା ପ୍ରଥମ ବାହୁଡ଼ା ଯାତ୍ରା ଅବସରରେ ମହାପ୍ରଭୁଙ୍କ ସମସ୍ତ ପାରମ୍ପରିକ ନୀତିକାନ୍ତି ଦିବା ୧୨ଟା ସୁଦ୍ଧା ଶେଷ ହୋଇଥିଲା। ଆଜିକାର ଏକମାତ୍ର ଖେଚୁଡ଼ି ଧୂପ ସଅଳ ମଣୋହି ହେବା ପରେ ରଥର ଦିଗ ପରିବର୍ତ୍ତନ ଆରମ୍ଭ କରାଯାଇଥିଲା। ମନ୍ଦିର ପ୍ରଶାସନ, ପୁଲିସ ପ୍ରଶାସନ ଓ ଜନସାଧାରଣଙ୍କ ସହଯୋଗ ଥାଇ ମଧ ବହୁ ବିଳମ୍ବ ହେବା ସହ ଅପରାହ୍ନ ୫ଟାରେ ରଥର ଦକ୍ଷିଣ ମୋଡ଼ କାର୍ଯ୍ୟ ଶେଷ ହୋଇଥିଲା। ପାଗ ଅନୁକୂଳ ଥାଇ ସୁଦ୍ଧା ନୀତିକାନ୍ତି ବିଳମ୍ବ ହେବା



କାରଣରୁ ଶ୍ରୀଜିଉମାନଙ୍କ ପହଣ୍ଡି ବିଜେ ରାତ୍ର ପ୍ରାୟ ସାଢ଼େ ୭ଟା ପରେ ଆରମ୍ଭ କରାଯାଇଥିଲା। ଏହା ପ୍ରାୟ ୨ଘଣ୍ଟା ଧରି ଚାଲିଥିଲା। ରଥ ଉପରେ ରାତିରେ ଶ୍ରୀଜିଉମାନଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଯାଇଛି। ଆସନ୍ତାକାଲି ଅପରାହ୍ନ ୧ଟା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ବାହୁଡ଼ାରେ ରଥଟଣା ବେଳେ କୌଣସି ପ୍ରକାର ତ୍ରୁଟି ନଘଟେ ପ୍ରଶାସନ ନଜର ରଖିଛି । ରଥ କେମିତି ସଅଳ ବଡ଼ଦେଉଳ ନିକଟରେ ପହଞ୍ଚିବ ସେନେଇ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ଗଣମାଧମକୁ ପ୍ରତିକ୍ରିୟାରେ କହିଛନ୍ତି ।



## ବାହୁଡ଼ା ଓ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ଚାରା ବଣ୍ଟନ

**କେନ୍ଦ୍ରାପଡ଼ା,୫।୭ (ସଂଚାର ବ୍ୟୁରୋ):** ଦିନକୁ ଦିନ ପରିବେଶ ସନ୍ତୁଳନରେ ବାଧା ଉପୁଜିଲାଣି। ପ୍ରକୃତି ତାର ଭାରସାମ୍ୟ ହରାଇଲାଣି ଯାହା ଫଳରେ ଅସହ୍ୟ ଖରା ଗରମ ସାଙ୍ଗକୁ ବାତ୍ୟା, ବନ୍ୟା, ଭୂମିକମ୍ପ ଭଳି ଆଦି ପ୍ରାକୃତିକ ବିପର୍ଯ୍ୟୟ ଦେଖିବାକୁ ମିଳୁଛି ଓ ଋତୁଚକ୍ରରେ ମଧ ପରିବର୍ତ୍ତନ ଦେଖା ଦେଲାଣି। ଆଗାମୀ ପିଢ଼ି କେମିତି ଏକ ସବୁଜ ଓ ସୁନ୍ଦର ପୃଥିବୀ ପାଇବା ସହିତ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଜନଜୀବନକୁ ରକ୍ଷା କରିହେବ ସେଥିପାଇଁ ସାରା ବିଶ୍ୱ ଏବେ ଚାହୁଁଛି। ଏହି ପରିପ୍ରେକ୍ଷୀରେ ପବିତ୍ର ବାହୁଡ଼ା ଓ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ତୁଳସୀକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟ ଓ ଶିବାୟ ଟିଉଟୋରିଆଲ୍‌ର ମିଳିତ ଉଦ୍ୟମରେ ଇଚ୍ଛାପୁର ସ୍ଥିତ ରଥଦାଣ୍ଡରେ ଚାରା ବଣ୍ଟନ କରାଯାଇଛି। ସଦସ୍ୟମାନେ ବିଭିନ୍ନ ପ୍ରଜାତିର ଚାରା ଗଛ ଲୋକମାନଙ୍କୁ ଭେଟି ଦେବା ସହିତ ପରିବେଶ ସୁରକ୍ଷା ପାଇଁ ସଚେତନତା କରିଥିଲେ।

ଏହି କାର୍ଯ୍ୟକ୍ରମରେ ବିଚିତ୍ର ବେହେରା, ରଜନୀକାନ୍ତ ଦାସ, ସାଗର ନାୟକ, ଋତୁପର୍ଣ୍ଣା ନାୟକ, ବାପି ଗୋଛାୟତ, ଶୁଭଲକ୍ଷ୍ମୀ ଦାସ, ସୁଶାନ୍ତ ନାୟକ, ଚନ୍ଦ୍ରକାନ୍ତ ଦାସ ଆଦି ଉପସ୍ଥିତ ଥିଲେ।

### ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର୍ମର

## ସୁରକ୍ଷା ବାଡ଼ ନିର୍ମାଣ ଦାବି



**ମହାକାଳପଡ଼ା,୫।୭ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଜମ୍ବୁ -ମାର୍ଶାଘାଇ ମୁଖ୍ୟ ରାସ୍ତାର ଗୋପାଳପୁର ଛକ ନିକଟରେ ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି। ଏହି ଛକ ଏକ ଜନଗହଳିପୂର୍ଣ୍ଣ ସ୍ଥାନ ହୋଇଥିବାରୁ ଅନେକ ଲୋକେ ଏଠାରେ ଯାଆ ଆସ କରୁଥାଆନ୍ତି। ବୁଲା ଗାଈଗୋରୁ ମଧ ଏଇ ବାଟେ ଚରିବାକୁ ଯାଆନ୍ତି। ହେଲେ ଏହି ଛକ ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ସୁରକ୍ଷା ବାଡ଼ ନଥିବାରୁ ଦୁର୍ଘଟଣା ଘଟିବାର ଭୟ ରହିଛି। ଲଟା ବୁଦା ଏବେ ଟ୍ରାନ୍ସଫର୍ମର ଉପରକୁ ମାଡ଼ି ଗଲାଣି। ବିଦ୍ୟୁତ ବିଭାଗ ଏଥିପାଇଁ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

### ୧୩ ନମ୍ବର ୱାର୍ଡ ଭିତରେ ବର୍ଷା ପାଣି

## ରାସ୍ତାରୋକ କଲେ ଗ୍ରାମବାସୀ



**କେନ୍ଦ୍ରାପଡ଼ା,୫।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ର ୧୩ନଂ ୱାର୍ଡ ରଣପଡା ଗ୍ରାମରେ ବର୍ଷାପାଣି ପଶି ଯାଇଥିବାରୁ ଗ୍ରାମବାସୀମାନେ ରାସ୍ତାରୋକ କରି ପ୍ରତିବାଦ ଜଣାଇଛନ୍ତି । ୪ଦିନ ହେଲା ଲଗାଣ ବର୍ଷା ଫଳରେ ପୌରାଂଚଳର ତଳିଆ ଅଂଚଳ ରଣପଡା ପୋଲ ନିକଟବର୍ତ୍ତୀ ଗ୍ରାମ ଗୁଡିକରେ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ପ୍ରବେଶ କରିବା ସହ ଘର ଭିତରେ ପାଣି ପଶି ଯିବାରୁ ସ୍ଥାନୀୟ ବାସିନ୍ଦାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜଳ ନିଷ୍କାସନ ପଥ ଅବରୁଦ୍ଧ ହୋଇଥିବାରୁ ଉଦ୍‌ବୃତ ବର୍ଷାଜଳ ଗୋବରୀ ନଦୀକୁ ନିଷ୍କାସିତ ହୋଇ ନପାରି ଏହିଗାଁ ଗୁଡିକରେ ଜନ ସାଧାରଣଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିଛି । ଅବସ୍ଥା ଏପରି ହୋଇଛି ଯେ, ଲୋକେ ଘର ଭିତରେ ଏବଂ ଘର ବାହାରେ ଆଣ୍ଠୁଏ ପାଣିରେ ଚଳପ୍ରଚଳ ହେଉଛନ୍ତି ।

ଏନେଇ ଗ୍ରାମବାସୀମାନେ ପୌର କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ କୌଣସି ପ୍ରତିକାର ନହେବାରୁ ଗରାପୁର ରାସ୍ତାକୁ ରଣପଡା ପୋଲ ନିକଟରେ ଶତାଧିକ ମହିଳା ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି। ଖବରପାଇ ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ଓ ପୋଲିସ କର୍ମଚାରୀମାନଙ୍କ ସହ ଘଟଣା ସ୍ଥଳରେ ପହଁଚି ଅନ୍ଦୋଳନରତ ମହିଳାମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା ।

### ତେଲେଙ୍ଗାନା କେମିକାଲ କମ୍ପାନୀରେ ବିସ୍ଫୋରଣ

## ଅସୁରେଶ୍ୱରର ଓଡ଼ିଆ ଶ୍ରମିକ ପୂର୍ଣ୍ଣଚନ୍ଦ୍ର ସାହୁ ମୃତ

**ନିଶ୍ଚିନ୍ତକୋଇଲି,୫।୭ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଅସୁରେଶ୍ୱର ପଞ୍ଚାୟତ କୋଇଲୋ ଗ୍ରାମର ଗୋଲଖ ଚନ୍ଦ୍ର ସାହୁଙ୍କ ପୁତ୍ର ପୂର୍ଣ୍ଣଚନ୍ଦ୍ର ସାହୁ ତେଲେଙ୍ଗାନା କେମିକାଲ କମ୍ପାନୀ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ସେ ସାଙ୍ଗାରେଡି ଫାର୍ମା କେମିକାଲ କମ୍ପାନୀର କେଣ୍ଟିନର ରେଷେୟା ଭାବେ କାର୍ଯ୍ୟ କରୁଥିଲେ। କମ୍ପାନୀ ପକ୍ଷରୁ ତାଙ୍କ ଘରକୁ ଫୋନ୍ ଆସିଥିଲା ତାଙ୍କର ମୃତ୍ୟୁ ହୋଇଯାଇଛି ବୋଲି। ତାଙ୍କ ପରିବାବର୍ଗ ଲୋକେ ତେଲେଙ୍ଗାନାରେ



ପହଞ୍ଚି ଦେଖିଲା ବେଳେକୁ ପୂର୍ଣ୍ଣଚନ୍ଦ୍ରଙ୍କ ଶରୀରର ଶହେ ଭାଗ ପୋଡିଯାଇ ସେ ମୃତ୍ୟୁବରଣ କରିଥିଲେ। ନିଜ ପୁଅର ମରଶରୀରକୁ ଚିହ୍ନିବା କାଠିକର ପାଠ। ପୂର୍ଣ୍ଣଙ୍କ ମରଶରୀରକୁ ଚିହ୍ନଟ ପାଇଁ ତାଙ୍କ ପିତାଙ୍କ ଠାରୁ ନମୁନା ନିଆଯାଇ ଡିଏନଏ ପରୀକ୍ଷା କରାଯାଇଥିଲା। ପରେ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ମୃତ୍ୟୁ ଡିଏନଏ ପରୀକ୍ଷା କରାଯାଇ ଶବ ଚିହ୍ନଟ କରାଯିବା ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କ ଜନ୍ମମାଟି ଅସୁରେଶ୍ୱରର କୋଇଲା ଗ୍ରାମକୁ ଅଣାଯାଉଥିବା ସୂଚନା ମିଳିଛି।

## ଜିଓ ଉପଭୋକ୍ତା ହଟହଟା, ଠିକ୍ ସମୟରେ କାମ ଦେଉନି ମୋବାଇଲ

**ମାହାଙ୍ଗା,୫।୭ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକର ବିଭିନ୍ନ ଅଞ୍ଚଳରେ ମୋବାଇଲରେ ଜିଓ ସିମ୍ ପକାଇଥିବା ଉପଭୋକ୍ତାମାନେ ଗତ କିଛି ଦିନ ହେଲା ଫୋନ୍ କରିବା ସମୟରେ ନାହିଁ ନଥିବା ସମସ୍ୟା ଭୋଗ କରୁଛନ୍ତି। ଏପରିକି ଫୋନ୍ ରିଙ୍ଗ୍ ହେଉଥିଲେ ମଧ କିଛି ଶୁଭୁନଥିବା ଅପରପକ୍ଷେ ଫୋନ୍ ଆସୁଥିଲେ ମଧ ତାହା ଉଠାଇବା ବେଳକୁ କଟିଯିବା ଭଳି ସମସ୍ୟା ଉପଭୋକ୍ତାମାନଙ୍କର ଅସନ୍ତୋଷର କାରଣ ହୋଇଛି। ତୁରନ୍ତ ଜିଓ କଂପାନୀ ଉପଭୋକ୍ତାମାନଙ୍କର ସମସ୍ୟାକୁ ଦୃଷ୍ଟି ଦେବାକୁ ମାହାଙ୍ଗା ଅଞ୍ଚଳର ଜିଓ ଉପଭୋକ୍ତା ମାନଙ୍କ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଛି।

## ମିଳୁନି ଛାତ୍ରୀଙ୍କ ପତ୍ତା, ପୁଲିସରେ ଅଭିଯୋଗ

**ମାହାଙ୍ଗା,୫।୭ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଏରକଣାସ୍ଥିତ ମାହାଙ୍ଗା ପୁଷ୍ପଗିରୀ ମହାବିଦ୍ୟାଳୟର +୩ ବିଜ୍ଞାନ ଦ୍ୱିତୀୟ ବର୍ଷର ଛାତ୍ରୀ ସୋନମ୍ ସୋନାଲୀ ରାଉତ ୧୯ ବର୍ଷଙ୍କର କୌଣସି ପତ୍ତା ମିଳୁନଥିବା ଅଭିଯୋଗ ଥାନାରେ ହୋଇଛି। ସୋନାଲୀଙ୍କର ଘର ପୋଡାମରାଇ ପଞ୍ଚାୟତ ଅଲିଆରା ଗ୍ରାମରେ। ସେ ଘରୁ ଦିନ ୧୦ ଘଟିକା ସମୟରେ କଲେଜ ଯିବାକୁ କହି କେଉଁ ଆଡେ ଚାଲି ଯାଇଛନ୍ତି। ଖୋଜା ଖୋଜି ପରେ ଘରର ଲୋକେ ତାଙ୍କର ପତ୍ତା ମିଳୁନଥିବାର ତା. ୩୦.୦୬.୨୦୨୫ ରିଖରେ ଭଦ୍ରେଶ୍ୱର ଥାନାରେ ଝିଅର ବାପା ରମାକାନ୍ତ ରାଉତ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗୋଟିଏ ପୁଅ ସହିତ ତାଙ୍କ ଝିଅ ବାଇକ୍ ଯୋଗେ ବସି ପଳାଇ ଯାଇଛି। ଫୋନ୍ ମାଧମରେ ଯୋଗାଯୋଗ କରିଥିଲେ ମଧ ସନ୍ଧାନ ପାଇବା ନେଇ ପରିବାର ଲୋକେ ବିଫଳ ହୋଇଛନ୍ତି। ଅଭିଯୋଗ ପାଇବା ପରେ ଭଦ୍ରେଶ୍ୱର ଥାନା ପୋଲିସ ଘଟଣାର ତଦନ୍ତ ଜାରୀ ରଖିଥିଲେ ମଧ କୌଣସି ସଫଳତା ପାଇ ପାରି ନାହିଁ। ତୁରନ୍ତ ପୋଲିସ ସୋନମ୍ ସୋନାଲୀକୁ ଖୋଜି ବାହାର କରିବାକୁ ତାଙ୍କର ପିତା ରମାକାନ୍ତ ରାଉତ ଆକୁଳ ନିବେଦନ କରିଛନ୍ତି।

# ସେତୁ ପାରିହେବା ପାଇଁ ଖୋଜାପଡୁଛି ସିଡ଼ି

**ଦୁଇ ବର୍ଷ ପୁରିଗଲା ସଂଯୋଗ ହେଲାନି ଆପ୍ରୋଚ ରୋଡ଼**

**ରହୁନି ବିଭାଗୀୟ ସମନ୍ୱୟ**

**ଚିନ୍ତାରେ ଅଞ୍ଚଳବାସୀ**

**କେନ୍ଦ୍ରାପଡ଼ା,୫।୭ (ସଂଚାର ବ୍ୟୁରୋ):** ସେତୁ ପାରି ହେବା ପାଇଁ ଖୋଜା ପଡୁଚି ବାଉଁଶ ସିଡ଼ି। ସିଡ଼ି ନଥିଲେ ଢେର୍ ବାଟ ବୁଲିକି ଯିବାକୁ ପଡୁଛି । କାରଣ ଯେଉଁ ସେତୁ କୋଟି କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହୋଇଛି ସେଥିରେ ଆପ୍ରୋଚ ରୋଡ଼ ବର୍ତ୍ତମାନ ସୁଦ୍ଧା ସଂଯୋଗ ହୋଇନଥିବା ଦେଖିବାକୁ ମିଳିଛି। କେବେ ଏହି କାର୍ଯ୍ୟ ଶେଷ ହେବ ତାକୁ ନେଇ ସ୍ଥାନୀୟ ଲୋକେ ଆଶଙ୍କାରେ ଅଛନ୍ତି ।



କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ-ଜମ୍ବୁକୁ ସଂଯୋଗ କରୁଥିବା କେନାଲ ଉପରେ ନିର୍ମାଣ ହୋଇଥିବା ବିଜୁ ସେତୁର ଆପ୍ରୋଚ୍ ରୋଡ଼ ନିର୍ମାଣରେ ବିଳମ୍ବ ହୋଇ ଚାଲିଥିବାରୁ ଅପ୍ରୋଚ ପାଇଁ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ମରାମତି ହେଉନାହିଁ । ଫଳରେ ଦୁଇ ବର୍ଷ ହେବ ଖଣ୍ଡିଆ ଖାବରା ରାସ୍ତାରେ ଲୋକମାନେ ଯାତାୟାତ କରୁଛନ୍ତି । ମାର୍ଶାଘାଇ- କେନ୍ଦ୍ରାପଡ଼ା ଏବଂ ମାର୍ଶାଘାଇ-ଜମ୍ବୁ ରାସ୍ତାର ମିଳନସ୍ଥଳ ମାର୍ଶାଘାଇ ଝୋଟ ମିଲ ପାଖ ଜିରୋ ପଏଣ୍ଟରେ ମାର୍ଶାଘାଇ କେନାଲ ଉପରେ ଏକ ସେତୁ ନିର୍ମାଣ ହୋଇଛି । ୨୦୧୯ ମାର୍ଚ୍ଚ ମାସରେ ଏହି ସେତୁ ନିର୍ମାଣ ଆରମ୍ଭ ହୋଇ ଖୁବ ଶୀଘ୍ର କାମ ଶେଷ ହୋଇଯାଇଥିଲେ ବି ଉକ୍ତ ସେତୁକୁ ସଂଯୋଗ ପାଇଁ ଅପ୍ରୋଚ ଏ ପର୍ଯ୍ୟନ୍ତ ନିର୍ମାଣ ହୋଇନାହିଁ । ସେତୁ ନିର୍ମାଣ ଗ୍ରାମ୍ୟ ଉନ୍ନୟନ ବିଭାଗ କରିଥିବା ବେଳେ ସେତୁ ସଂଯୋଗ ଅପ୍ରୋଚ ନିର୍ମାଣ ପୂର୍ତ୍ତବିଭାଗ କରିବାର ଯୋଜନା ରହିଛି । ସେତୁ ନିକଟରୁ କଳପଡ଼ା ଆଡକୁ ଯାଉଥିବା କେନାଲବନ୍ଧ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି । ସେହି ରାସ୍ତାର ପ୍ରାୟ ୨ ଶହ ଫୁଟ ଅଞ୍ଚଳ ଦୁଇ ବର୍ଷ ହେବ ଖଣ୍ଡିଆ ଖାବରା ହୋଇ ରହିଛି। ଦୈନିକ ଶହ ଶହ ପଥଚାରୀ ସେହି ସ୍ଥାନରେ ଝୁଣ୍ଟି ଆହତ ହେଉଛନ୍ତି ଏବଂ ବାଇକ, ସାଇକେଲ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି । ଏହି ରାସ୍ତା ଦେଇ ବାଲିକଷୋଟି, ପେହେଣ୍ଟା, ଦରବଛା, ମଣିକୁଣ୍ଡା, ମାଣତିର, ହିନ୍ଦୁଳିଆ, କଳପଡା ଠାରୁ ଆରମ୍ଭ କରି ଧୋୟାଞ୍ଚଳ ବଚ୍ଛରାଇ, ବନ୍ଧକଟା, ମେହେନ୍ଦିନଗର ଆଦି ଅଞ୍ଚଳର ଶହ ଶହ ଲୋକ ଯାତାୟାତ କରୁଛନ୍ତି।

ଏହି ରାସ୍ତା ମରାମତି ନେଇ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ସାରଦା ପ୍ରସନ ରାୟଙ୍କୁ ପଚାରିବାରେ ଏହି ରାସ୍ତାଟି ଅପ୍ରୋଚ ନିର୍ମାଣ ସହିତ ପୂର୍ତ୍ତ ବିଭାଗ ଉନ୍ନତିକରଣ କରିବ ତେଣୁ ଆମ ବିଭାଗ ମରାମତି କରିନାହିଁ ବୋଲି କହିଛନ୍ତି। ଏହି ରାସ୍ତା ଏବେ ଗ୍ରାମ୍ୟ ଉନୟନ ବିଭାଗ ଅଧିନରେ ରହିଛି ବୋଲି ପୂର୍ତ୍ତବିଭାଗ ଯନ୍ତ୍ରୀ ଦେବାଶିଷ ସାମଲ କହିଛନ୍ତି । ତେବେ ରାସ୍ତା ଉନ୍ନତିକରଣ ଦାୟିତ୍ୱ ଯେଉଁ ବିଭାଗର ହେଉ ପଛକେ ଖଣ୍ଡିଆ ଖାବରାରେ ଆମ୍ଭେ ଦୁଇ ବର୍ଷ ହେଲା ଚାଲିଲୁଣି ଆଉ ଅଧିକ ଦିନ ଚାଲି ପାରିବୁ ନାହିଁ, ତେଣୁ ତୁରନ୍ତ ଏହି ରାସ୍ତାକୁ ମରାମତି କରିବାକୁ ଜନ ସାଧାରଣ ଦାବୀ କରିଛନ୍ତି ।

## କୁରୁଣ୍ଟି ପ୍ରାଥମିକ କୃଷି ସେବା ସମବାୟ ସମିତିର ନୂତନ ଗୃହ ଉଦଘାଟିତ



**ରାଜନଗର,୫।୭ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ୍ କୁରୁଣ୍ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃର ନବନିର୍ମିତ ଗୃହର ଶୁଭ ଲୋକାର୍ପଣ ଉତ୍ସବ ପବିତ୍ର ବାହୁଡାରେ ଅନୁଷ୍ଠିତ ହୋଇଯାଇଛି। ରାଜନଗରସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ବିଶ୍ୱପ୍ରକାଶ ସାମଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଗୃହକୁ ଉଦଘାଟନ କରିଥିଲେ।

ଏହି ଉଦଘାଟନ କାର୍ଯ୍ୟକ୍ରମରେ ସମବାୟ ସମିତିର ସଭାପତି ଶ୍ରୀକାନ୍ତ କୁମାର ପ୍ରଧାନ, ଉପସଭାପତି କୁଞ୍ଜଲତା ବରାଳ ବୋର୍ଡ ନିର୍ଦ୍ଦେଶକ ସଂଯୁକ୍ତା ମଙ୍ଗରାଜ, ରମେଶ ଚନ୍ଦ୍ର ବିଶ୍ୱାଳ, ଅମର କୁମାର ସ୍ୱାଇଁ, ଜାମିନି କାନ୍ତ ବେହେରା, ଚିତ୍ତରଞ୍ଜନ ପରିଡ଼ା, ଅଲେଖ ଚନ୍ଦ୍ର ବେହେରା, ବିଦ୍ୟାଧର ମଲ୍ଲିକ, ସତ୍ୟବାଦୀ ରାଉତ, ଶିବନାରାୟନ ରାଉତ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ବିର କିଶୋର ଚରାଇ, ଦିବାକର ପରିଡା, ଶ୍ରୀଚରଣ ବିଶ୍ୱାଳଙ୍କ ସମେତ ସ୍ଥାନୀୟ ନେତୃମଣ୍ଡଳୀ ଓ ଚାଷୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସମିତିର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା, ଗିରିଷ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ।



## ବାହୁଡ଼ାଯାତ୍ରା ପାଇଁ ବ୍ୟାପକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା

**ପୁରୀ,୫।୭ (ସଂଚାର ବ୍ୟୁରୋ) :** ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ବ୍ୟାପକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରାଯାଇଛି । ସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ବାହୁଡ଼ା, ସୁନାବେଶ ଏବଂ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଚାଲୁରହିଛି । ପୁରୀ ଏବଂ ଆଖପାଖ ଅଞ୍ଚଳରେ ସଂକ୍ରମଣ ରୋଗର ପ୍ରତିରୋଧ ପାଇଁ ମଧ୍ୟ ବିଭିନ୍ନ ବିଭାଗମାନଙ୍କ ଦ୍ୱାରା କ୍ଷେତ୍ର ସ୍ତରୀୟ ସମନ୍ୱୟରେ ବ୍ୟାପକ ସଚେତନତା ଓ ପରିମଳ କାର୍ଯ୍ୟ ଚାଲୁରହିଛି । ଚଳିତ ବର୍ଷ ପୁରୀ ସଦର ମହକୁମାରେ ୨୬୫ ଟି ନୂଆ ବେଡ୍ ସ୍ଥାପନ କରାଯାଇଛି । ଏହି ବେଡ୍ କୁ ମିଶାଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୬୦୧ ବେଡ୍ ସହ ୨୭ ଆଇ.ସି.ୟୁର ବ୍ୟବସ୍ଥା କରାଯାଇଛି। ବଡ଼ଦାଣ୍ଡ, ସମୁଦ୍ରକୂଳ ସହ ପୁରୀକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ୬୯ଟି ଫାଷ୍ଟଏଡ୍ କେନ୍ଦ୍ରଖୋଲାଯାଇଛି। ଏହି କେନ୍ଦ୍ର ମାନଙ୍କରେ ଡାକ୍ତର, ପାରମେଡିକସ୍ ଏବଂ ସହାୟକ କର୍ମଚାରୀମାନେ ୨୪ ଘଣ୍ଟିଆ ଭିତ୍ତିରେ କାର୍ଯ୍ୟ କରୁଛନ୍ତି। ସହରର ସବୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ୭୪ଟି ଜରୁରୀକାଳୀନ ଆମ୍ବୁଲାନ୍ସ ରଖାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ୩୭୧ ଜଣ ଡାକ୍ତର, ସ୍ପେସାଲିଷ୍ଟ, ୪୦୪ ଜଣ ପାରାମେଡ଼ିକସ୍ ଏବଂ ୩୭୦ ଜଣ ସହାୟକ ଷ୍ଟାଫ୍ ଭକ୍ତ, ଶ୍ରଦ୍ଧାଳୁ ଏବଂ ଜନସାଧାରଣଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ୨୪ ଘଣ୍ଟିଆ ଭିତ୍ତିରେ ପୂର୍ଣ୍ଣ ସଜାଗ ଓ ପ୍ରସ୍ତୁତ ରହିଛନ୍ତି । ଏହାଛଡା ରାପିଡ୍ ରେସପନସ୍ ଟିମ୍ ମାନ ଗଠନ କରାଯାଇଛି ଯେଉଁ ମାନେ ଆବଶ୍ୟକ ମାତ୍ରେ ପହଞ୍ଚି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି । ସମ୍ଭାବ୍ୟ ସଂକ୍ରାମକ ରୋଗର ପ୍ରତିରୋଧ ନିମନ୍ତେ ପୁରୀ ପୌରପାଳିକା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗଙ୍କ ମିଳିତ ପ୍ରଚେଷ୍ଟାରେ ପରିମଳ ଓ ସଚେତନତା କାମକୁ ଅଧିକ ସଘନ କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍. ଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ପୁରୀରେ ଉପସ୍ଥିତ ରହି କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି ।

## ‘ଶାବର ଶ୍ରୀକ୍ଷେତ୍ର’ରେ ଶ୍ରଦ୍ଧାଳୁଙ୍କ ସହ ରଥ ଟାଣିଲେ ଧର୍ମେନ୍ଦ୍ର



**କୋରାପୁଟ,୫।୭ (ସଂଚାର ବ୍ୟୁରୋ) :** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ‘ଶାବର ଶ୍ରୀକ୍ଷେତ୍ର’ କୋରାପୁଟରେ ବାହୁଡ଼ା ଯାତ୍ରାରେ ସାମିଲ ହେବା ସହ ଶ୍ରଦ୍ଧାଳୁଙ୍କ ସହ ରଥ ଟାଣିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ‘ଶାବର ଶ୍ରୀକ୍ଷେତ୍ର’ କୋରାପୁଟରେ ବାହୁଡ଼ା ଯାତ୍ରାରେ ସାମିଲ ହେବା ମୋର ସୌଭାଗ୍ୟ । ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଓଡ଼ିଆ ସଂସ୍କୃତିର ଅନନ୍ୟ ପର୍ବ । ଚତୁର୍ଦ୍ଧାମୂରତି ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦିରୁ ରତ୍ନବେଦିକୁ ବାହୁଡ଼ିବାର ଅନନ୍ୟ ପରମ୍ପରାର ପ୍ରତୀକ ହେଉଛି ବାହୁଡ଼ା ଯାତ୍ରା । ଓଡ଼ିଶାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ଜନଜାତିଙ୍କ ଅନନ୍ୟ ସମ୍ପର୍କ ରହିଛି । ଆଜି ବାହୁଡ଼ା ଯାତ୍ରାର ଶୁଭ ଅବସରରେ ମହାପ୍ରଭୁଙ୍କ ରଥ ଟାଣି ନିଜକୁ ସୌଭାଗ୍ୟଶାଳୀ ମନେକରୁଛି। ଶ୍ରୀଜଗନ୍ନାଥ ସଂସ୍କୃତି ଓ ମହାପ୍ରଭୁଙ୍କ ମାନବୀୟ ଲୀଳାର ମହାନ ବାର୍ତ୍ତା ଅଧିକ ସୁଦୂରପ୍ରସାର ହେଉ ବୋଲି ଶ୍ରୀ ପ୍ରଧାନ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରିଛନ୍ତି। ଏହା ପୂର୍ବରୁ ଶ୍ରୀ ପ୍ରଧାନ ସେମିଳିଗୁଡ଼ା ସ୍ଥିତ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ସେହିପରି ସକାଳେ କୋରାପୁଟରେ ପହଞ୍ଚିବା ପରେ କେନ୍ଦ୍ରମନ୍ତ୍ରୀ ଦାମନଯୋଡି ସ୍ଥିତ ମା' କଣ୍ଟାବାଉଁଶୁଣିଙ୍କ ଦର୍ଶନ କରିଥିଲେ ।

## କଳାରାହାଙ୍ଗ, ପଟିଆରେ ଖୁବଶୀଘ୍ର ହେବ ରେଳ ଓଭରବ୍ରିଜ

**ଗ୍ରାଉଣ୍ଡରେ ସାଂସଦଙ୍କ ସ୍ଥିତି ସମୀକ୍ଷା**



**ଭୁବନେଶ୍ୱର,୫।୭ (ସଂଚାର ବ୍ୟୁରୋ) :** ଖୁବଶୀଘ୍ର ଭୁବନେଶ୍ୱର ଉପକଣ୍ଠ କଳାରାହାଙ୍ଗ ଏବଂ ପଟିଆରେ ନିର୍ମାଣ ହେବ ରେଳ ଓଭର ବ୍ରିଜ । ୧୪୦ କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ ହେବ ବହୁ ପ୍ରତିକ୍ଷୀତ ୨ଟି ରେଳ ଓଭର ବ୍ରିଜ । ଫଳରେ ପଟିଆ-କଳାରାହାଙ୍ଗ ଅଂଚଳରେ ଗମନାଗମନର ଲାଇଫ୍ ଲାଇନ୍ ପାଲିଟିଥିବା ରାସ୍ତାରେ, ରେଳ ଚଳାଚଳ ସମୟରେ ଫାଟକ ବନ୍ଦ କାରଣରୁ ଦେଖା ଦେଉଥିବା ଟ୍ରାଫିକ୍ ସମସ୍ୟା ସବୁଦିନ ପାଇଁ ଦୂର ହୋଇଯିବ। ଆଜି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଭୁବନେଶ୍ୱରର ପଟିଆ ଏବଂ କଳାରାହାଙ୍ଗ ରେଳ ଷ୍ଟେସନ ଅଞ୍ଚଳକୁ ଗସ୍ତ କରି ଅଧିକାରୀଙ୍କ ସହିତ ସ୍ଥିତି ସମୀକ୍ଷା କରିଥିଲେ । ପଟିଆ ଓ କଳାରାହାଙ୍ଗ ଅଂଚଳରେ ରେଳ ଓଭର ବ୍ରିଜ ନିର୍ମାଣ ନେଇ ବହୁ ବର୍ଷରୁ ଦାବି କରି ଆସୁଥିଲେ ସ୍ଥାନୀୟ ଲୋକେ । ଲୋକଙ୍କର ଏହି ଦାବିକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପୂରା କରିବାକୁ ଯାଇ ରେଳ ଓଭର ବ୍ରିଜ ନିର୍ମାଣରେ ରହିଥିବା ସମସ୍ୟାକୁ ଦୂର କରାଇଛନ୍ତି । କଳାରାହାଙ୍ଗ ରେଳ ଓଭର ବ୍ରିଜ ପାଇଁ ୮୦ କୋଟି ଏବଂ ପଟିଆ ରେଳ ଓଭର ବ୍ରିଜ ପାଇଁ ୬୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ସାଂସଦ ଅପରାଜିତା ଷଡ଼ଙ୍ଗୀ ସୂଚନା ଦେଇଛନ୍ତି । ଖୁବଶୀଘ୍ର ଏହି ପ୍ରକଳ୍ପ ପାଇଁ ଟେଣ୍ଡର ହେବା ପରେ ଆଗାମୀ କାର୍ଯ୍ୟକ୍ରମ ଆଗେଇବ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ । ପୂର୍ବରୁ ଏହି ରେଳ ଓଭରବ୍ରିଜ ନିର୍ମାଣ ପ୍ରକଳ୍ପ ପାଇଁ କଳାରାହାଙ୍ଗ ଏବଂ ପଟିଆ ଅଂଚଳରେ ଜମି ଅଧିଗ୍ରହଣ ଏକ ବଡ ସମସ୍ୟା ଭାବେ ଠିଆ ହୋଇଥିଲା। ଫଳରେ ପ୍ରକଳ୍ପ କାମ ଆଗେଇ ପାରୁନଥିଲା । ତେବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ପୂର୍ତ୍ତବିଭାଗ ଓ ରେଳବାଇ ବିଭାଗ ବରିଷ୍ଠ ଅଧିକାରୀଙ୍କ ସହିତ ବାରମ୍ବାର ସମ୍ପର୍କରେ ରହିଥିଲେ, ଏବଂ କଥା ହୋଇ ଜମି ସଂପର୍କିତ ସମସ୍ତ ସମସ୍ୟା ଦୂର କରାଇବାରେ ବଡ଼ ଭୂମିକା ନେଇଛନ୍ତି। ଦୀର୍ଘ ଦିନ ଧରି ଏହି ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମସ୍ୟା ଦୂର ହୋଇଥିବାରୁ ଆଗକୁ ଖୁବଶୀଘ୍ର ପ୍ରକଳ୍ପ କାମ ଆଗେଇବା ନେଇ ସ୍ଥାନୀୟ ଲୋକେ ବେଶ୍ ଆଶାବାଦୀ ଅଛନ୍ତି । କଳାରାହାଙ୍ଗ ଏବଂ ପଟିଆ ଅଂଚଳରେ ଏହି ରାସ୍ତା ଦେଇ ରେଳଟ୍ରାକ୍ ଯାଇଥିବା ବେଳେ, ରେଳ ଚଳାଚଳ ସମୟରେ ଫାଟକ ପଡୁଥିବାରୁ ଦୀର୍ଘ ସମୟ ଟ୍ରାଫିକ ଜାମ୍ ରହୁଥିଲା। ରେଳ ଓଭର ବ୍ରିଜ ନିର୍ମାଣ ହେବା ପରେ ଏହି ସମସ୍ୟା ଆଉ ରହିବ ନାହିଁ । ଲୋକମାନେ ଅବାଧରେ ବିନା କୌଣସି ଅଟକିବାରେ ରେଳ ଚଳାଚଳ ସମୟରେ ବି ଗମନାଗମନ କରିପାରିବେ ।

ଆଜି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କଳାରାହାଙ୍ଗ ପଟିଆ ଅଂଚଳକୁ ଗସ୍ତ କରି ନିଜେ ସ୍ଥିତି ସମୀକ୍ଷା କରିଥିଲେ । ଏହି ସମୀକ୍ଷା ସମୟରେ ରେଳ ବିଭାଗର ବରିଷ୍ଠ ଅଧିକାରୀ ମଧ୍ୟ ସାମିଲ ହୋଇଥିଲେ। ଖୋର୍ଦ୍ଧା ଏଡିଏମ୍ , ଭୁବନେଶ୍ୱର ତହସିଲଦାର, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ, ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ସାଂସଦ ଅପରାଜିତା ଷଡଙ୍ଗୀଙ୍କ ସହିତ ସମୀକ୍ଷା ସମୟରେ ଉପସ୍ଥିତ ରହିଥିଲେ ।

## ଓଡ଼ିଶାର ବିପର୍ଯ୍ୟୟ ପରିଚାଳନାକୁ ୟୁପି ସରକାରଙ୍କ ପ୍ରଶଂସା



**ଭୁବନେଶ୍ୱର,୫।୭ (ସଂଚାର ବ୍ୟୁରୋ) :** ଉତ୍ତର ପ୍ରଦେଶ ସରକାରଙ୍କ ତରଫରୁ ଏକ ପ୍ରତିନିଧି ଦଳ ୪ ଦିନିଆ ଓଡ଼ିଶା ଗସ୍ତ କରିଛନ୍ତି । ଏହି ପ୍ରତିନିଧିମାନେ ଓଡ଼ିଶା ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ପଦକ୍ଷେପଗୁଡ଼ିକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ପ୍ରତିନିଧି ପଦାଧିକାରୀଙ୍କ ମଧ୍ୟରେ ରହିଛନ୍ତି ଉତ୍ତର ପ୍ରଦେଶ ରାଜସ୍ୱ ବିଭାଗ ସଚିବ ତଥା ରିଲିଫ୍ କମିଶନର ଭାନୁ ଚନ୍ଦ୍ର ଗୋସ୍ୱାମୀ ଏବଂ ଅନ୍ୟ ଦୁଇଜଣ ଅଧିକାରୀ ହେଉଛନ୍ତି, ଇମର୍ଜେନ୍ସି ଅପରେସନ ସେଣ୍ଟରର ପ୍ରକଳ୍ପ ନିର୍ଦ୍ଦେଶକ ଅଦିତୀ ଉମରାଓ ଏବଂ ଶ୍ରୀ ଅପୂର୍ବ ଶ୍ରୀବାସ୍ତବ। ସେମାନେ ଓଡ଼ିଶାକୁ ୩ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଗସ୍ତ କରି ରାଜ୍ୟର ବିପର୍ଯ୍ୟୟ ସମ୍ପର୍କରେ ଆଗୁଆ ସତର୍କ ସୂଚନା ବ୍ୟବସ୍ଥା, ଗୋଷ୍ଠୀ ସହଯୋଗିତାରେ ବିପର୍ଯ୍ୟୟ ପରିଚାଳନା ଏବଂ ଜରୁରୀ ପ୍ରତିକ୍ରିୟା ବ୍ୟବସ୍ଥା ସଂପର୍କରେ ଅନୁଧ୍ୟାନ କରୁଛନ୍ତି । ଉତ୍ତର ପ୍ରଦେଶରୁ ଆସିଥିବା ଏହି ଅଧିକାରୀମାନେ ଜୁଲାଇ ୪ ତାରିଖରେ ପୁରୀ ଜିଲ୍ଲାର କାକଟପୁର ବ୍ଲକର ଛୋଟିପଡା ଗାଁରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି କମ୍ୟୁନିଟି ଏବଂ ବହୁମୁଖୀ ବାତ୍ୟା ପରିଚାଳନା କେନ୍ଦ୍ର ଓ ରକ୍ଷଣାବେକ୍ଷଣ କମିଟିର ସଦସ୍ୟାମାନଙ୍କ ସହିତ କଥା ହୋଇଥିଲେ। ଜୁଲାଇ ୫ରେ ସେମାନଙ୍କର ଏହି ଟିମ୍ ଲୋକସେବାଭବନ ସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସ୍ଥିତ ସମ୍ମିଳନୀ କକ୍ଷରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହ ଏବଂ ଓସଡମାର ପରିଚାଳନା ନିର୍ଦ୍ଦେଶକଙ୍କ ସହିତ ବୈଠକରେ ଯୋଗଦେଇ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ସେମାନେ ଓସଡମାର ଅଧିକାରୀମାନଙ୍କ ସହିତ କଥା ହୋଇଥିଲେ । ପରେ ପରେ ସେମାନେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ଯାଇ ରାଜ୍ୟ ଇମର୍ଜେନ୍ସି ଅପରେସନ ସେଣ୍ଟର(ଏସଇଓସି) ଏବଂ ଅପରାହ୍ଣରେ ଗୋଠପାଟଣା ସ୍ଥିତ ଆରଓଟିଆଇ (ରୋଟୀ), ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ କେନ୍ଦ୍ର (ଡିଏମଟିସି) ପରିଦର୍ଶନ କରିଥିଲେ । କ୍ଷେତ୍ର ପରିଦର୍ଶନ ଓ ବିପର୍ଯ୍ୟୟ ପରିଚାଳନା ସଂପର୍କରେ ରାଜ୍ୟର ବ୍ୟବସ୍ଥା ଏବଂ ପ୍ରସ୍ତୁତି ଅନୁଧ୍ୟାନ କରି ଉତ୍ତର ପ୍ରଦେଶ ସରକାରର ରାଜସ୍ୱ ସଚିବ ତଥା ରିଲିଫ୍ କମିଶନର୍ ଏବଂ ଉତ୍ତର ପ୍ରଦେଶର ଅନ୍ୟ ଅଧିକାରୀମାନେ ଓଡ଼ିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିପର୍ଯ୍ୟୟ ପରିଚାଳନା ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି ।

## ଯୋବ୍ରା ଚତୁର୍ଦ୍ଧା ମୂର୍ତ୍ତିଙ୍କର ବାହୁଡ଼ା ଯାତ୍ରା




**କଟକ,୫।୭ (ସଂଚାର ବ୍ୟୁରୋ) :** ଆଜି ପବିତ୍ର ବାହୁଡା ଯାତ୍ରା ଉପଲକ୍ଷେ ଯୋବ୍ରା ନୁଆସାହିରେ ଅବସ୍ଥିତ ଚତୁର୍ଦ୍ଧା ମୂର୍ତ୍ତିଙ୍କର ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ଅପରାହ୍ନ ୨ ଘଟିକା ସମୟରେ ସୂର୍ଯ୍ୟ ପୂଜା ସମ୍ପାଦିତ ହୋଇଥିଲା। ତତପଶ୍ଚାତ ଠାକୁର ମାନେ ଗୋଟି ପହଣ୍ଡିରେ ଆସି ରଥରେ ବିଜେ କରିଥିଲେ। ଅପରାହ୍ନ ୩ ଘଟିକା ସମୟରେ ସାହି ଅଧିକାରୀ କାଶୀନାଥ ନାୟକ ଛେରା ପହଁରା କରିବା ପରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋବ୍ରା ଶାରଳା ମନ୍ଦିର,ଲକ୍ଷ୍ମୀ ବଜାର,ଡ଼ିପୁ ଛକ,ବ୍ୟାରେଜ ଛକ ଓ ଶନି ମନ୍ଦିର ଦେଇ ରଥ ନୂଆସାହି ଛକ ନିକଟରେ ସନ୍ଧ୍ୟା ୬ଘଟିକା ସମୟରେ ପହଞ୍ଚି ଥିଲା। ପୋଲିସ ପ୍ରଶାସନ ଓ ବିଦ୍ୟୁତ ବିଭାଗର କର୍ମଚାରୀ ମାନେ ରଥଟଣା ସମୟରେ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ। ନୂଆସାହି ମନ୍ଦିର ପରିଚାଳନା କମିଟିର ସଭାପତି ତନୟ ବେହେରା,ଉପସଭାପତି ନାରାୟଣ ବେହେରା,ସମ୍ପାଦକ ଅମ୍ବିକା ସାମଲ, ସହ ସମ୍ପାଦକ ଶୁଭମ ପଟନାୟକ,ଉପଦେଷ୍ଟା ଭରତ ନାୟକ,ଆଇନଜୀବୀ ଶୁଭେନ୍ଦୁ ମହାନ୍ତି,ପୂର୍ଣ୍ଣଚନ୍ଦ୍ର ସାହୁ,ପ୍ରଭାତ ତ୍ରିପାଠୀ,ଶୀବେନ୍ଦ୍ର ନାୟକ,ଆଶିଷ ମହାନ୍ତି,ଆଲୋକ ନାୟକ,ପ୍ରସନ୍ନ ନାୟକ,ଜଗନ୍ନାଥ ନାୟକ,ଅଶୋକ ବେହେରା ଓ ଅନ୍ୟାନ୍ୟ ସେବକ ମାନଙ୍କ ସହିତ ଶତାଧିକ ଭକ୍ତ ରଥଟଣା କାର୍ଯ୍ୟକ୍ରମରେ ଯୋଗଦାନ କରି ସହଯୋଗ ପ୍ରଦାନ କରିଥିଲେ।

## ଆଗାମୀ ପିଢ଼ି ପାଇଁ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ଗଠନ ପାଇଁ ଆହ୍ୱାନ



**ଭୁବନେଶ୍ୱର,୫।୭ (ସଂଚାର ବ୍ୟୁରୋ) :** ଆଗାମୀ ପିଢ଼ି ପାଇଁ ଏକ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ଗଠନ ପାଇଁ ପ୍ରତ୍ୟେକ ବ୍ୟକ୍ତି ଓ ଅନୁଷ୍ଠାନ ଦାୟିତ୍ୱ ନେବାକୁ ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ବନ ମହୋତ୍ସବ ପାଳନ ଅବସରରେ ଚଳିତ ଜୁଲାଇ ୫ ତାରିଖ ଦିନ ରାଜ୍ୟପାଳ ରାଜଭବନ ପରିସରରେ ବୃକ୍ଷରୋପଣ କରି ଏହି ଆହ୍ୱାନ ଜଣାଇଛନ୍ତି। "ଏକ୍ ପେଡ଼୍ ମା କେ ନାମ" ପଦକ୍ଷେପର ଅଂଶ ସ୍ୱରୂପ ରାଜଭବନର "ଶ୍ୟାମାନନ୍ଦ ପାର୍କ" ଠାରେ ରାଜ୍ୟପାଳ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କରିଥିଲେ । ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷରୋପଣ କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ବୃକ୍ଷରୋପଣ କରିଥିଲେ । ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା କରିବା ଏବଂ ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ ବୃକ୍ଷରୋପଣ କରିବାର ଆବଶ୍ୟକତା ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା । ଏହା ପରିବେଶ ସୁରକ୍ଷା ସହିତ ସ୍ଥାୟୀ ଜୀବନଯାପନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତାର ନିଦର୍ଶନ । ଉଲ୍ଲେଖଯୋଗ୍ୟ ଯେ, ଏହି ଦୃଷ୍ଟିକୋଣ ସହିତ ରାଜଭବନ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ପୂର୍ବରୁ ଅନେକ ପଦକ୍ଷେପ ନିଆଯାଇଛି। ପାରମ୍ପରିକ ଶକ୍ତିର ବ୍ୟବହାର ହ୍ରାସ କରିବା ପାଇଁ ରାଜଭବନରେ ସୌରଶକ୍ତି ବ୍ୟବସ୍ଥା କରାଯାଇଛି ଏବଂ ବୈଦ୍ୟୁତିକ ଯାନର ମଧ୍ୟ ବ୍ୟବସ୍ଥା କରାଯାଇଛି । ଏ ପରି ପ୍ରୟାସ ଦ୍ୱାରା ରାଜଭବନକୁ ରାଜ୍ୟରେ ସବୁଜ ଶାସନର ଏକ ମଡେଲ ଭାବେ ଉପସ୍ଥାପିତ କରାଯାଇଛି ।

## ରେଳ ଟ୍ରାକରେ ରିଲ୍ସ କରି ବନ୍ଧା ହେଲେ ୩ ନାବାଳକ



**କଣ୍ଟାମାଳ,୫।୭ (ସଂଚାର ବ୍ୟୁରୋ) :** ରିଲ ନିଶାରେ ଅନେକ ସମୟରେ ଯୁବ ପିଢ଼ି ବିପଦ ପୁର୍ଣ୍ଣ ଭାବେ ନିଜ ଜୀବନକୁ ବାଜିରେ ପକାଉଥିବା ବେଳେ ଏବେ ନାବାଳକଙ୍କ ଷ୍ଟଣ୍ଡ ଦୃଶ୍ୟ ସମଗ୍ର ବୌଦ୍ଧ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଏପରି ଘଟଣା ଦେଖିବାକୁ ମିଳିଛି । ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଖୋର୍ଦ୍ଧା ବଲାଂଗୀର ରେଳପଥ ତାଲୁପାଲି ରେଳ ଧାରଣାରେ । ରବିବାର ଦିନ ୫ଟା ସମୟରେ ଟାଲୁପାଲି ଗାଁ ନିକଟରେ ଚଳନ୍ତା ରେଳ ଧାରଣା ଉପରେ ଜଣେ ନାୱାଳକ ନିଜ ଜୀବନକୁ ବାଜି ଲଗେଇ ଟ୍ରାକ ରେ ଶୋଇପଡିଥିବା ବେଳେ କିଛି ପିଲା ଭିଡିଓଟି କୁ ମୋବାଇଲରେ ସୁଟ କରିଛନ୍ତି । ରେଳ ଧାରଣାରେ ରିଲ୍ସ କରିଥିବା ନାବାଳକ ତାଲୁପାଲି ଗାଁର ସଞ୍ଜୟ ମହାନନ୍ଦଙ୍କ ୧୨ ବର୍ଷର ପୁତ୍ର ଶ୍ରିମୟ ମହାନନ୍ଦ । ଏବଂ ଏହାକୁ ଭିଡିଓ ଉତ୍ତୋଳନ କରିଥିବା ନାବାଳକ ସେହି ଗାଁର ରାହୁଲ ତାଣ୍ଡିଆ ଡାଇରେକ୍ଟର ସାଜିଥିବା ନାବାଳକ ଛେଲିବହାଲି ଗାଁର ଆୟୁଷ୍ମାନ ମହାନନ୍ଦିଆ । ସମସ୍ତଙ୍କୁ ବଲାଙ୍ଗୀର ରେଲୱେ ପୋଲିସ ବାଉଁଶୁଣି ପୋଲିସ ସହାୟତାରେ ଥାନାକୁ ଆଣି ଥାନାରେ ପଚରାଉଚରା କରିଥିବା ବେଳେ ସମସ୍ତଙ୍କୁ ବଲାଙ୍ଗୀର ରେଲୱେ ପୋଲିସ ନିଜ ହେପାଜତକୁ ନେଇ ଗିରଫ କରିଥିବା ଜଣାପଡିଛି । ତେବେ ଖୋର୍ଦ୍ଧା ବଲାଙ୍ଗୀର ରେଳପଥ ଦୀର୍ଘ ଦିନ ପରେ ବୌଦ୍ଧ ଜିଲ୍ଲାକୁ ଗଡିଛି ରେଳ । ଏହାକୁ ନେଇ ଜିଲ୍ଲା ବାସୀ ଖୁସି ଥିବା ବେଳେ ବର୍ତ୍ତମାନ ଭାଇରାଲ ହେଉଥିବା ଭିଡ଼ିଓକୁ ଦେଖିଲେ ଉଦବେଗ ପ୍ରକାଶ ପାଇଛି । ଗତ ରବିବାର ଦିନ ତିନିଜଣ ନାବାଳକ ରେଳ ଧାରଣାରେ ରୀଲ୍ କରିଥିବା ଭିଡିଓ ଏବେ ସାମାଜିକ ଗଣ ମାଧ୍ୟମରେ ଭାଇରଲ ହେଇଛି। ଜଣେ ଚଳନ୍ତା ରେଳ ଧାରଣାରେ ଶୋଇପଡିଥିବା ବେଳେ ଜଣେ ଭିଡିଓ ଉତ୍ତୋଳନ କରୁଛି। ଆଉ ଜଣେ ଡାଇରେକ୍ଟର ସାଜି ରେଳ ଚାଲିଥିବା ବେଳେ ଆଉ ଅଳ୍ପ ସମୟ ମୁଣ୍ଡ ବାହାର କରନାହିଁ ବୋଲି କହୁଛି । ପାଖାପାଖି ଗୋଟେ ମିନିଟ୍ ର ଭିଡିଓ । ଦେଖିଲା ପରେ ସମସ୍ତଙ୍କ ଛାତି ଥରି ଉଠୁଛି ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ଗାଁ ନିକଟରେ ଯାଇଥିବା ରେଳ ଧାରଣାକୁ କିପରି ବିପଦ ପୁର୍ଣ୍ଣ ସ୍ଥାନକୁ ନ ଯିବେ ସେନେଇ ରେଳବାଇ ବିଭାଗ ସଚେତନତା କରିବା ଜରୁରୀ ।

## କେନ୍ଦ୍ରାପଡ଼ାରୁ ଚିହ୍ନଟ ହେଲେଣୀ ୧୮ ବାଂଲାଦେଶୀ ଅନୁପ୍ରବେଶକାରୀ



**କେନ୍ଦ୍ରାପଡା, ୫।୭ (ସଂଚାର ବ୍ୟୁରୋ) :** ରାଜ୍ୟରୁ ଗୋଟି ଗୋଟି ଖୋଜି ବାହାର କରାଯାଉଛି ଅବାଧ ବାଂଲାଦେଶୀ ମାନଙ୍କୁ। କେନ୍ଦ୍ରାପଡା ଜିଲ୍ଲାରୁ ଆରମ୍ଭ ହୋଇଛି ପ୍ରକ୍ରିୟା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଦୀର୍ଘ ସମୟ ଓ କମ ଦିନ ମଧ୍ୟରେ ଆସି କେନ୍ଦ୍ରାପଡା ଜିଲ୍ଲାରେ ବାସ କରୁଥିବା ଲୋକ ମାନଙ୍କୁ ଉଠାଇ ଆଣି ପ୍ରଥମେ ସେମାନଙ୍କ ପରିଚୟ ପତ୍ର ଯାଞ୍ଚ କରୁଛି ଓ ସନ୍ଦେହ ହେଲେ ଉପରିସ୍ଥ ଅଧିକାରୀ ଏବଂ ଏସ୍‌ଟିଏଫ୍ ସହାୟତା ନିଆ ଯାଉଥିବା ନିଜ ନାମ ଗୋପନ ରଖି କହିଛନ୍ତି ଜଣେ ପୋଲିସ ଅଧିକାରୀ । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ବିଭିନ୍ନ ଥାନା ଅଧିନରେ ମୋଟ ୧୮ ଜଣ ଅବୈଧ ଅନୁପ୍ରବେଶକାରୀ ଥିବା ଜଣାପଡିଛି।

ନିଜ ନାମ ଗୋପନ ରଖି ଜଣେ ବରିଷ୍ଠ ପୋଲିସ ଅଧିକାରୀ ଦେଇଥିବା ସୂଚନା ମୁତାବକ, ପୋଲିସ ଦ୍ୱାରା ଏହି ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ବେଳେ ଏହା କେବେ ଶେଷ ହେବ ସେନେଇ ଠିକ ନାହିଁ। ସରକାରଙ୍କ ସମସ୍ତ ଗାଇଡ଼ଲାଇନ ଫଲୋ କରି ଅନୁପ୍ରବେଶକାରୀ ବାଂଲାଦେଶୀଙ୍କ ସମ୍ପର୍କରେ ତଥ୍ୟ ଅନୁସନ୍ଧାନ କରାଯାଇ ସେମାନଙ୍କୁ ଉଠାଇ ଅଣାଯାଉଛି ଓ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଥାନା ଅଧିନରେ ମୋଟ ୧୮ ଜଣ ଅବୈଧ ଅନୁପ୍ରବେଶକାରୀ ଥିବା ଜଣାପଡିଛି । ଯେଉଁ ମାନଙ୍କୁ ପୋଲିସ ସନ୍ଦେହରେ ଉଠାଉଛି ସେମାନଙ୍କ କାଗଜପତ୍ର ଯାଞ୍ଚ ପରେ ସେମାନେ ବାଂଲାଦେଶୀ ଅନୁପ୍ରବେଶକାରୀ ଜଣାପଡିବା ପରେ ସମସ୍ତଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଉଛି ଓ ପ୍ରତି ଦୁଇଦିନରେ ସେମାନଙ୍କ ସ୍ଥାନ ପରିବର୍ତ୍ତନ କରାଯାଉଥିବା କହିଛନ୍ତି।

ବିଭିନ୍ନ ସମୟରେ କେନ୍ଦ୍ରାପଡା ଜିଲ୍ଲାର ମୁକୁଳା ଜଳପଥ ଦେଇ ପ୍ରବେଶ କରିଥାନ୍ତି ବାଂଲାଦେଶୀ ୨୦୦୫ ମସିହାରେ କେନ୍ଦ୍ରାପଡା ଜିଲ୍ଲାରେ ବାଂଲାଦେଶୀ ମାନଙ୍କୁ ଚିହ୍ନଟ କରିବା ଆରମ୍ଭ ହୋଇଥିଲା। ଜିଲ୍ଲାରେ ମୋଟ ୧୬୪୯ ଜଣ ବାଂଲାଦେଶୀ ଅବୈଧ ଭାବରେ ରହୁଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ସେମାନଙ୍କୁ ଦେଶାନ୍ତର ନୋଟିସ ମଧ୍ୟ କରା ଯାଇଥିଲା କିନ୍ତୁ ପରେ କେଉଁ କାରଣ ପାଇଁ ସେମାନଙ୍କୁ ଦେଶାନ୍ତର କରା ଯାଇନଥିଲା, ସେନେଇ ଜିଲ୍ଲାର କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ପୋଲିସ ଅଧିକାରୀ ମୁହଁ ଖୋଲିନାହାନ୍ତି। ବଙ୍ଗୋପସାଗର ଉପକୂଳରେ ଥିବା ବାଂଲାଦେଶ ଓ ଓଡ଼ିଶାରେ ବାଂଲାଦେଶୀ ନାଗରିକଙ୍କ ଅନୁପ୍ରବେଶ ଚିନ୍ତାର କାରଣ ପାଲଟିଛି । ସମୁଦ୍ର ଉପକୂଳରେ ଥିବା ଓଡ଼ିଶାର କେନ୍ଦ୍ରାପଡ଼ା,ଜଗତସିଂହପୁର, ଭଦ୍ରକ,ପୁରୀ ଓ ଗଞ୍ଜାମ ଭଳି ଜିଲ୍ଲାରେ ହାଇ ଆଲର୍ଟ ଜାରି କରାଯାଇଥିବା ବେଳେ ଗତବର୍ଷ ବିଧାନସଭା ସମୟ ଅର୍ଥାତ ସେପ୍ଟେମ୍ବର ୨ ତାରିଖ, ୨୦୨୪ ମସିହାରେ ଓଡ଼ିଶା ବିଧାନସଭାରେ ବିଧାୟକ ପବିତ୍ର ସାଉଣ୍ଟା ଅନୁପ୍ରବେଶକାରୀ ସମ୍ପର୍କରେ ପ୍ରଶ୍ନ ଉଠାଇବା ପରେ ଓଡିଶାର ୬ଟି ଜିଲ୍ଲା ସହ ରାଜ୍ୟ ରାଜଧାନୀରେ ମୋଟ ୩୭୪୦ ଜଣ ବାଂଲା ଅନୁପ୍ରବେଶକାରୀ ବାସ କରୁଥିବା ତଥ୍ୟ ମୁଖ୍ୟମନ୍ତ୍ରୀ ଦେଇଥିବା ବେଳେ ଏହି ସଂଖ୍ୟାର ମୋଟ ୧୬୪୯ ଜଣ ବାଂଲାଦେଶୀ କେବଳ କେନ୍ଦ୍ରାପଡା ଜିଲ୍ଲାରେ ବସବାସ କରୁଥିବା ତଥ୍ୟ ବିଧାନସଭାରେ ପ୍ରଦାନ କରାଯାଇଥିଲା।

jeevan box:



### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଆଗକୁ ଜଟିଳ ପରିସ୍ଥିତି

ଇରାନ ଉପରେ ଆମେରିକାର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଜଟିଳ ହୋଇଛି। ଇରାନ ମଧ କାତାରସ୍ଥିତ ଆମେରିକା ଏୟାରବେସରେ ମିସାଇଲ ମାଡ଼ କରିଛି। ଏହା ସହିତ ହରମୁଜ ପ୍ରଣାଳୀକୁ ଇରାନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହା ଦ୍ୱାରା ବିଶ୍ୱବଜାରରେ ତେଲ ଦର ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଛି। କାରଣ ଏହି ପ୍ରଣାଳୀ ଦେଇ ବିଶ୍ୱର ଏକତୃତୀୟାଂଶ ତୈଳ ପରିବହନ ହୋଇଥାଏ। ଭାରତ ମଧ ଆମଦାନୀ କରୁଥିବା ଦୈନିକ ୫.୫ ବିଲିୟନ ବ୍ୟାରେଲ ମଧ୍ୟରୁ ପ୍ରାୟ ୨ ବିଲିୟନ ବ୍ୟାରେଲ ତୈଳ ଏହି ରୁଟ ଦେଇ ଆମଦନୀ କରିଥାଏ। ତୈଳ ଯୋଗାଣ ପ୍ରଭାବିତ ହେଲେ ଏହାର ଦରବୃଦ୍ଧି ସ୍ୱାଭାବିକ। ଏହା ଦେଶର ଅର୍ଥନୀତିକୁ ପ୍ରଭାବିତ କରିପାରେ। ବହୁ ବର୍ଷର ପ୍ରୟାସ ପରେ ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏବେ ଭାରତ ତୃତୀୟ ସ୍ଥାନକୁ ଉନ୍ନୀତ ହେବାକୁ ପ୍ରୟାସ କରୁଛି। ବହୁ କଷ୍ଟରେ ମୁଦ୍ରାସ୍ଫୀତି ନିୟନ୍ତ୍ରିତ ହୋଇଛି। ଯୁଦ୍ଧ ଲାଗିଥିଲେ ଦରଦାମ ବଢ଼ିଥାଆନ୍ତା ଏବଂ ବିପୁଳ ଅର୍ଥ ବ୍ୟୟ ହୋଇଥାଆନ୍ତା। ସମ୍ପ୍ରତି ବିଶ୍ୱ ଅର୍ଥନୀତି ଏକ ପ୍ରକାର ସଙ୍କଟ ମଧ ଦେଇ ଗତି କରୁଛି। ଟ୍ରମ୍ପଙ୍କ ଟାରିଫ ଯୁଦ୍ଧରେ ସାରା ବିଶ୍ୱରେ ହାହାକାର ପଡ଼ିଯାଇଛି। ସେୟାର ମାର୍କେଟ ଉପରେ ଏହାର ପ୍ରଭାବ ପଡ଼ିଛି। ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତା ସୃଷ୍ଟି ହୋଇଛି ଏବଂ ପୁଣି ଏକ ମାନ୍ଦାବସ୍ଥା ସୃଷ୍ଟିର ଆଶଙ୍କା ସୃଷ୍ଟି ହୋଇଛି। କିନ୍ତୁ ଅନେକ ସମୟରେ ସଙ୍କଟ ବଡ଼ ସୁଯୋଗ ସୃଷ୍ଟି କରିଥାଏ। ଏବେ ଭାରତ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ବୃଦ୍ଧି ଭାରତ ପାଇଁ ପରୋକ୍ଷରେ ଆଶୀର୍ବାଦ ହୋଇପାରେ। କାରଣ ସବୁ ସଙ୍କଟ ଏକ ନୂଆ ସୁଯୋଗ ସୃଷ୍ଟି କରିଥାଏ। ଏହାର କେବଳ ଉପଯୋଗ ଆବଶ୍ୟକ। ଟ୍ରମ୍ପ ଉଭୟ ଭାରତ ଏବଂ ଚୀନ ଉପରେ ତାରିଫ ବୃଦ୍ଧି କରିବା ପରେ ଉଭୟ ଦେଶ ପରସ୍ପରର ନିକଟତର ହେବାକୁ ସୁଯୋଗ ସୃଷ୍ଟି ହୋଇଛି। ଶତ୍ରୁର ଶତ୍ରୁ ମିତ୍ର। ତେଣୁ ଏବେ ଆମେରିକା ବିରୋଧରେ ଭାରତ ଓ ଚୀନ ଏକାଠି ହୋଇପାରନ୍ତି। ଚୀନ ବୈଦେଶିକ ମନ୍ତ୍ରୀ ଏଥିଲାଗି ଭାରତକୁ ଆହ୍ୱାନ କରି କହିଛନ୍ତି ଯେ, ଏବେ ଡ୍ରାଗନ ଏବଂ ଏଲିଫ୍ୟାଣ୍ଟ ଏକାଠି ନାଚିବାର ସୁଯୋଗ ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ଅନେକ ବର୍ଷ ହେବ ସୀମା ବିବାଦ ଲାଗି ରହିଛି। ଇତିମଧ୍ୟରେ ମୋଦି ଏବଂ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ଦ୍ୱାରା ବିବାଦର ସାମୟିକ ସମାଧାନ ହୋଇଛି। ସୀମାରେ ଉତ୍ତେଜନା ହ୍ରାସ ପାଇଛି। ଚୀନର ବୈଦେଶିକ ମନ୍ତ୍ରୀ ଯାହା କହିଛନ୍ତି ତାହା ଯଥାର୍ଥ। ସୀମା ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରହିବ। ଏହାକୁ ପଛରେ ପକାଇ ବିଶ୍ୱର ଏହି ଦୁଇ ମହାନ ପୁରାତନ ସଭ୍ୟତା ସମ୍ପନ୍ନ ରାଷ୍ଟ୍ର ଉଭୟଙ୍କ ବୃହତ୍ତମ ସ୍ୱାର୍ଥ ନିମନ୍ତେ ଏକାଠି ହେବା ଉଚିତ ବୋଲି ସେ କହିଛନ୍ତି। ଏବେ ଭାରତ ସରକାର ଗୁରୁତ୍ୱର ସହ ଏ ସମ୍ପର୍କରେ ଚିନ୍ତା କରିବା ଉଚିତ। ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଦାୟିତ୍ୱଗ୍ରହଣ କରିବା ପରେ ବିଶ୍ୱ ଅର୍ଥନୀତି, କୂଟନୀତିରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଟ୍ରମ୍ପଙ୍କ ଏକଚାଟିଆ କାରବାର ଆଗରେ ସାରା ବିଶ୍ୱ ହତଚକିତ ହୋଇଛି। ଜଣେ ବିଶ୍ୱନେତା ଭାବେ ନୁହେଁ, ଜଣେ ଅହଂକାରୀ, ଏକଛତ୍ରବାଦୀ ଶାସକ ଏବଂ ବେପାରୀ ଭଳି ସେ ଆଚରଣ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଆମେରିକା ପ୍ରଥମେ ନୀତି ସାରା ବିଶ୍ୱପାଇଁ ମହଙ୍ଗା ପଡ଼ୁଛି। ଆମେରିକା ରାଷ୍ଟ୍ରପତି ଭାବେ ନିଜ ଦେଶର ସ୍ୱାର୍ଥ ରକ୍ଷା ଦାୟିତ୍ୱ ତାଙ୍କର। ସେଥିରେ କାହାର କିଛି ଆପତ୍ତି ନାହିଁ। ଏହା ତାଙ୍କର ଦାୟିତ୍ୱ ଏବଂ ନିଜସ୍ୱ ଅଧିକାର। କିନ୍ତୁ ଅନ୍ୟକୁ ଆଘାତ ଦେବାର ଅଧିକାର ତାଙ୍କର ନାହିଁ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ଟ୍ରମ୍ପ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟତାକୁ ବାତିଲ କରିବା ନିମନ୍ତେ ଦୁଇଟି ନିଷ୍ପତ୍ତି ନେଲେ। ଏବେ ଆମେରିକା ଜାତିସଂଘ. ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଆମେରିକା ଓହରିଯିବାକୁ ଚିନ୍ତା କରୁଥିବା ସଙ୍କେତ ମିଳିଛି। ଟ୍ରମ୍ପଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ପରିଚିତ ଏଲନ ମସ୍କ ଏବଂ ଅନ୍ୟ କେତେକ ବେପାରୀ ତାଙ୍କୁ ଏଭଳି ଦୁର୍ବୁଦ୍ଧି ଦେଉଛନ୍ତି। ଈଶ୍ୱର କରନ୍ତୁ ଟ୍ରମ୍ପଙ୍କ ସଦବୁଦ୍ଧି ଉଦୟ ହେଉ ଏବଂ ସେ ଏଭଳି ଅପ୍ରୀତିକର ନିଷ୍ପତ୍ତିରୁ ଓହରି ଯାଆନ୍ତୁ। ଟ୍ରମ୍ପ କ୍ଷମତାସୀନ ହେବା ପରେ ଆମେରିକା ସହ ଏହାର ବନ୍ଧୁ ରାଷ୍ଟ୍ରମାନଙ୍କ ସମ୍ପର୍କ ତିକ୍ତ ହୋଇଛି। ଏବେ ଆମେରିକା ନାଟୋରୁ ଓହରିଯିବାକୁ ଚିନ୍ତା କରୁଛି। ଆମେରିକାର ବନ୍ଧୁ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍ସ ଆଦି ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର, କଟୁକ୍ତି ଏବଂ ଛଳନାତ୍ମକ ଆଚରଣ ଅସହ୍ୟ ଏବଂ ଏହାକୁ ଅପ୍ରତ୍ୟାଶିତ ବୋଲି କୁହାଯାଇପାରେ। ଦୀର୍ଘ ବର୍ଷ ହେବ ଆମେରିକା ଯେଉଁ ରାସ୍ତାରେ ଯାଉଥିଲା, ବିଶ୍ୱ ନେତାଭାବେ ଦାୟିତ୍ୱ ବହନ କରି ଆସୁଥିଲା, ତାହା ଏବେ ବ୍ୟାହତ ହେବ। ଏଥିରେ ଆମେରିକାର ନେତୃତ୍ୱକୁ କିଏ କାହିଁକି ଗ୍ରହଣ କରିବ? ଆମେରିକା ବିଶ୍ୱର ସବୁଠାରୁ ଧନଶାଳି ଏବଂ ଶକ୍ତିଶାଳି ରାଷ୍ଟ୍ର ହୋଇପାରେ। କିନ୍ତୁ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଉପେକ୍ଷା କରି, ସେମାନଙ୍କୁ ଅଣଦେଖା କରି ଆମେରିକା ନିଜର ପ୍ରଭୁତ୍ୱ ସାବ୍ୟସ୍ତ କରିପାରିବ ନାହିଁ। ଟ୍ରମ୍ପ ଇତିମଧ୍ୟରେ ବିଭିନ୍ନ ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ତାରିଫ ବୃଦ୍ଧି କରିଛନ୍ତି। ସବୁଠାରୁ ଅଧିକ ତାରିଫ ବଢ଼ିଛି ଚୀନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ। ଭାରତ ମଧ ଏଥିରେ ପ୍ରଭାବିତ ହେବାକୁ ଯାଉଛି। ଟ୍ରମ୍ପଙ୍କ ବ୍ଲାକମେଲିଂ ଆଗରେ ଅନେକ ମୁଣ୍ଡ ନୁଆଁଇବାକୁ ବାଧ ହୋଇପାରନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହେବ ନାହିଁ। ଏମିତି ସମୟ ଆସିବ ଆମେରିକା ବିଶ୍ୱରେ ଏକଘରିକିଆ ହୋଇଯିବ। ଟ୍ରମ୍ପ ଗୋଟିଏ ପଟେ ଚୀନ ସହ ଶତ୍ରୁତା କରୁଥିବା ବେଳେ ଋଷିଆ ସହ ହାତ ମିଳାଇଛନ୍ତି। ୟୁକ୍ରେନ ଉପରେ ଋଷିଆ ଆକ୍ରମଣକୁ ତିନି ବର୍ଷ ତଳେ ଆମେରିକା ନିନ୍ଦା କରୁଥିଲା ଏବଂ ୟୁକ୍ରେନକୁ ସାମରିକ ତଥା ଆର୍ଥିକ ସହାୟତା ପ୍ରଦାନ କରୁଥିଲା। ଏବେ ଟ୍ରମ୍ପ ପୁଟିନଙ୍କ ସହ ହାତ ମିଳାଇ ୟୁକ୍ରେନ ପ୍ରତି କ୍ରୁର ଆଚରଣ ପ୍ରଦର୍ଶନ କରୁଛନ୍ତି। ଋଷିଆ ନିକଟରେ ଆତ୍ମସମର୍ପଣ କରିବାକୁ ସେ ୟୁକ୍ରେନକୁ ବାଧ କରୁଛନ୍ତି। ଏହା ସହିତ ୟୁକ୍ରେନକୁ ସମସ୍ତ ପ୍ରକାର ସାମରିକ ସହାୟତାକୁ ଟ୍ରମ୍ପ ବନ୍ଦ କରି ଦେଇଛନ୍ତି। ଆମେରିକାକୁ ପଛରେ ପକାଇ ଚୀନ ବିଶ୍ୱ ନେତା ହେବାକୁ ବେଶୀ ଡେରି ଲାଗିବ ନାହିଁ। ଟ୍ରମ୍ପ ମନେ ରଖିବା ଉଚିତ ଯେ ସେ ସବୁଦିନ କ୍ଷମତାରେ ରହିବେ ନାହିଁ। କିନ୍ତୁ ସେ ନିଜ ଦେଶର ଯେଉଁ କ୍ଷତିସାଧନ କରି ଚାଲିଯିବେ, ତାହା ଭବିଷ୍ୟତରେ ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଭାରତ ମଧ ଏବେ ସତର୍କ ରହିବାର ସମୟ। ଇତିମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ନୂଆ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମ୍ପାଦନ ଲାଗି ଆଲୋଚନା ଏକ ପ୍ରକାର ନିର୍ଣ୍ଣୟାତ୍ମକ ସ୍ଥିତିରେ ପହଞ୍ଚିଛି। ଉଭୟ ଦେଶର ଉଚ୍ଚସ୍ତରୀୟ ପ୍ରତିନିଧିଙ୍କ ମଧ୍ୟରେ ଏଥିଲାଗି ଆଲୋଚନା ହେଉଛି। ଆଲୋଚନା ବେଳେ ଭାରତ ଆମେରିକା ଉପରେ ତାରିଫ ହ୍ରାସ କରିବାକୁ ପ୍ରସ୍ତୁତ ଥିବା ସଙ୍କେତ ଦେଇଛି। ଯଦି ଭାରତ ତାରିଫ ହ୍ରାସ କରେ ତେବେ ଆମେରିକା ମଧ ଭାରତ ଉପରେ ବର୍ଦ୍ଧିତ ତାରିଫ ପ୍ରତ୍ୟାହାର କରିପାରେ। ରାଷ୍ଟ୍ରପତି ଟ୍ରମ୍ପ ଏହି ସଙ୍କେତ ଦେଇଛନ୍ତି। ଏହା ସ୍ୱାଗତଯୋଗ୍ୟ। ବାସ୍ତବରେ ଭାରତର ତାରିଫ ବା ଟିକସ ହାର ବହୁ ଅଧିକ। ଏଥିନେଇ ଆମେରିକା ରାଷ୍ଟ୍ରପତିଙ୍କ ଉଦବେଗ ଯଥାର୍ଥ। ଏହା ଦ୍ୱାରା ଆମେରିକା ବା ବିଦେଶୀ ରାଷ୍ଟ୍ରମାନେ ଭାରତରେ ନିଜର ସାମଗ୍ରୀ ବିକ୍ରୀ କରିବା ସୁଯୋଗ ପାଉ ନାହାଁନ୍ତି। ଭାରତୀୟ ଶିଳ୍ପ ଏବଂ କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହା ଉଦ୍ଦିଷ୍ଟ ବୋଲି କୁହାଯାଉଛି। କିନ୍ତୁ ଭାରତର ଖାଉଟୀ ଏହା ଦ୍ୱାରା ଶସ୍ତାରେ ଭଲ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଭାରତର ଶିଳ୍ପ ଉତ୍ପାଦନକାରୀମାନେ ଚଢ଼ା ଦରରେ ଲୋକଙ୍କୁ ସାମଗ୍ରୀ ବିକ୍ରୀ କରୁଛନ୍ତି। ଯଦି ଭାରତ ସରକାର ସେମାନଙ୍କ ସ୍ୱାର୍ଥ ରକ୍ଷା ଚାହୁଁଛନ୍ତି ତେବେ ସେମାନଙ୍କ ଉପରୁ ଟିକସ ବୋଝ ହାଲୁକା କରନ୍ତୁ। ଆମେରିକା ବା ଅନ୍ୟ ବୈଦେଶିକ ସାମଗ୍ରୀ ଉପରୁ ଟିକସ ହ୍ରାସ ଉଚିତ। କିନ୍ତୁ ଟ୍ରମ୍ପ ଯେପରି ଅଭଦ୍ରୋଚିତ ବ୍ୟା ପ୍ରୟୋଗ କରୁଛନ୍ତି, ଯେପରି ଭାବେ ଭାରତକୁ ଧମକାଉଛନ୍ତି ତାହା ଆଗରେ ଭାରତ ସରକାର ମୁଣ୍ଡ ନୁଆଁଇବା ଅନୁଚିତ। ବରଂ ଆମେରିକା ଉପରେ ନିର୍ଭରଶୀଳତା କିପରି ହ୍ରାସ କରାଯାଇପାରିବ ସେଥିପ୍ରତି ଯତ୍ନବାନ ହେବା ଉଚିତ। ଆମେରିକାକୁ ବାଦ ଦେଇ ମଧ ବିଶ୍ୱ ବାଣିଜ୍ୟର ସ୍ଥିତି ରହିଛି। ଚୀନ ଓ ୟୁରୋପ ସହ ଭାରତ ବାଣିଜ୍ୟ କାରବାର ବୃଦ୍ଧି କରିବାକୁ ପ୍ରୟାସ କରିବା ଉଚିତ। ଏହା ସହିତ ବିଭିନ୍ନ ଶିଳ୍ପଜାତ ସାମଗ୍ରୀ ଉତ୍ପାଦନରେ ଭାରତ କିପରି ଶତ ପ୍ରତିଶତ ଆତ୍ମନିର୍ଭରଶୀଳ ବା ସ୍ୱାବଲମ୍ବୀ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭରଶୀଳ ଭାରତ ଗଠନ ପ୍ରୟାସ ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ। ୨୦୪୭ ସୁଦ୍ଧା ଭାରତକୁ ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ସମ୍ଭାବ୍ୟ ତୈଳ ସଙ୍କଟର ମୁକାବିଲା ନିମନ୍ତେ ଭାରତ ଯଥେଷ୍ଟ ଆଗୁଆ ପ୍ରୟାସ କରିବା ଉଚିତ।

# ମିଛ କହିବା ମାନବିକତାର ହତ୍ୟା



### କିଶୋର ଚନ୍ଦ୍ର ବେହେରା

ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟକ ଓ ଗୀତିକାର ରାମକୃଷ୍ଣ ନନ୍ଦଙ୍କ ରଚିତ ଆହେ ଦୟାମୟ ବିଶ୍ୱ ବିହାରୀ ଓଡ଼ିଶାର ବହୁ ବିଦ୍ୟାଳୟରେ ପ୍ରାର୍ଥନା ଭାବରେ ଗାନ କରାଯାଏ "ସତ କହିବାକୁ କିଆଁ ଡ଼ରିବି, ସତ କହି ପଛେ ମଲେ ମରିବି" , "ମୋତେ ଏତିକି ଶିଖାଅ ସାଇଁ ହେ, ମୋର ଧନଜନ ଲୋଡ଼ା ନାହିଁ ହେ" ପ୍ରାର୍ଥନାଟିକୁ ଛାତ୍ରଛାତ୍ରୀମାନେ ବୋଲି ସାରିବା ପରେ ପାଠପଢ଼ା ଆରମ୍ଭ ହୁଏ। ପ୍ରାର୍ଥନାଟିକୁ ବୋଲିବାର ଉଦ୍ଦେଶ୍ୟ, ଛାତ୍ରଛାତ୍ରୀମାନେ ଯେପରି ସତ୍‌ମାର୍ଗକୁ ଅନୁସରଣ କରି, ମିଥ୍ୟାକୁ ପରିତ୍ୟାଗ କରି ଲୋଭର ବଶବର୍ତ୍ତୀ ନହୋଇ ପାଠପଢ଼ା ପ୍ରତି ମନୋନିବେଶ କରି ଜଣେ ଜଣେ ମେଧାବୀ ଛାତ୍ରଛାତ୍ରୀଭାବେ ବିଦ୍ୟାଳୟ, ଶିକ୍ଷକ, ସମାଜ ଓ ପିତାମାତାଙ୍କ ନାମ ଟେକ ରଖିବେ। ଅବଶ୍ୟ ବିଦ୍ୟାଳୟମାନଙ୍କରେ ସେ ପ୍ରାର୍ଥନା ବୋଲଯାଉଛି କି ନାହିଁ ତାହା ତ ଦୂରର କଥା କିନ୍ତୁ ସତ ବଦଳରେ ମିଛ ଉପରେ ବେଶି ଗୁରୁତ୍ୱ ଦିଆଯାଉଛି। ଲୋକେ ସତ କହିବାକୁ ଯେତିକି ଘୃଣା କରନ୍ତି, ମିଛ କହି ସେତିକି ଆନନ୍ଦ ପାଇଥାନ୍ତି। ହେଲେ ଏହି ମିଛ ପାଇଁ ବେଳେ ବେଳେ ବହୁ ମୂଲ୍ୟ ଦେବାକୁ ପଡ଼ିଥାଏ। ମିଛ କହିବା ମହାପାପ ବୋଲି ପିଲାଟିବେଳୁ ଗୁରୁଜନମାନେ ଆମକୁ ନୀତି ବଚନ ଶୁଣାଇ ଆସିଛନ୍ତି। ତା'ର ପ୍ରତିଫଳନ କ'ଣ ଆମ ଜୀବନରେ ପଡ଼ିଛି? ଏହାର ଯଥେଷ୍ଟ ପ୍ରମାଣ ଆମ ପୁରାଣମାନଙ୍କରେ ହିଁ ମିଳିବ। ଏଥିପାଇଁ କେତେ ପୌରାଣିକ ଚରିତ୍ରମାନଙ୍କରେ କଳଙ୍କ ଲାଗିଛି। ମିଛର ନିଆଁରେ ପୋଡ଼ିଯାଇଛି କେତେକେତେ ସୁନ୍ଦର ଦାମ୍ପତ୍ୟଜୀବନ। ମିଛର ସୁଡ଼ଙ୍ଗ ଦେଇ ଗର୍ଜି ଉଠିଛି କେତେ ବଜ୍ରବାଣ, ଧ୍ୱଂସ ପାଇଛି କେତେ ରାଜପରିବାର, ଇତିହାସ ତା'ର ମୂକସାକ୍ଷୀ। ହେଲେ ମିଥ୍ୟା ପାଇଁ କ୍ଷମା ନାହିଁ। ମହାନ ଗ୍ରନ୍ଥ ରାମାୟଣ ଓ ମହାଭାରତରେ କିପରି ମିଥ୍ୟା ଜୀବନ ବିନାଶ କରେ, ପରିବାରକୁ ଛାରଖାର କରିଦିଏ, ଏହି କଥାଟି ପ୍ରାଞ୍ଜଳ ଭାବରେ ସ୍ଥାନିତ ହୋଇଛି- ଯେଉଁଥିରେ ଜନସଚେତନତା ସୃଷ୍ଟି କରାଯାଇଛି। କୁହାଯାଇଛି ମିଥ୍ୟାର ପଥ କଣ୍ଟକିତ ଓ ଘନ ଅନ୍ଧକାର ଆଉ ସତ୍ୟର ପଥ ଆଲୋକିତ ଓ ସୁଗମ। ମିଛର ନିଆଁ ମୁଣ୍ଡାଟାକୁ ଅଣ୍ଟିରେ ରଖିଲେ ସେ ଯେ କେତେବେଳେ ଜୀବନ ନେଇ ଯାଇପାରେ ଏକଥା କେହି ହେଲେ ଭାବନ୍ତି ନାହିଁ। ଯେହେତୁ ମଣିଷ ହେଉଛି ସାମାଜିକ ପ୍ରାଣୀ, ଅନେକ ଥର ସେ ନିଜ ନିଜ ଅନୁସାରେ ଜିନିଷକୁ ବିକୃତ କରଦିଏ। ଏପରି ଆମ୍ଭମାନଙ୍କର ପ୍ରକୃତି ହେଉଛି ମିଛ କହିବା ଏବଂ ସତ କହିବା।

ମିଛ କହିବା ସମୟରେ ଶରୀରରେ କିଛି ପରିବର୍ତ୍ତନ ଘଟେ, ଯେଉଁଥିପାଇଁ ଜାଣିପାରିବା ଯେ ଅନ୍ୟ ଜଣକ ମିଛ କହୁଛନ୍ତି। ଏହା ବ୍ୟତୀତ, ଯେତେବେଳେ ଆପଣ ମିଛ କହୁନ୍ତି, ଆପଣଙ୍କର ଆଖିପତା ମଧ ଶୀଘ୍ର ପଡ଼ିଥାଏ। ମିଛ କହିବା ସମୟରେ, ବ୍ୟକ୍ତି ମିଛକୁ ସତ୍ୟ ପ୍ରମାଣ କରିବାକୁ ଯାଇ ଅତ୍ୟଧିକ କଥା କହିବା ଆରମ୍ଭ କରେ ଏବଂ ଆଖି ଯୋଗାଯୋଗରୁ ଦୂରେଇ ଯାଏ। କେବଳ ଏତିକି ନୁହେଁ, ସେ ମୁହଁ ଏବଂ ନାକକୁ ମଧ ସାମ୍ନା ଲୋକ ଠାରୁ ଦୂରେଇ ରଖିବା ପାଇଁ ଚେଷ୍ଟା କରନ୍ତି। ଏପରି ପରିସ୍ଥିତିରେ, ଅନ୍ୟ ଜଣକ ମିଛ କହୁଥିବାର ଦେଖିବାକୁ ମିଳିଥାଏ। ବିଜ୍ଞାନ କୁହେ ଯେ ଯେତେବେଳେ ଆମେ ମିଛ କହିଥାଉ, ନାକ ଚାରିପାଖରେ ଥିବା ମାଂସପେଶୀର ତାପମାତ୍ରା ଏବଂ ଆଖିର ଭିତର କୋଣରେ ଯଥେଷ୍ଟ ବୃଦ୍ଧି ପାଇଥାଏ। ବୈଜ୍ଞାନିକମାନଙ୍କ ଅଧ୍ୟୟନ ଅନୁଯାୟୀ, ମାନସିକ କାର୍ଯ୍ୟ କରୁଥିବା ଲୋକଙ୍କ ମୁହଁର ତାପମାତ୍ରା ହ୍ରାସ ପାଇଥିବାର ଦେଖାଯାଇଛି।




ଯେଉଁଠାରେ ଲୋକମାନେ ଅଧିକ ଚିନ୍ତା ଅନୁଭବ କରନ୍ତି, ସେମାନଙ୍କର ମୁଖର ତାପମାତ୍ରା ବଢ଼ିଥାଏ। ଶରୀରର ଏକ ଅଙ୍ଗ ଅଛି ଯାହା ମିଛ କହିବା ସମୟରେ ଗରମ ହୋଇଯାଏ। ସ୍ପେନର ଗ୍ରେନାଡା ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗ ବିଦ୍ୟାର୍ଥୀ ଅନୁସନ୍ଧାନକାରୀମାନେ ପରୀକ୍ଷଣରେ ଲୋକଙ୍କ ମୁଖର ତାପମାତ୍ରା ଅଧ୍ୟୟନ ପାଇଁ ଥର୍ମୋଗ୍ରାଫି ବ୍ୟବହାର କରିଥିଲେ। ଏହା ଅନୁଯାୟୀ, ପିନୋକିଓ ପ୍ରଭାବରେ, ଆପଣଙ୍କର ନାକ କହିପାରେ ଯେ ଆପଣ ମିଛ କହୁଛନ୍ତି। ସାଇନ୍ସ ଡେଲି ୱେବସାଇଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଯେତେବେଳେ ଜଣେ ବ୍ୟକ୍ତି ମିଛ କହନ୍ତି, ସେତେବେଳେ ସେ "ପିନୋକିଓ ଇଫେକ୍ଟ" ଅନୁଭବ କରନ୍ତି। ପିନୋକିଓ ପ୍ରଭାବ ହେତୁ ନାକ ଚାରିପାଖରେ ଥିବା ମାଂସପେଶୀର ତାପମାତ୍ରା ଏବଂ ଆଖିର ଭିତର କୋଣ ବଢ଼ିଯାଏ। ବିଜ୍ଞାନ ସମ୍ବନ୍ଧୀୟ ବ୍ୟତୀତ ଯଦି ଆମେ ପୌରାଣିକ କିମ୍ବଦନ୍ତୀକୁ ଆଲୋଚନା କରିବା ସମାଜର ମଙ୍ଗଳ ନିମନ୍ତେ ମଧ ମିଛର ଆଶ୍ରୟ ନେବାକୁ ପଡ଼ିଥାଏ। ମହାଭାରତ ଯୁଦ୍ଧର ମଧ ଭାଗରେ ଯେତେବେଳେ ଭଗବାନ ଶ୍ରୀକୃଷ୍ଣଙ୍କ ପରାମର୍ଶ କ୍ରମେ ଧର୍ମରାଜ ଯୁଧିଷ୍ଠିର ଅଶ୍ୱତ୍‌ଥାମା ନାମକ ଏକ ହସ୍ତୀର ମୃତ୍ୟୁରେ ଚିତ୍କାର କରି କହିଲେ ଯେ "ନରେ ବା ଗୁଞ୍ଜରେ ଅଶ୍ୱତ୍‌ଥାମା ହତ", ସେତିକି ବେଳେ ଏହା ଶ୍ରୀକୃଷ୍ଣଙ୍କ ପ୍ରଚ୍ଛନ୍ନ ଉଦ୍ଦେଶ୍ୟକୁ ସଫଳ କରି ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଅସ୍ତ୍ର ତ୍ୟାଗର କାରଣ ହୋଇଥିଲା।

ପିତାମାତାଙ୍କର ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସେମାନଙ୍କର ପିଲାକୁ ଭରଣ ପୋଷଣ କରିବା ଏବଂ ସେମାନଙ୍କୁ ସଚ୍ଚୋଟତା ଅଭ୍ୟାସ ଶିଖାଇବା , କିନ୍ତୁ ଅନେକ ଥର ପିଲା ଜାଣିଶୁଣି ମିଛ ଶିଖିଥାଏ। ଏଭଳି ପରିସ୍ଥିତିରେ ଅଭିଭାବକମାନେ ଆରମ୍ଭରେ ନିଜ ସନ୍ତାନର ଚପଳାତାକୁ ଦୃଷ୍ଟିରେ ରଖି ଏହି ଅଭ୍ୟାସକୁ ଅଣଦେଖା କରନ୍ତି। କିନ୍ତୁ ବେଳେବେଳେ ପିଲାମାନେ ଅଧିକ ମିଛ କହିବା ଆରମ୍ଭ କରିଥାନ୍ତି। ଏଥିପାଇଁ ସର୍ବପ୍ରଥମେ ପିଲାଟି କାହିଁକି ମିଛ କହୁଛି ତାହା ଜାଣିବା ଜରୁରୀ ହୋଇଥାଏ। ଅନେକ ଥର ଶିକ୍ଷକ କିମ୍ବା ପିତାମାତାମାନଙ୍କ ଦ୍ୱାରା ଗାଳିଗୁଲଜ ଶୁଣିବା ଭୟ ହେତୁ ମିଛ କହିଥାନ୍ତି। ଏପରି ପରିସ୍ଥିତିରେ ପ୍ରଥମେ ପିଲା ଙ୍କ ମିଛ କହୁଥିବାର କାରଣ ଖୋଜିବାକୁ ପଡ଼ିବ। ପିଲାଟି ଅଧିକାଂଶ ଜିନିଷ ପରିବାରର ବଡ଼ ଲୋକଙ୍କ ଠାରୁ ଶିଖିଥାନ୍ତି। ତେଣୁ ଧ୍ୟାନ ଦିଅନ୍ତୁ ଯେ ଆପଣ ପିଲାଙ୍କ ଆଗରେ କୌଣସି ପ୍ରକାରର ମିଛ କହିବେ ନାହିଁ। କାରଣ ପିଲାମାନେ କେବଳ ସେମାନଙ୍କ ପିତାମାତାଙ୍କୁ ଦେଖି ଶିଖନ୍ତି। ଏପରି ଭାବେ ପିଲାମାନେ ମଧ ଯାହା ଠିକ୍ ତାହା ଆପଣଙ୍କ ଠାରୁ ଅନୁକରଣ କରନ୍ତି। ଏଭଳି ପରିସ୍ଥିତିରେ ଅନେକ ଥର ଆମେ ନିଜ ସ୍ୱାର୍ଥ ପାଇଁ ପିଲାମାନଙ୍କ ସାମ୍ନାରେ ମିଛ କହିଥାଉ। ସେଥିପାଇଁ ପରବର୍ତ୍ତୀ ସମୟରେ ଏହା ପିଲାମାନଙ୍କ ଉପରେ ପ୍ରଭାବ ପକାଇଥାଏ , କାରଣ ପରିବାର ହେଉଛି ପ୍ରତ୍ୟେକ ଶିଶୁ ମାନଙ୍କର ପ୍ରାଥମିକ ଶିକ୍ଷାର ଏକ୍ତୁଡ଼ିଶାଳା। ପିଲାଟି ମନରୁ ଅତି ଦୁର୍ବଳ ହୋଇଥାଏ। ଯେତେବେଳେ ଆପଣ ସେମାନଙ୍କୁ ଗାଳି ଦିଅନ୍ତି, ସେମାନେ କାନ୍ଦିବା ଆରମ୍ଭ କରନ୍ତି। ତେଣୁ ଯେତେବେଳେ ଆପଣ ସେମାନଙ୍କୁ ପ୍ରଶଂସା କରନ୍ତି, ସେମାନେ ଖୁସି ଏବଂ ଉତ୍ସାହିତ ହୁଅନ୍ତି। ଏପରି ପରିସ୍ଥିତିରେ ଯେତେବେଳ ପିଲାଟି ସତ କହିଥାଏ କିମ୍ବା କିଛି ଭଲ କାମ କରେ, ତାଙ୍କୁ ଉତ୍ସାହିତ କରିଥାଏ , କିନ୍ତୁ ଯେତେବେଳେ ଆପଣ ମିଛ କହୁଥିବା ବେଳେ ପିଲାକୁ ଧରୁଛନ୍ତି। ସେତେବେଳେ ପ୍ରଥମ ଥର ପାଇଁ, ତାଙ୍କୁ କେବଳ ଚେତାବନୀ ଦିଅ ଏବଂ ତାଙ୍କୁ ଛାଡି ଦିଅନ୍ତୁ। ଏହା ପରେ ପିଲା ଯଦି ବାରମ୍ବାର ମିଛ କହୁଛି, ତାହେଲେ ତାଙ୍କୁ ଦଣ୍ଡ ଦେବା ପାଇଁ ଚିନ୍ତା କରନ୍ତୁ। ଯଦି ଆପଣଙ୍କ ପିଲା ଏପରି କିଛି ଭୁଲ କରୁଛନ୍ତି ଯାହା ପାଇଁ ତାଙ୍କୁ ଦଣ୍ଡ ଦେବା ନିହାତି ଜରୁରୀ, ତାହେଲେ ତାଙ୍କୁ ଏପରି କିଛି ଦଣ୍ଡ ଦିଅନ୍ତୁ, ଯେଉଁଥିରେ ସେମାନେ କିଛି ଶିକ୍ଷିବେ। ଏପରି ପରିସ୍ଥିତିରେ ଆପଣ ପିଲାଙ୍କୁ କିଛି ଅତିରିକ୍ତ କାମ ଦେଇପାରିବେ। ତାଙ୍କୁ ପ୍ରତିଦିନ ସକାଳେ ଶୀଘ୍ର ଉଠିବା ପରି ଘର କାମ କରିବାକୁ କୁହନ୍ତୁ। ଏହା ମଧ ଶିଶୁର ଏକ ନୂଆ ଅଭ୍ୟାସ ବିକାଶ କରିବ। ସେଥିପାଇଁ ଆପଣ ଏପରି ସବୁ କାମ କରନ୍ତୁ, ଯେପରି ପିଲାଟି ଏହି ସବୁ କଥାରୁ କିଛି ନା କିଛି ଶିକ୍ଷିବ ଏବଂ ଭଲ ମଣିଷ ହୋଇପାରିବ।


**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ, ମୋବାଇଲ୍: ୯୪୩୭୯୫୫୫୬୮**


# ରଥ-ପଥ-ଜଗନ୍ନାଥ



### ରାଜସ୍ମିତା ବାରିକ

ସନାତନ ଧର୍ମ ରେ ପର୍ବପର୍ବାଣୀ ର ବିଶେଷ ମହତ୍ତ୍ୱ ରହିଛି। ଜଗନ୍ନାଥଙ୍କର ଏହି ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ରେ ପାଳିତ ହୋଇଥାଏ। ମହାପ୍ରଭୁ ଜଗନ୍ନାଥ ଓଡ଼ିଆ ଜାତିର ପ୍ରାଣ ସଦୃଶ। କୋଟି ଓଡ଼ିଆ ଙ୍କର ଆରାଧ ଦେବତା। ମହାପ୍ରଭୁ ଜଗନ୍ନାଥ ଙ୍କ ର ଏହା ଏକ ବଡ ପର୍ବ। ମନ୍ଦିରରେ ପାଳିତ ହେଉଥିବା ଦ୍ୱାଦଶ ଯାତ୍ରାର ମଧ୍ୟରେ ପ୍ରଧାନ। ଏହି ଯାତ୍ରା ଘୋଷ ଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ନବଦିନାତ୍ମିକା ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ନାମରେ ନାମିତ। ପୌରାଣିକ ଅନୁସାରେ ଜାରା ଶବର ଶରରେ ପ୍ରାଣ ଛାଡ଼ିଲେ ଶ୍ରୀକୃଷ୍ଣ। ଶ୍ରୀକୃଷ୍ଣ ଙ୍କ ର ଏହି ମୃତ ଶରୀର କୁ ପାଣ୍ଡବମାନେ ଦାହ କରିବା ପାଇଁ ନେଇଥିଲେ କିନ୍ତୁ ବିଫଳ ହେଲେ। କାରଣ ଅଗ୍ନିର ଦାହିକା ଶକ୍ତି ନିକଟରେ ଶ୍ରୀକୃଷ୍ଣ ଙ୍କ ର ପୂର୍ଣ୍ଣବ୍ରହ୍ମ କୁ ପଞ୍ଚଭୂତରେ ବିଲୀନ କରିବାର ସାମର୍ଥ୍ୟ ନ ଥିଲା। ପାଣ୍ଡବ ମାନଙ୍କୁ ଶୂନ୍ୟବାଣୀ ହୋଇଥିଲା କୃଷ୍ଣଙ୍କର ନାଭିକମଳ ଅଗ୍ନିରେ ଭସ୍ମ ହେବନାହିଁ । ତୁମେମାନେ ତାହାକୁ ମହୋଦଧିରେ ବିସର୍ଜନ କରିଦିଅ। ଶ୍ରୀକୃଷ୍ଣଙ୍କର ଅର୍ଦ୍ଧଦଗ୍ଧ ପିଣ୍ଡ ଦାରୁରୂପରେ ବାଙ୍କୀ ମୁହାଣରେ ଆବିର୍ଭାବ ହେଲା। ସମୁଦ୍ରରେ ଭାସୁଥିବା ସେହି ଦାରୁ କୁ ଆଣି ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଖିଥିଲେ। ସ୍ୱୟଂ ମହାପ୍ରଭୁ ଜଣେ ବୃଦ୍ଧ ବେଶରେ ଆସି ସେହି ଦାରୁରେ ମୂର୍ତ୍ତି ତିଆରି କଲେ। ସର୍ତ୍ତ ଥିଲା ମୂର୍ତ୍ତି ସମ୍ପୂର୍ଣ୍ଣ ନହେବା ଯାଏ ଦ୍ୱାର ଖୋଲାଯିବ ନାହିଁ ମାତ୍ର ପନ୍ଦର ଦିନ ପରେ ଦ୍ୱାର ଖୋଲାଗଲା ମୂର୍ତ୍ତିନିର୍ମାଣ କରୁଥିବା ବୃଦ୍ଧ ଉଭାନ ହୋଇଗଲେ। ଅଧାଗଢ଼ା ମୂର୍ତ୍ତି ରହିଗଲା ଅଧାଗଢ଼ା ମୂର୍ତ୍ତିକୁ ଶ୍ରୀମନ୍ଦିରରେ ପ୍ରତିଷ୍ଠା କରାଗଲା। ସେହି ସମୟରେ ମହାପ୍ରଭୁ ରାଜା ଙ୍କୁ କହିଥିଲେ ହେ ରାଜା ବର୍ଷକୁ ଥରେ ଜନ୍ମଭୂମିକୁ ଆଣିବ। ସେଥିପାଇଁ ମହାପ୍ରଭୁ ଗୁଣ୍ଡିଚା ଘରକୁ ବୁଲି ଯାଆନ୍ତି ଓ ବାହୁଡ଼ନ୍ତି।

ତିନି ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ। ତା ପରଦିନଠାରୁ ନିର୍ମାଣ ଆରମ୍ଭ ହୋଇ ନେତ୍ରୋତ୍ସବ ଦିନ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥାଏ। ଶିଳ୍ପ ଶାସ୍ତ୍ରୀୟ ପଦ୍ଧତିରେ ତିନୋଟି ରଥ ନିର୍ମାଣ କରାଯାଇଥାଏ। ନିମ୍ବ କାଠରେ ମୋଟ ୨୭ ଗୋଟି ପାର୍ଶ୍ୱ ଦେବାଦେବୀଙ୍କର ବିଗ୍ରହ ନିର୍ମାଣ କରାଯାଇଥାଏ। ରଥଯାତ୍ରାର ଦୁଇ ଦିନ ପୂର୍ବରୁ ପ୍ରତି ରଥରେ ନଅ ମୂର୍ତ୍ତି ଲେଖାଏଁ ପାର୍ଶ୍ୱଦେବତାଙ୍କୁ ଅଧିଷ୍ଠିତ କରାଯାଇଥାଏ। ନନ୍ଦିଘୋଷ ରଥରେ ଜଗନ୍ନାଥଙ୍କ ସହ ମଦନମୋହନ ବିଜେ କରନ୍ତି। ଏହି ରଥର ସାରଥି ଦାରୁକ। ନନ୍ଦିଘୋଷ ରଥର ଦଉଡ଼ି କୁ ଶଙ୍ଖଚୂଡ଼ କୁହାଯାଏ। ପରମ୍ପରା ଅନୁସାରେ ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦ୍ୱାଶ ଏହି ଧଳାରଙ୍ଗର ଚାରୋଟି ଘୋଡ଼ା ରଥରେ ସ୍ଥାପନ କରାଯାଇଥାଏ। ଏହି ରଥରେ ୧୬ ଟି ଚକ ସଂଯୁକ୍ତ ହୋଇଥାଏ। ମହାପ୍ରଭୁ ଜଗନ୍ନାଥ ଙ୍କ ରଥର ପତାକାରେ ଗରୁଡ଼ ଚିହ୍ନ ରହିଥାଏ। ନାଲି ଓ ହଳଦିଆ ରଙ୍ଗର କପଡ଼ାରେ ଏହି ରଥ କୁ ଆବରଣ କରାଯାଏ।

ବଳଭଦ୍ର ଙ୍କ ରଥ କୁ ତାଳଧ୍ୱଜ' ବା 'ଲଙ୍ଗଳ ଧ୍ୱଜ ବୋଲି କୁହାଯାଏ। ଏହି ରଥରେ ବଳଭଦ୍ର ଙ୍କ ସହ ରାମକୃଷ୍ଣ ବିଜେ କରିଥାନ୍ତି। ଏହି ରଥରେ ୧୪ଟି ଚକ ସଂଯୁକ୍ତ ହୋଇଥାଏ। ବଳଭଦ୍ର ଙ୍କ ରଥ ର ସାରଥି ମାତଳୀ। ଏହି ରଥର ଦଉଡ଼ି କୁ ବାସୁକୀ କୁହାଯାଇଥାଏ। ଏହି ରଥ ର ଦଧିନଉତି କୁ ହିରଣ୍ମୟୀ କୁହାଯାଏ। ଏହି ରଥରେ କଳା ରଙ୍ଗର ତୀବ୍ର, ଘୋର, ଦୀର୍ଘଶ୍ରମ ଏବଂ ସ୍ୱର୍ଣ୍ଣନାଭ ନାମକ ଚାରୋଟି ଘୋଡ଼ା ସ୍ଥାପନ କରାଯାଏ। ଏହି ରଥର ଧ୍ୱଜା ରେ ଲକ୍ଷ୍ମୀନୃସିଂହ ଚିହ୍ନ ରହିଥାଏ। ନାଲି ଓ ସବୁଜ ରଙ୍ଗର କପଡ଼ାରେ ଏହି ରଥକୁ ଆବରଣ କରାଯାଏ।

ସୁଭଦ୍ରାଙ୍କ ରଥ କୁ 'ଦର୍ପଦଳନ' , 'ପଦ୍ମଧ୍ୱଜ' ବା 'ଦେବଦଳନ' କୁହାଯାଏ। ଏହି ରଥରେ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ବିଜେ କରନ୍ତି। ଏହି ରଥରେ ୧୨ଟି ଚକ ସଂଯୁକ୍ତ ହୋଇଥାଏ। ଏହି ରଥର ସାରଥି ଅର୍ଜୁନ ଅଟନ୍ତି।ଏହି ରଥର ଦଉଡ଼ିକୁ ସ୍ୱର୍ଣ୍ଣଚୁଡ କୁହାଯାଏ। ଏହି ରଥର ଧ୍ୱଜାରେ ଜୟଦୁର୍ଗା ଙ୍କ ମୂର୍ତ୍ତି ରହିଥା। ଏହି ରଥ ରେ ରୋଚିକା, ମୋଚିକା, ଜିତା, ଅପରାଜିତା ନାଲିରଙ୍ଗର ଚାରୋଟି ଘୋଡ଼ା ସ୍ଥାପନ କରାଯାଏ।

ମହାପ୍ରଭୁ ଜଗନ୍ନାଥଙ୍କ ର ଏହି ରଥଯାତ୍ରା ନଅ ଦିନ ଧରି ପାଳିତ ହୁଏ।ଘୋଷଯାତ୍ରା, ଆଡ଼ପମଣ୍ଡପ ଯାତ୍ରା ,ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା ଦଶାବତାର ଯାତ୍ରା ,ପତିତପାବନ ଯାତ୍ରା, ନବଦିନାତ୍ମକ ଯାତ୍ରା ,ଗୁଣ୍ଡିଚା ଯାତ୍ରା ହୋଇଥାଏ। ପରମ୍ପରା ଅନୁଯାୟୀ ଠାକୁରମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନାଧିଷ୍ଠିତ ହୋଇଥାନ୍ତି। ଏକାଦଶୀ ରେ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ତ୍ରୟୋଦଶୀ ତିଥିରେ ନୀଳାଦ୍ରି ବିଜେ ହୋଇଥାଏ। ଏହି ପରମ୍ପରା ଦୀର୍ଘ ଅନେକ ବର୍ଷ ଧରି ହୋଇ ଆସୁଅଛି। ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ କରି ଆସିଲେ ଲକ୍ଷ୍ମୀ ଠାକୁରାଣୀ ଙ୍କ ସହିତ ଭେଟ ହୋଇଥାଏ। ଏହି ସମୟରେ ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ଦ୍ୱାର ବନ୍ଦ ରହିଥାଏ ଓ କିଛି କ୍ଷଣ ପରେ ଦ୍ୱାର ଖୋଲିଯାଏ। ପୁନଶ୍ଚ ଜଗନ୍ନାଥ ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଏହି ଦ୍ୱାର ଭିତର ପଟୁ ବନ୍ଦ କରାଯାଇଥାଏ।ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ଜଗନ୍ନାଥ ମହାପ୍ରଭୁଙ୍କ ନିକଟ ରେ ରସଗୋଲା ଭୋଗ ହୋଇଥାଏ। ମହାପ୍ରଭୁ ଲକ୍ଷ୍ମୀଦେବୀଙ୍କୁ ରସଗୋଲା ଖୁଆଇ ତାଙ୍କର ମାନ ଭଞ୍ଜନ କରିଥାନ୍ତି।


**ନୀଳଗିରି**


# ରଥ ଉପରେ ଶ୍ରୀଜିଉମାନଙ୍କ ଦୁର୍ଲ୍ଲଭ ସୁନାବେଶ



### ସନ୍ତୋଷ କୁମାର ଦାଶ

ପୁରୀ ଶ୍ରୀ ମନ୍ଦିର ରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ମାନବୀୟ ଲୀଳା କରୁଛନ୍ତି। ମହାପ୍ରଭୁ ଯେତିକି ରସିକ ସେତିକି ଶୃଙ୍ଗାର ପ୍ରିୟ। ବର୍ଷ କ ବାର ମାସ ରେ ମହାପ୍ରଭୁ ଅନେକ ବେଶ ରେ ସଜ୍ଜିତ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେଇଥାନ୍ତି। ତେବେ ମହାପ୍ରଭୁ ଙ୍କ ସୁନା ବେଶ ସବୁଠାରୁ ଅନନ୍ୟ ଓ ଦୁର୍ଲ୍ଲଭ ବେଶ ଅଟେ। ଶ୍ରୀ ମନ୍ଦିର ର ରତ୍ନ ସିଂହାସନ ଉପରେ ମହାପ୍ରଭୁ ୪ ଥର ପୌଷ ପୂର୍ଣ୍ଣମା, ଦୋଳ ପୂର୍ଣ୍ଣମା, କାର୍ତ୍ତିକ ପୂର୍ଣ୍ଣମା ଓ ଦଶହରା ଦିନ ସୁନା ବେଶ ରେ ସଜ୍ଜିତ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେଇଥାନ୍ତି। କିନ୍ତୁ ବାହୁଡ଼ା ଏକାଦେଶୀ ବା ହରି ଶୟନ ଏକାଦଶୀ ତିଥି ରେ ରଥ ଉପରେ ମହାପ୍ରଭୁ ଯେଉଁ ସୁନା ବେଶ ରେ ସଜ୍ଜିତ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେଇଥାନ୍ତି ତାହାକୁ ବ୍ରାହ୍ମଣ ଙ୍କ ଠାରୁ ଚଣ୍ଡାଳ ଆଉ ସ୍ଥାନୀୟ ଅଧିବାସୀ ଙ୍କ ଠାରୁ ଆରମ୍ଭ କରି ବିଦେଶୀ ଭକ୍ତ ମାନେ ଦର୍ଶନ କରି କୃତ୍ୟ କୃତ୍ୟ ହୋଇଥାନ୍ତି। ଶ୍ରୀ ଜିଉ ମାନଙ୍କର ଏହି ସୁନା ବେଶ କୁ ରାଜରାଜେଶ୍ୱର ବେଶ ଓ ବଡ଼ତଢାଉ ବେଶ ମଧ୍ଧ କୁହା ଯାଇଥାଏ। ହରି ଶୟନ ଏକାଦଶୀ ତିଥି ରେ ରଥ ଉପରେ ମଧ୍ୟାହ୍ନ ଧୂପ ପରେ ଭିତରଛୁ ମହାପାତ୍ର ସେବକ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ବାଡ଼ ରେ, ତଳିଛୁ ମହାପାତ୍ର ସେବକ ବଡ଼ ଠାକୁର ଶ୍ରୀ ବଳଭଦ୍ର ଙ୍କ ବାଡ଼ରେ ଓ ପୁଷ୍ପାଳକ ସେବକମାନେ ଦେବୀ ସୁଭଦ୍ରା ଙ୍କ ବାଡ଼ରେ ଯଥାକ୍ରମେ ନନ୍ଦିଘୋଷ,ତାଳଧ୍‌ଵଜ ଓ ଦେବଦଳନ ରଥରେ ଶ୍ରୀ ବିଗ୍ରହ ମାନଙ୍କୁ ସୁନା ବେଶ ରେ ସଜ୍ଜିତ କରିଥାନ୍ତି। ରଥ ଉପରେ ଏହି ଅନନ୍ୟ ଓ ଦୁର୍ଲ୍ଲଭ ସୁନା ବେଶ କେବେ ଠାରୁ କିପରି ଓ କାହିଁକିଁ ଆରମ୍ଭ ହୋଇଥିଲା ସେ ସମ୍ପର୍କ ରେ ନିର୍ଦ୍ଦିଷ୍ଟ ସୂଚନା ମିଳେ ନାହିଁ। ତେବେ ଏ ନେଇ କିଛି କିମ୍ବଦନ୍ତୀ ଓ ଲୋକ କଥା ରହିଛି। ଗଜପତି କପିଳେନ୍ଦ୍ର ଦେବ କୃଷ୍ଣା ନଦୀ ପର୍ଯ୍ୟନ୍ତ ନିଜର ସାମ୍ରାଜ୍ୟ ବିସ୍ତାର କରି ଥିଲେ। ସେ ବହୁ ରାଜ୍ୟ ର ରାଜା ଙ୍କୁ ପରାସ୍ତ କରି ସେମାନଙ୍କ କିରୀଟ, ମୁକୁଟ, ସିଂହାସନ ଓ ମହଣ ମହଣ ସୁନା ଓ ରତ୍ନ ଅଳଙ୍କାର ୧୬



ଟି ହାତୀ ପିଠିରେ ବୋଝାଇ କରି ପୁରୀ ଆଣିଥିଲେ । ସେହି ସବୁ ସୁନା ଓ ରତ୍ନ କୁ ନିଜେ ବ୍ୟବହାର ନ କରି ମହାପ୍ରଭୁ ଙ୍କୁ ଦାନ କରି ଦେଇଥିଲେ।ସେହି ସବୁ ସୁନା ଓ ରତ୍ନ ରେ ବିଭିନ୍ନ ଅଳଙ୍କାର ନିର୍ମାଣ ହୋଇ ଶ୍ରୀ ଜିଉ ମାନଙ୍କର ସୁନା ବେଶ ଆରମ୍ଭ ହୋଇଥିଲା। ଆଉ ଏକ କିମ୍ବଦନ୍ତୀ ହେଉଛି ରାଜା ଅନଙ୍ଗଭୀମ ଦେବ

ପବିତ୍ର ଆଷାଢ଼ ମାସ ଏକାଦଶୀ ଅର୍ଥାତ ହରି ଶୟନ ଏକାଦଶୀ ତିଥି ରେ ରଥ ଉପରେ ଶ୍ରୀ ବିଗ୍ରହ ମାନଙ୍କ ସୁନା ବେଶ ଅନୁଷ୍ଠିତ କରିଥିଲେ। ସେହି ଦିନ ଠାରୁ ରଥ ଉପରେ ଶ୍ରୀ ବିଗ୍ରହ ମାନଙ୍କ ସୁନା ବେଶ ଅନୁଷ୍ଠିତ ହୋଇ ଆସୁଛି। ରତ୍ନ ସିଂହାସନ ଉପରେ ଅନୁଷ୍ଠିତ ହୋଇ ଆସୁଥିବା ମହାପ୍ରଭୁ ଙ୍କ ଦୁର୍ଲ୍ଲଭ ସୁନା ବେଶ କୁ ସବୁ ବର୍ଗର ଲୋକ, ବିଦେଶୀ ଭକ୍ତ ମାନେ ଦର୍ଶନ କରି ପାରୁ ନାହାଁନ୍ତି ବୋଲି ବଡ଼ତଢାଉ ସେବକ ଗଜପତି କପିଳେନ୍ଦ୍ର ଦେବ ଙ୍କୁ ବିନତି କରି ଶ୍ରୀ ବିଗ୍ରହ ମାନଙ୍କୁ ରଥ ଉପରେ ସୁନା ବେଶ ରେ ସଜ୍ଜିତ କରିବାକୁ ଅନୁରୋଧ କରିଥିଲେ। ଏହାପରେ ରାଜା ତାଙ୍କ ବିନତି କୁ ରଖି ହରି ଶୟନ ଏକାଦଶୀ ତିଥି ରେ ରଥ ଉପରେ ସୁନା ବେଶ ଅନୁଷ୍ଠିତ କରିଥିଲେ। ସେହି ଦିନ ଠାରୁ ରଥ ଉପରେ ଶ୍ରୀ ବିଗ୍ରହ ମାନଙ୍କ ସୁନା ବେଶ ଅନୁଷ୍ଠିତ ହୋଇ ଆସୁଛି। ଶ୍ରୀ ମନ୍ଦିର ପୁସ୍ତକ ରୁ ଜଣାଯାଏ ଯେ, ରଥ ଉପରେ ଅନୁଷ୍ଠିତ ହେଉଥିବା ସୁନା ବେଶ ରେ ପ୍ରଥମେ ଶ୍ରୀ ବିଗ୍ରହ ମାନଙ୍କୁ ୧୩୮ ପ୍ରକାର ର ରତ୍ନ ଖଚିତ ଅଳଙ୍କାର ଲାଗି ହେଉଥିଲା। ଏବେ ଆଉ ଏତେ ପରିମାଣ ର ଅଳଙ୍କାର ଲାଗି ହେଉନାହିଁ । ଶ୍ରୀ ମନ୍ଦିର ରତ୍ନ ଭଣ୍ଡାର ରୁ ପାଳିଆ ମେକାପ ଖୁଣ୍ଟିଆ ସେବକ ଜଣେ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତି ରେ ଗଣତି କରି ସ୍ୱର୍ଣ୍ଣ ଓ ରତ୍ନ ଖଚିତ ଅଳଙ୍କାର ସବୁ ବାହାରକୁ କାଢିବା ପରେ ସେ ସବୁ କୁ ତିନି ରଥ କୁ ବୋହି ନିଆଯାଏ। ରଥ ଉପରେ ଦଇତାପତି ସେବକ,ପୁଷ୍ପାଳକ ସେବାୟତ, ଖୁଣ୍ଟିଆ ମେକାପ ସେବାୟତ, ତଳଛୁ,

ଭିତରଛୁ ସେବକ ମାନେ ଶ୍ରୀ ଜୀଉ ମାନଙ୍କୁ ସୁନା ବେଶ ରେ ସଜ୍ଜିତ କରିଥାନ୍ତି।ମହାପ୍ରଭୂ ଶ୍ରୀ ଜଗନ୍ନାଥ ଙ୍କୁ କିରୀଟ, ଶ୍ରୀ ପୟର, ଶ୍ରୀ ଭୁଜ, ସ୍‌ବର୍ଣ୍ଣ ଚକ୍ର, ରୌପ୍ୟ ଶଙ୍ଖ, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ,ଆଡକାନି, ଘାଗଡା ମାଳି, କଦମ୍ବ ମାଳି, ବାହାଡା ମାଳି, ତାବିଜ ମାଳି, ସେବତୀ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ତ୍ରୀଖଣ୍ଡିକା, କମରପଟି ପ୍ରଭୃତି ଅଳଙ୍କାର ଲାଗି କରାଯାଉଥିବା ବେଳେ ବଡ଼ଠାକୁର ଶ୍ରୀ ବଳଭଦ୍ର ଙ୍କୁ କିରୀଟ, ଶ୍ରୀ ପୟର, ଶ୍ରୀ ଭୁଜ, ହଳ ଓ ମୂଷଳ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ର ସୂର୍ଯ୍ୟ, ଆଡକାନି, ଘାଗଡ଼ା ମାଳି, କଦମ୍ବ ମାଳି, ବାହାଡା ମାଳି, ବାଘ ନଖ ମାଳି, ସେବତୀ ମାଳି, ତିଳକ,ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ତ୍ରୀ ଖଣ୍ଡିକା, କମରପଟି ଅଳଙ୍କାର ଲାଗି କରାଯାଇଥାଏ। ଦେବୀ ସୁଭଦ୍ରା ଙ୍କୁ କିରୀଟ, କାନ, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ,ଘାଗଡା ମାଳି, ସେବତୀ ମାଳି, କଦମ୍ବ ମାଳି, ତଗଡି ପ୍ରଭୃତି ଅଳଙ୍କାର ଲାଗି କରାଯାଇଥାଏ। ମହଣ ମହଣ ସୁନା ଓ ରତ୍ନ ଖଚିତ ଅଳଙ୍କାର ରେ ଭୂଷିତ ହୋଇ ଶ୍ରୀ ଜିଉ ମାନେ ରଥ ଉପରେ ଝଟକି ଉଠନ୍ତି। ଏହି ଦୁର୍ଲ୍ଲଭ ଓ ଅନନ୍ୟ ସୁନା ବେଶ ଦେଖି ଭକ୍ତ ମାନେ ବିମୋହିତ ହୋଇ ପଡ଼ିଥାନ୍ତି। ଜୟ ଜଗନ୍ନାଥ ସ୍‌ବାମୀ।


**ତୁଳସୀପୁର, ପୁରୀ, ମୋବାଇଲ୍: ୯୪୩୯୩୬୧୮୮**

# ଏକାଠି ହେଲେ ଠାକ୍‌ରେ ବ୍ରଦର୍ସ

## ୨୦ ବର୍ଷ ପରେ ମଞ୍ଚ ଉପରେ ଦୁଇ ଭାଇ ● ମରାଠା ଅସ୍ମିତା ପାଇଁ ଉଠାଇବେ ସ୍ୱର



**ମୁମ୍ବାଇ,୫।୭:** ଶନିବାର ମହାରାଷ୍ଟ୍ର ରାଜନୀତି ପାଇଁ ବଡ଼ ଘଟଣା। ବହୁତ ଦିନ ପରେ ଉଦ୍ଧବ ଠାକରେ ଏବଂ ରାଜ ଠାକରେ ଦୁଇ ଭାଇ ଏକାଠି ସାର୍ବଜନୀନ ମଞ୍ଚ ସେୟାର କରିଛନ୍ତି। ଶିବସେନା (ୟୁବିଟି) ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ) ର ଏକ ମିଳିତ ରାଲିରେ ଭାଇ ଉଦ୍ଧବ ଠାକରେ ଏବଂ ରାଜ ଠାକରେ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଏହି 'ବିଜୟ ରାଲି' ମୁମ୍ବାଇର ୱର୍ଲି ଅଞ୍ଚଳର ଏନ୍‌ଏସସିଆଇ ଡୋମରେ ଆୟୋଜିତ ହୋଇଥିଲା, ଯେଉଁଠାରେ ଦୁଇ ନେତା ମହାରାଷ୍ଟ୍ର ସରକାରଙ୍କ ତିନିଭାଷା ନୀତିକୁ ବିରୋଧ କରି ମିଳିତ ରାଲି କରିଥିଲେ। ଏହି ସମୟରେ ମହାରାଷ୍ଟ୍ର ନବ ନିର୍ମାଣ ସେନାର ରାଜ ଠାକରେ କହିଛନ୍ତି, ଯାହା ବାଲ୍ ଠାକରେ କରି ନାହାନ୍ତି, ତାହା ଆଜି ଦେବେନ୍ଦ୍ର ଫଡନାଭିସ୍ କରିଛନ୍ତି। ସେ ଆମ ଦୁଇ ଭାଇଙ୍କୁ ଏକାଠି କରିଛନ୍ତି। ସେଭଳି ଏହି ଅବସରରେ ଉଦ୍ଧବ ଠାକରେ ମଧ୍ୟ ରାଜ ଠାକରେଙ୍କ ସୁରରେ ସୁର ମିଳାଇଛନ୍ତି। ସେ କହିଛନ୍ତି ଏହା ସବୁଠୁ ଜରୁରୀ ଯେ, ଆମେ ସାଥ୍ ସାଥ୍ ରହିଛୁ। ଆମେ ସାଥୀରେ ଏକାଠି ଆସିଛୁ ଓ ଏକାଠି ରହିବୁ। ଆମକୁ ବ୍ୟବହାର କରି ଫୋପାଡି ଦେଉଥିବା ଲୋକଙ୍କୁ ଆମେ ଫୋପାଡି ଦେବୁ। ଏହି ଅବସରରେ ଉଦ୍ଧବ ଠାକରେ ଏକନାଥ ସିନ୍ଦେଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ସେ କହିଥିଲେ, ଆମକୁ ବହୁତ ଲୋକ ରାଜନୀତି ପାଇଁ ବ୍ୟବହାର କରିସାରିଛନ୍ତି। ଯଦି ଆପଣଙ୍କ ପାଖରେ ବାଲସାହେବ ଠାକଙ୍କେ ସମର୍ଥନ ନଥାନ୍ତା ତେବେ ଆପଣଙ୍କୁ ମହାରାଷ୍ଟ୍ରରେ କିଏ ଜାଣନ୍ତା ? ଆପଣ ଆମକୁ ହିନ୍ଦୁତ୍ୱ ଶିଖିବାକୁ କିଏ ? ଉଦ୍ଧବ କହିଛନ୍ତି, ଯେତେବେଳେ ମୁମ୍ବାଇରେ ଦଙ୍ଗା ହେଉଥିଲା ମରାଠା ଲୋକ ମହାରାଷ୍ଟ୍ରରେ ସବୁ ହିନ୍ଦୁଙ୍କୁ ବଞ୍ଚାଇଥିଲେ, ସେମାନେ ଯେ କେହି ବି ହୁଅନ୍ତୁ। ଯଦି ନ୍ୟାୟ ପାଇବାକୁ ଆମେବିରୋଧ କରୁଛୁ, ଆଉ ଏଥିପାଇଁ ଆମକୁ ଗୁଣ୍ଡା କହୁଛନ୍ତି। ତେବେ ଠିକ୍ ଅଛି, ଆମେ ଗୁଣ୍ଡା। ରାଜ ଠାକରେ ଆହୁରି କହିଛନ୍ତି ମରାଠୀ ଭାଷାର ବ୍ୟକ୍ତି ସହ ତାଙ୍କର କ'ଣ ସମ୍ପର୍କ ରହିଛି ? ସେ କହିଛନ୍ତି ବାଲା ସାହେବ ଠାକରେ ଓ ମୋ ବାପା ଶ୍ରୀକାନ୍ତ ଠାକରେ ଇଂଲିସ ମିଡିୟମରେ ପଢୁଥିଲେ।ବାଲା ସାହେବ ଇଂରାଜୀ ସ୍କୁଲରେ ପଢିଛନ୍ତି, ଇଂରାଜୀ ଖବର କାଗଜରେ କାମ କରିଛନ୍ତି, କିନ୍ତୁ ମରାଠୀକୁ ନେଇ କେବେ କୌଣସି ସାଲିସ୍ କରିନାହାନ୍ତି। ଦକ୍ଷିଣ ଭାରତର ବହୁ ରାଜନୈତିକ ନେତା ଓ ଫିଲ୍ମହସ୍ତୀ ଇଂରାଜୀ ବିଶ୍ୱବିଦ୍ୟାଳୟରେ ପଢିଛନ୍ତି, କିନ୍ତୁ ତାଙ୍କୁ ତାମିଲ ଓ ତେଲଗୁ ଭାଷା ପ୍ରତି ଗର୍ବ ରହିଛି। ଲାଲକୃଷ୍ଣ ଆଡଭାନୀ ସେଣ୍ଟ ପ୍ୟାଟ୍ରିକ୍ ହାଇସ୍କୁଲରେ ପଢିଛନ୍ତି, ଯାହାକି ଏକ ମିଶନାରୀ ସ୍କୁଲ ଥିଲା, କିନ୍ତୁ ତାଙ୍କ ହିନ୍ଦୁତ୍ୱ ଉପରେ ସନ୍ଦେହ କରିପାରିବେ କି ?

### ଅମରନାଥ ଯାତ୍ରା ଦୁର୍ଘଟଣା

# ଜମ୍ମୁ-ଶ୍ରୀନଗର ରାଜପଥରେ ୪ଟି ବସ୍ ଧକ୍କା, ୩୬ ଯାତ୍ରୀ ଆହତ



**ଶ୍ରୀନଗର,୫।୭:** ଜମ୍ମୁ କାଶ୍ମୀରର ରମ୍ବାନ ଜିଲ୍ଲାରେ ଶନିବାର ସକାଳେ ଏକ ଦୁଃଖଦ ଦୁର୍ଘଟଣା ଘଟିଛି। ଅମରନାଥ ଯାତ୍ରୀଙ୍କୁ ନେଇ ଯାଉଥିବା ୪ଟି ବସ୍ ଜମ୍ମୁ-ଶ୍ରୀନଗର ରାଜପଥର ଚନ୍ଦ୍ରକୋଟ ନିକଟରେ ପରସ୍ପର ସହ ଧକ୍କା ହେବାରୁ ୩୬ ଜଣ ଯାତ୍ରୀ ଆହତ ହୋଇଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, କାଫିଲାର ଶେଷ ବସ୍‌ର ବ୍ରେକ୍ ଫେଲ୍ ହେବା ଯୋଗୁଁ ଏହି ଦୁର୍ଘଟଣା ଘଟିଛି। ଏହି ବସ୍‌ଟି ପାର୍କି ସ୍ଥାନରେ ରହିଥିବା ଅନ୍ୟ ତିନୋଟି ବସ୍‌କୁ ଧକ୍କା ଦେଇଥିଲା। ଆହତ ଯାତ୍ରୀମାନଙ୍କୁ ତୁରନ୍ତ ରମ୍ବାନ ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛଡ଼ାଯାଇଥିଲା। ରମ୍ବାନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମହମ୍ମଦ ରଫି କହିଛନ୍ତି ଯେ, ଆହତଙ୍କ ମଧ୍ୟରୁ ଅଧିକାଂଶଙ୍କର ଆଘାତ ସାମାନ୍ୟ ଥିଲା ଏବଂ ସେମାନଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଜିଲ୍ଲା ପ୍ରଶାସନ ଓ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତ ଯାତ୍ରୀମାନଙ୍କୁ ଅନ୍ୟ ବସ୍‌ରେ ସ୍ଥାନାନ୍ତର କରାଯାଇ ସେମାନଙ୍କ ଯାତ୍ରା ଜାରି ରଖିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ରମ୍ବାନ ଡେପୁଟି କମିଶନର ମହମ୍ମଦ ଅଲୟାସ ଖାନ କହିଛନ୍ତି, "କାଫିଲାର ଶେଷ ବସ୍‌ଟି ନିୟନ୍ତ୍ରଣ ହରାଇ ଚନ୍ଦ୍ରକୋଟ ପାର୍କିଂ ନିକଟରେ ଅନ୍ୟ ବସ୍‌ଗୁଡ଼ିକୁ ଧକ୍କା ଦେଇଥିଲା। ଯାହା ଫଳରେ ୪ଟି ବସ୍ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ୩୬ ଜଣ ଯାତ୍ରୀ ଆହତ ହୋଇଥିଲେ।" ଏହି ଦୁର୍ଘଟଣା ସତ୍ତ୍ୱେ ଅମରନାଥ ଯାତ୍ରା ନିରବଚ୍ଛିନ୍ନ ଭାବେ ଜାରି ରହିଛି। ଶନିବାର ସକାଳେ ଚତୁର୍ଥ ବ୍ୟାଚରେ ୬,୯୭୯ ଜଣ ଯାତ୍ରୀ ଜମ୍ମୁର ଭାଗବତୀ ନଗର ବେସ୍ କ୍ୟାମ୍ପରୁ ଦୁଇଟି କାଫିଲାରେ ପହଲଗାମ ଓ ବାଲଟାଲ ରୁଟ ଦେଇ ଯାତ୍ରା ଆରମ୍ଭ କରିଥିଲେ। ପହଲଗାମ ଆକ୍ରମଣ ପରେ ଏହି ଯାତ୍ରା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

● ପିଏନବି ବ୍ୟାଙ୍କ ଘୋଟାଲା ମାମଲା

# ଆମେରିକାରେ ଗିରଫ ହେଲେ ନିହାଲ ମୋଦି

**ୱାଶିଂଟନ,୫।୭** ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଘୋଟାଲା ମାମଲାରେ ଆଉ ଏକ ସଫଳତା । ଆମେରିକାରେ ଗିରଫ ହେଲେ ନୀରବ ମୋଦୀଙ୍କ ଭାଇ ନେହାଲ ମୋଦୀ । ଆମେରିକା କୋର୍ଟ ଭାରତର ଇଡି ଓ ସିବିଆଇର ଅନୁରୋଧ କ୍ରମେ ଏହି ଗିରଫ କରିଛି । ନେହାଲ ମୋଦୀଙ୍କ ଜୁଲାଇ ୪ ତାରିଖରେ ଗିରଫ କରାଯାଇଛି । ନୀରବ ମୋଦୀ, ମେହୁଲ ଚୋକସି ମିଳିତ ଭାବେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଘୋଟାଲା କରିଥିଲେ । ଏହି ଟଙ୍କାକୁ ଲୁଚାଇବାରେ ସେମାନଙ୍କୁ ସହାୟତା କରିଥିଲେ ନେହାଲ ମୋଦୀ। କହିରଖୁ କି ନେହାଲ ମୋଦୀଙ୍କ ଭାଇ ନୀରବ ମୋଦୀ ଏବେ ବ୍ରିଟେନରେ ରହିଛନ୍ତି । ସେଠାରେ ସେ ପ୍ରତ୍ୟାର୍ପଣ ପ୍ରକ୍ରିୟାର ସାମ୍ନା କରୁଛନ୍ତି । ତାଙ୍କ ପ୍ରତ୍ୟାର୍ପଣ ମାମଲାର ଶୁଣାଣି ଚଳିତ ମାସ ୧୭ ତାରିଖରେ ରହିଛି ।



# ମୁଁ ଆଉ ୩୦-୪୦ ବର୍ଷ ବଞ୍ଚିବି: ଦଲାଇ ଲାମା



**ମ୍ୟାକଲୋଡଗଞ୍ଜ,୫।୭:** ଉତ୍ତରାଧିକାରୀ ଘୋଷଣାକୁ ନେଇ ଚର୍ଚ୍ଚା ଉପରେ ବିରାମ ଲଗାଇଛନ୍ତି ଦଲାଇଲାମା। ଶନିବାର ସେ କହିଛନ୍ତି ଯେ 'ମୋତେ ଲାଗୁଛି ଲୋକଙ୍କ ସେବା ନିମନ୍ତେ ମୁଁ ଆଉ ୩୦-୪୦ବର୍ଷ ଜୀବିତ ରହିବି'। ମ୍ୟାକଲୋଡଗଞ୍ଜରେ ମୁଖ୍ୟ ଦଲାଇଲାମା ମନ୍ଦିର ତସୁଗଲାଗଖାଂଗରେ ରବିବାର ଜନ୍ମଦିବସ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହା ପୂର୍ବରୁ ଅନୁଷ୍ଠିତ ଦୀର୍ଘାୟୁ ପ୍ରାର୍ଥନା ସଭାରେ ତେନଜିନ ଗ୍ୟାତସୋ କହିଛନ୍ତି ଯେ ମୋତେ ସ୍ପଷ୍ଟ ସଂକେତ ମିଳୁଛି ଅବଲୋକିତେଶ୍ୱରଙ୍କ ଆଶିର୍ବାଦ ମୋ ସହିତ ରହିଛି। ତିବ୍ବତ ଆଧ୍ୟାତ୍ମିକ ନେତା କହିଛନ୍ତି ଯେ 'କେତେକ ଭବିଷ୍ୟବାଣୀକୁ ଦେଖି ମୋତେ ଲାଗୁଛି ମୋ ଉପରେ ଅବଲୋକିତେଶ୍ୱରଙ୍କ ଆଶିର୍ବାଦ ରହିଛି। ମୁଁ ଏପର୍ଯ୍ୟନ୍ତ ଜୀବନରେ ମୋର ସର୍ବଶ୍ରେଷ୍ଠ ଯୋଗଦାନ ଦେଇଛି। ମୁଁ ଆଶା କରୁଛି ଆହୁରି ୩୦-୪୦ ବର୍ଷ ଜୀବିତ ରହିବି'। ଆପଣମାନଙ୍କ ପ୍ରାର୍ଥନା ଏ ପର୍ଯ୍ୟନ୍ତ ଫଳଦାୟୀ ହୋଇଛି, ଆଗକୁ ମଧ୍ୟ ରହିବ। ସେ କହିଛନ୍ତି 'ଯଦିଓ ମୁଁ ମୋ ଦେଶ ହରାଇଛି ଓ ଭାରତ ନିର୍ବାସନରେ ରହୁଛି, ଏଠାରେ ଜୀବାତ୍ମାମାନଙ୍କୁ ବେଶ୍ ଲାଭ ପହଞ୍ଚାଇ ପାରୁଛି। ମୁଁ ଯେତେ ସମ୍ଭବ ହୋଇ ପାରିବ ଜୀବାତ୍ମାଙ୍କୁ ଲାଭ ପହଞ୍ଚାଇବା ଓ ତାଙ୍କ ସେବା କରିବାକୁ ଇଚ୍ଛା ବ୍ୟକ୍ତ କରୁଛି'। ଅନ୍ୟପକ୍ଷରେ ଭାରତର ବୈଦେଶିକ ମନ୍ତ୍ରାଳୟ ଶୁକ୍ରବାର ଏକ ବୟାନରେ କହିଥିଲା ଯେ ଭାରତ ସରକାର ଆସ୍ଥା ଓ ଧର୍ମ ସମ୍ପର୍କିତ ମାମଲାରେ କୌଣସି ପକ୍ଷ ନିଅନ୍ତି ନାହିଁ। ମନ୍ତ୍ରାଳୟର ଏହି ଟିପ୍ପଣୀ ଦଲାଇ ଲାମାଙ୍କ ସେହି ବୟାନର ଦୁଇ ଦିନ ପରେ ଆସିଥିଲା ଯେଉଁଥିରେ ଦଲାଇ ଲାମା ତିବ୍ବତୀ ବୌଦ୍ଧଙ୍କ ଏକ ଟ୍ରଷ୍ଟକୁ ତାଙ୍କର ଉତ୍ତରାଧିକାରୀ ନିଷ୍ପତ୍ତି ନେବାର ଅଧିକାର ରହିବ। ଏଥିରେ ବିଦେଶ ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଥିଲେ ଯେ ସରକାର ଭାରତରେ ସମସ୍ତଙ୍କ ଲାଗି ଧାର୍ମିକ ସ୍ୱାଧୀନତା ସର୍ବଦା କାୟମ ରଖିଛନ୍ତି ଓ ଆଗକୁ ମଧ୍ୟ ତାହା ଜାରି ରହିବ।

# କେରଳରେ ପୁଣି ବ୍ୟାପୁଛି ନିପାହ ଭାଇରସ

**୩୦୦ରୁ ଅଧିକ ସଂକ୍ରମିତ**

**ତିରୁଅନନ୍ତପୁମ,୫।୭:** ଦେଶର ଦକ୍ଷିଣ ରାଜ୍ୟ କେରଳରେ ପୁଣି ନିପାହ ଭାଇରସ ସଂକ୍ରମଣ ହେଉଛି। ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁସାରେ ୨ ଜଣଙ୍କ ଠାରେ ନିପାହ ଭାଇରସ ସଂକ୍ରମଣର ସମ୍ଭାବିତ ଲକ୍ଷଣ ଦେଖାଯିବା ପରେ ଶୁକ୍ରବାର ୩ ଜିଲ୍ଲାରେ ଆଲର୍ଟ ଜାରି କରାଯାଇଛି। କେରଳରେ ନିପାହ ଭାଇରସର ୨ଟି ମାମଲା ମିଳିବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସେଠାରେ ଜାତୀୟ ସଂଯୁକ୍ତ ପ୍ରକୋପ ପ୍ରତିକ୍ରିୟା ଦଳ(ଏନଜେଓଆରଟି) ମୁତୟନ ନିମନ୍ତେ ବିଚାର କରୁଛି। ଏହି ଦଳ ସାର୍ବଜନିକ ସ୍ୱାସ୍ଥ୍ୟ ଉପାୟଗୁଡିକୁ ଲାଗୁ କରିବାରେ କେରଳ ସରକାରଙ୍କୁ ସହାୟତା କରିବ। ସୂତ୍ର ଅନୁସାରେ ଇଣ୍ଟିଗ୍ରେଟେଡ ଡିଜିଜ ସର୍ଭିଲାନ୍ସ ପ୍ରୋଗ୍ରାମ (ଆଇଡିଏସପି)ର କେନ୍ଦ୍ରୀୟ ନିରୀକ୍ଷଣ ୟୁନିଟି ଏନସିଡିସି ଏବେ ରାଜ୍ୟ ୟୁନିଟ୍ ସହିତ ସମ୍ପର୍କରେ ରହିଛି ଓ ପରିସ୍ଥିତି ଉପରେ ସକ୍ରିୟ ନଜର ରଖିଛି। ଏହା ଛଡା ବିଭିନ୍ନ ନିୟନ୍ତ୍ରଣ ଗିତିବିଦ୍ଧିର ସମନ୍ୱୟ ନିମନ୍ତେ ରାଜ୍ୟ ନିୟନ୍ତ୍ରଣ କକ୍ଷକୁ ସକ୍ରିୟା କରାଯାଇଛି। ଏକ ସୂତ୍ର ଅନୁସାରେ ଚିହ୍ନଟ ହୋଇଥିବା ମାମଲା ମହାମାରୀ ବିଜ୍ଞାନ ଦୃଷ୍ଟିରୁ ଜଣେ ଜଣଙ୍କ ସହିତ ସମ୍ପର୍କିତ ନୁହନ୍ତି। ତେବେ ସେମାନଙ୍କ ଲକ୍ଷଣ ଓ ସାମାଜିକ ସମ୍ପର୍କ ଯାଞ୍ଚ କରାଯାଉଛି। ଏଥିରେ ଏ ପର୍ଯ୍ୟନ୍ତ ୩ ଜିଲ୍ଲା ପଲ୍ଲକଡ଼, ମଲ୍ଲପୁରମ ଓ କୋଝିକୋଡରେ ୩୦୦ରୁ ଅଧିକ ସମ୍ପର୍କ ଠାବ କରାଯାଇଛି। ଏଣୁ କେରଳର ସବୁଠୁ ପ୍ରଭାବିତ ଜିଲ୍ଲାମାନଙ୍କର ବିଭିନ୍ନ କ୍ଷେତ୍ରରେ ୨୬ ସ୍ୱତନ୍ତ୍ର ଟିମ୍ ମୁତୟନ କରାଯାଇଛି। ଏମାନେ କଣ୍ଟାକ୍ଟ ଟ୍ରେସିଂ, ଲକ୍ଷଣ ଉପରେ ନଜର ରଖିବା ଓ ଲୋକଙ୍କୁ ସଚେତନ କରିବା ଦିଗରେ କାମ କରୁଛନ୍ତି।

### ପ୍ରକୃତି ଆଗରେ ଅସହାୟ ଆମେରିକା

# ବନ୍ୟାରେ ବୁଡ଼ିଲା ଟେକ୍ସାସ୍




**ୱାଶିଂଟନ,୫।୭** ନିଜକୁ ବିଶ୍ୱର ଧନୀ ରାଷ୍ଟ୍ର ବୋଲି କହୁଥିବା ଆମେରିକା ବି ଅସହାୟ। ପ୍ରକୃତିର ପ୍ରକୋପ ଆଗରେ ଅତି ଅସହାୟ ଆମେରିକା । ଭୀଷଣ ବନ୍ୟାରେ ଏଯାଏଁ ୨୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକଙ୍କ ପତ୍ତା ମିଳୁନି। ଏହାସହ ଲୋକ ବାସହୀନ ହୋଇପଡ଼ିଛନ୍ତି । ଆମେରିକାର ୨ ରାଜ୍ୟ ଟେକ୍ସାସ୍ ଓ କେର୍ଭିଲର ଅନେକ ଅଞ୍ଚଳ ବନ୍ୟା ପାଣିରେ ବୁଡ଼ିଛି । ମାସ ମାସକର ବର୍ଷା କିଛି ମାତ୍ର ଘଣ୍ଟାରେ ହୋଇଛି। ଫଳରେ ଏଠାରେ ଭୟଙ୍କର ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଗ୍ୱାଡାଲୁପ୍ ନଦୀରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ମାତ୍ର ୯୦ ମିନିଟରେ ଏହି ନଦୀର ଜଳ ୨୦- ଫୁଟ ଯାଏଁ ବୃଦ୍ଧି ହୋଇଗଲା। ଏଯାଏଁ ମିଳିଥିବା ସୂଚନା ଅନୁସାରେ, ବନ୍ୟାରେ ପାଖାପାଖି ୨୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ଅନେକ ଲୋକଙ୍କ ଘର ପାଣିରେ ବୁଡ଼ିଯିବାରୁ ଲୋକେ ଘର ଛାଡ଼ି ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି । ନିଜକୁ ସବୁଠୁ ଆଗୁଆ ରାଷ୍ଟ୍ର ପ୍ରକୃତି ଆଗରେ ଯେ କେତେ ଅସହାୟ ଏସବୁ ଦୃଶ୍ୟ ଦେଖିଲେ ସ୍ପଷ୍ଟ ହୁଏ ।

# କରୋଲ ବାଗର ବିଶାଲ ମେଗା ମାର୍ଟରେ ଭୟଙ୍କର ଅଗ୍ନିକାଣ୍ଡ, ଜଣେ ମୃତ

**ନୂଆଦିଲ୍ଲୀ,୫।୭:** 'ବିଶାଲ ମେଗା ମାର୍ଟରେ ଭୟଙ୍କର ଅଗ୍ନିକାଣ୍ଡ। ନିଆଁ ଲାଗି ଜଳିଗଲା ସବୁ ସାମଗ୍ରୀ। ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ସୂଚନା। ଲିଫ୍ଟରୁ ମୃତ ଦେହ ଉଦ୍ଧାର କଲେ ଅଗ୍ନିଶମ ବାହିନୀ। ସୂଚନା ଅନୁଯାୟୀ, ଜୁଲାଇ ୪ ଶୁକ୍ରବାର ସନ୍ଧ୍ୟାରେ ଦିଲ୍ଲୀର କରୋଲବାଗର ଅଜମଲ ଖାନ ରୋଡରେ ଥିବା 'ବିଶାଲ ମେଗା ମାର୍ଟ'ରେ ହଠାତ୍ ନିଆଁ ଲାଗିଯାଇଥିଲା। ଏହି ନିଆଁ ପ୍ରଥମ ମହଲାରୁ ଆରମ୍ଭ ହୋଇ ଉପର ମହଲାକୁ ବ୍ୟାପି ଯାଇଥିଲା। ନିଆଁକୁ ଆୟତ୍ତ କରିବା ପାଇଁ ୧୩ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ବିଭାଗ ଅଧିକାରୀଙ୍କ ଅନୁଯାୟୀ, ସନ୍ଧ୍ୟା ୬.୪୪ ରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଥିଲା, ତା'ପରେ ତୁରନ୍ତ ସେମାନେ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସନ୍ଧାନ ସମୟରେ, ଲିଫ୍ଟ ଭିତରେ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଥିଲା।

# ଆମେରିକା ସଂସଦରେ ପାରିତ ହେଲା 'ୱାନ ବିଗ୍ ବ୍ୟୁଟିଫୁଲ ବିଲ'



**ୱାଶିଂଟନ, ୫।୭** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଦିନ ପ୍ରମୁଖ କର ଓ ଖର୍ଚ୍ଚ ବିଲ୍ 'ୱାନ୍ ବିଗ୍ ବ୍ୟୁଟିଫୁଲ' ବିଲ୍ ଉପରେ ହସ୍ତାକ୍ଷର କରିଛନ୍ତି। ଏବେ ଏହି ବିଲ୍ ଆଇନରେ ପରିଣତ ହୋଇଛି । ଏହି ଅବସରରେ ଟ୍ରମ୍ପ୍ କହିଛନ୍ତି କି, ଏହା ଦେଶ ପାଇଁ ଭଲ । ଏହି ଆଇନ ପାରିତ ହେବା ପରେ କୁହାଯାଉଛି କି, ଆମେରିକାରେ ମଧ୍ୟବିତ୍ତଙ୍କ ଉପରେ କର ବୋଝ କମ ହେବ। ଏହାସହ ଏହି ବିଲ୍ ପାରିତ ହେବା ପରେ ଟ୍ରମ୍ପଙ୍କ ପ୍ରମୁଖ ନୀତିକୁ ଆଇନଗତ ଶକ୍ତି ମିଳିବ । ଯେଉଁଥିରେ ରହିଛି ମାସ ଡିପୋଟେସନ (ବହୁ ସଂଖ୍ୟାରେ ପ୍ରବାସୀ ନାଗରିକଙ୍କୁ ଦେଶରୁ ବିତାଡିତ କରିବା) । ସେନା ଓ ସୀମା ସୁରକ୍ଷା ପାଇଁ ଅଧିକ ଖର୍ଚ୍ଚ କରିବା, ଓଭର ଟାଇମ୍ କାର୍ଯ୍ୟ ଓ ଟିପ୍ସ ଆକାରରେ ମିଳୁଥିବା ଅର୍ଥ ଉପରେ କର ଛାଡ । ଶୁକ୍ରବାର ଦିନ ଆମେରିକା ସିନେଟ୍ ଓ ହାଉସ ଅଫ୍ ରିପ୍ରେଜେଣ୍ଟେଟିଭରେ ଏଡି ବିଲ୍ ପାରିତ ହେବା ପରେ ଟ୍ରମ୍ପ କହିଛନ୍ତି କି, ଆମେରିକା ପାଇଁ ସ୍ୱତନ୍ତ୍ରତା ଦିବସ ଅବସରରେ ଏହାଠାରୁ ମୂଲ୍ୟବାନ ପୁରସ୍କାର ଆଉ କିଛି ହୋଇନପାରେ । ଏହି ବିଲ୍ ମାଧ୍ୟମରେ ମୁଁ ଦେଶର ଜନତାଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ ହୋଇପାରିବ । ଏହି ବିଲ୍ ପାରିତ ହେବା ପରେ ଏହାକୁ ଆମେରିକାର ସ୍ୱବର୍ଣ୍ଣ ଯୁଗର ଆରମ୍ଭ ବୋଲି ଟ୍ରମ୍ପ କହିଛନ୍ତି ।

● ବିମାନରେ ହଠାତ ବାଜିଲା ଫାୟାର ଆଲାର୍ମ

# ଜରୁରୀ ଗେଟ୍‌ରୁ ବାହାରି ୱିଙ୍ଗରୁ ଡେଇଁଲେ ଯାତ୍ରୀ, ୧୮ ଆହତ

**ନୂଆଦିଲ୍ଲୀ,୫।୭:** ସ୍ପେନର ପାଲମା ଡି ମାଲୋର୍କା ବିମାନବନ୍ଦର (ପିଏମ୍‌ଆଇ) ରେ ଅଘଟଣ। ଶନିବାର ରାଇନାଏୟାର ବୋଇଂର ୭୩୭ର ଏକ ବିମାନ ରନୱେରେ ଠିଆ ହୋଇଥିଲା। ତେବେ ହଠାତ୍ ବାଜିଥିଲା ଫାୟାର ଆଲାର୍ମ। ଯାହାଫଳରେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଜୀବନ ବଞ୍ଚାଇବା ପାଇଁ ଯାତ୍ରୀମାନେ ବିମାନର ଏମର୍ଜେନ୍ସି ଗେଟ୍‌ରୁ ବାହାରି ବିମାନର ୱିଙ୍ଗରେ ଚଢି ତଳକୁ ଡେଇଁ ପଡିଥିଲେ। ଫଳରେ ୧୮ ଜଣ ଯାତ୍ରୀ ଆହତ ହୋଇଛନ୍ତି। ବିମାନଟି ପାଲମା ଡି ମାଲୋର୍କାରୁ ଉଡ଼ାଣ ଭରିବା ପରେ ମାଞ୍ଚେଷ୍ଟରରେ ଅବତରଣ କରିବାକୁ ଯାଉଥିଲା। ଆରବ ଟାଇମ୍ସ ରିପୋର୍ଟ ଅନୁସାରେ, ତୁରନ୍ତ ଏ ବିଷୟରେ ଜରୁରୀକାଳୀନ ବିଭାଗକୁ ସୂଚନା ଦିଆଯାଇଥିଲା ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଅଗ୍ନିଶମ କର୍ମଚାରୀ ଏବଂ ସିଭିଲ୍ ଗାର୍ଡର ସଦସ୍ୟମାନେ ବିମାନରୁ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ବାହାର କରିଥିଲେ। ଏହା ସହିତ, ଘଟଣାସ୍ଥଳରେ ଆମ୍ବୁଲାନ୍ସକୁ ମଧ୍ୟ ସୂଚନା ଦିଆଯାଇଥିଲା। ଫାୟାର ଆଲାର୍ମ ବାଜିବା ପରେ ଯାତ୍ରୀମାନଙ୍କୁ ଜରୁରୀକାଳୀନ ଗେଟ୍ ଦେଇ ବାହାର କରାଯାଇଥିଲା, ତେବେ କିଛି ଯାତ୍ରୀ ନିଜକୁ ବଞ୍ଚାଇବା ପାଇଁ ସିଧାସଳଖ ବିମାନର ଫ୍ୟାନ୍‌ରୁ ତଳକୁ ଡେଇଁ ପଡ଼ିଥିଲେ।

### ରାହୁଲ ଗାନ୍ଧୀଙ୍କ ଚ୍ୟାଲେଞ୍ଜ

# ଟ୍ରମ୍ପଙ୍କ ଆଗରେ ମୁଣ୍ଡ ନୁଆଇବେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୫।୭:** ଆମେରିକା ସହ ବାଣିଜ୍ୟକ ଚୁକ୍ତି ସମୟରେ ଦେଶର ହିତ ସହ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋଏଲଙ୍କ ବୟାନକୁ ବିରୋଧୀଦଳ ନେତା ତାଚ୍ଛଲ୍ୟ କରିଛନ୍ତି । ଅପରେସନ ସିନ୍ଦୂର ସମୟରେ ଯେମିତି ମୁଣ୍ଡ ନୁଆଇଁଥିଲେ ବାଣିଜ୍ୟ ଚୁକ୍ତିରେ ମଧ୍ୟ କେନ୍ଦ୍ର ସରକାର ଆମେରିକା ଆଗରେ ମୁଣ୍ଡ ନୁଆଁଇବେ ବୋଲି ରାହୁଲଙ୍କ ଭବିଷ୍ୟବାଣୀ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଚ୍ୟାଲେଞ୍ଜ କରିଛି। ଜୁଲାଇ ୯ ତାରିଖ ମଧ୍ୟରେ ଆମେରିକା ଓ ଭାରତ ମଧ୍ୟରେ ବାଣିଜ୍ୟକ ଚୁକ୍ତି ସ୍ୱାକ୍ଷାରିତ ହୋଇପାରେ । ତେବେ ବାଣିଜ୍ୟ ମନ୍ତ୍ରାଳୟର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ ୱାଶିଂଟନରେ ଉପସ୍ଥିତ ଥିଲେ ବି ଦୁଇ ଦେଶ ମଧ୍ୟରେ ଏପର୍ଯ୍ୟନ୍ତ କୌଣସି ବୁଝାମଣା ହୋଇପାରିନି। ତେବେ ଯେଉଁ ଦୁଇଟି ବିଷୟରେ ଏପର୍ଯ୍ୟନ୍ତ ସହମତି ହୋଇପାରିନି ସେଗୁଡିକ ମଧ୍ୟରେ ପ୍ରଥମଟି ହେଲା ଆମେରିକାରୁ ଆମଦାନୀ ହେଉଥିବା ମକା ଓ ସୋୟାବିନ ଉପରେ ଭାରତର ଅଧିକ ରପ୍ତାନୀ ଶୁଳ୍କ । ଆମେରିକା ଏହାକୁ କମ କରିବାକୁ ଚାହୁଁଛି କିନ୍ତୁ ଭାରତ ସହମତି ଦେଉନି । ସେହିଭଳି ଦୁଗ୍ଧ ପ୍ରକ୍ରିୟାକରଣ କ୍ଷେତ୍ରରେ ଆମେରିକା ଭାରତୀୟ ବଜାରରେ ପ୍ରବେଶ କରିବାକୁ ଚାହୁଁଛି । ମାତ୍ର ପାଖାପାଖି ୮କୋଟି ଲୋକ ନିଯୁକ୍ତ ଥିବ ଏହି କ୍ଷେତ୍ରରେ ଆମେରିକାର ପ୍ରବେଶକୁ ଭାରତ ବିରୋଧ କରୁଛି ଅନ୍ୟପକ୍ଷରେ ଆମେରିକାର ଶ୍ରମଭିତ୍ତିକ ଶିଳ୍ପ ଯଥା ବୟନ, ରତ୍ନପଥର, ସୁନାଅଳଙ୍କାର, ଚମଡ଼ା, ରସାୟନ ପଦାର୍ଥ ଭଳି ଅପେକ୍ଷାକୃତ ଶସ୍ତା ମୂଲ୍ୟର ବ୍ୟବସାୟରେ ପ୍ରବେଶ ପାଇଁ ଭାରତ ଚାହୁଁଛି। ଜାନୁଆରୀରେ ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଶପଥ ନେବା ପରେ ପାରସ୍ପରିକ ଶୁଳ୍କ ନାଁରେ ନୂଆ ଆଇନ ପ୍ରଣୟନ କରିବାକୁ ଘୋଷଣା କରିଥିଲେ। ଏହାକୁ ନେଇ ସମଗ୍ର ବିଶ୍ୱରେ ପ୍ରତିକ୍ରିୟା ପ୍ରକାଶ ପାଇବାପରେ ଏହାକୁ ୯୦ ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ ଟ୍ରମ୍ପ । ଜୁଲାଇ ୯ରେ ଏହାର ସମୟସୀମା ଶେଷ ହେବା ପରେ ଟ୍ରମ୍ପ ପ୍ରଶାସନ ଭାରତର ଆମାଦାନି କରୁଥିବା ସମସ୍ତ ଦ୍ରବ୍ୟ ଉପରେ ୨୬ ପ୍ରତିଶତ ଶଲ୍କ ଲଗାଇପାରେ ।

### ବିଲାୱଲ ଭୁଟ୍ଟୋଙ୍କ ବଡ଼ ବୟାନ।

# ଆତଙ୍କବାଦୀଙ୍କୁ ହସ୍ତାନ୍ତର କରିବାକୁ ପାକ୍ ପ୍ରସ୍ତୁତ



**ଇସଲାମାବାଦ,୫।୭:** ପାକିସ୍ତାନର ପୂର୍ବତନ ବିଦେଶ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ବଡ଼ ବୟାନ। ସେ କହିଛନ୍ତି, ନୂଆଦିଲ୍ଲୀ ଏହି ପ୍ରକ୍ରିୟାରେ ସହଯୋଗ କରିବାକୁ ଯଦି ଇଚ୍ଛୁକତା ଦେଖାଏ , ତେବେ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ "ତଦନ୍ତାଧୀନ ବ୍ୟକ୍ତି"ଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବାରେ ,ତାଙ୍କ ଦେଶର କୌଣସି ଅଭିଯୋଗ ନାହିଁ। ଡନ୍ ଖବରକାଗଜ ଅନୁସାରେ , ପାକିସ୍ତାନ ପିପୁଲ୍ସ ପାର୍ଟିର ଅଧ୍ୟକ୍ଷ ବିଲାୱଲ ଶୁକ୍ରବାର ଅଲ୍ ଜଜିରା ସହ ଏକ ସାକ୍ଷାତ୍କାରରେ ଏହି ଟିପ୍ପଣୀ କରିଛନ୍ତି। ଖବରରେ କୁହାଯାଇଛି ଯେ, ଲଶ୍କର-ଏ-ତୈଇବା (ଏଲଇଟି) ପ୍ରମୁଖ ହାଫିଜ ସଇଦ୍ ଓ ଜୈଶ୍-ଏ-ମହମ୍ମଦ (ଜେଇଏମ) ପ୍ରମୁଖ ମସୁଦ୍ ଅଜହରକୁ ସମ୍ଭାବିତ ଚୁକ୍ତି ଓ ସଦ୍ଭାବନାପୂର୍ଣ୍ଣ ଆଭିମୁଖ୍ୟ ଅନୁସାରେ, ଭାରତକୁ ପ୍ରତ୍ୟର୍ପିତ କରିବା ବିଷୟରେ ପଚରା ଯାଇଥିବା ପ୍ରଶ୍ନର ଜବାବ ଦେଇ ବିଲାୱଲ ଏହି ଟିପ୍ପଣୀ କରିଛନ୍ତି। ବିଲାୱଲ କହିଛନ୍ତି , ପାକିସ୍ତାନ ସହ ଏକ ବ୍ୟାପକ ଆଲୋଚନାର ଅଂଶ ଭାବେ, ଯେଉଁଠି ଆତଙ୍କବାଦ ଏହିସବୁ ମାମଲା ମଧ୍ୟରୁ ଗୋଟିଏ, ଯାହା ଉପରେ ଆମେ ଆଲୋଚନା କରୁଛେ, ମୋର ବିଶ୍ୱାସ ଯେ, ପାକିସ୍ତାନ ଏଥିରେ କୌଣସି ବି ଜିନିଷରେ ବିରୋଧ କରିବ ନାହିଁ। ରାଷ୍ଟ୍ରୀୟ ଆତଙ୍କବାଦ ନିରୋଧକ ପ୍ରାଧିକରଣ (ନାକ୍ଟା) ଅନୁସାରେ, ଲଶ୍କର-ଏ-ତୈଇବା ଓ ଜୈସ୍-ଏ-ମହମ୍ମଦ ଦୁହିଁଙ୍କୁ ପାକିସ୍ତାନ ପ୍ରତିବନ୍ଧକ ଲଗେଇଛି, ଯାହାକି ୨୬/୧୧ ମୁମ୍ବାଇ ଆତଙ୍କୀ ହମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ହାଫିଜ୍ ସଇଦ୍ ବର୍ତ୍ତମାନରେ ଆତଙ୍କବାଦକୁ ପାଣ୍ଠି ଯୋଗାଇବା ପାଇଁ ୩୩ ବର୍ଷର ସଜା କାଟୁଛନ୍ତି। ଏହିପରି ଜାତିସଂଘ ଦ୍ୱାରା ବୈଶ୍ୱିକ ଆତଙ୍କବାଦୀ ଘୋଷିତ ଅଜହରକୁ ମଧ୍ୟ ଟାଙ୍କା ନିଷିଧ କରି ରଖିଛି।

# ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ଗୁଳି କରି ହତ୍ୟା

## ୬ ବର୍ଷ ପୂର୍ବରୁ ପୁଅକୁ ହତ୍ୟା କରିଥିଲେ ଦୁର୍ବୃତ୍ତ



**ପାଟଣା,୫।୭:** ବିହାର ରାଜଧାନୀ ପାଟଣା ଗାନ୍ଧୀ ମୈଦାନ ଥାନା ଅଞ୍ଚଳରେ ସେଠିକାର ପ୍ରତିଷ୍ଠିତ ବ୍ୟବସାୟୀ ଗୋପାଳ ଖେମକାଙ୍କୁ ଗୁଳି କରି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ଗତକାଲି ରାତି ପାଖାପାଖି ୧୧ଟା ସମୟରେ ଏହି ଘଟଣା ଘଟିବା ପରେ ପୂରା ଇଲାକାରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ପୁଲିସ ତାଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି । ଅନ୍ୟପଟେ ପୂରା ଘଟଣାର ଯାଞ୍ଚ କରି ଅପରାଧୀଙ୍କୁ ଖୋଜା ଜାରି ରଖିଛି ପୁଲିସ । ସୂଚନା ମୁତାବକ, ଗୋପାଳ ଖେମକା ପାଟଣାର ଜଣେ ବଡ଼ ବ୍ୟବସାୟୀ । ସେ ମଗଧ ହସ୍ପିଟାଲର ମାଲିକ ମଧ୍ୟ। ୬ ବର୍ଷ ପୂର୍ବରୁ ତାଙ୍କ ପୁଅ ଗୁଞ୍ଜନ ଖେମକାଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା । ତେବେ ଗୋପାଳଙ୍କ ହତ୍ୟାର କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ । ଶୁକ୍ରବାର ରାତିରେ ଖେମକା ତାଙ୍କ ଘର ପାଖରେ କାରରୁ ବାହାରୁ ବାହାରୁ କିଛି ଦୁର୍ବୃତ୍ତ ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ । ଫଳରେ ଗୋପାଳ ଖେମକା ସେହିଠାରେ ହିଁ ଟଳିପଡ଼ିଥିଲେ ।

# ୱିମ୍ବଲଡନ୍‌ରୁ କିଜ୍, ଓସାକା, ମନଫିଲ୍ସ ବିଦା

**ଲଣ୍ଡନ, ୫।୭:** ଚଳିତ ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତାରୁ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟିନୀ ମାଡିସନ୍ କିଜ୍ ଏବଂ ୪ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ନାଓମି ଓସାକାଙ୍କ ଅଭିଯାନ ଶୁକ୍ରବାର ଶେଷ ହୋଇଛି। ମହିଳା ଏକକ ତୃତୀୟ ରାଉଣ୍ଡରେ ଷଷ୍ଠ ମାନ୍ୟତାପ୍ରାପ୍ତ ଆମେରିକାର କିଜ୍ ସିଧାସଳଖ ୩-୬, ୩-୬ ସେଟ୍‌ରେ ଜର୍ମାନୀର ଲୌରା ସିଗମଣ୍ଡଙ୍କଠୁ ଏବଂ ଜାପାନର ଓସାକା ୬-୩, ୪-୬, ୩-୬ ସେଟ୍‌ରେ ୨୦୨୧ ଫ୍ରେଞ୍ଚ୍ ଓପନ୍ ଫାଇନାଲିଷ୍ଟ୍ ରୁଷିଆର ଆନାସ୍ତେସିଆ ପାଭ୍‌ଲ୍ୟୁଚେଙ୍କୋଭାଙ୍କଠୁ ପରାସ୍ତ ହୋଇଛନ୍ତି। ତେବେ ଆମେରିକାର ଅମଣ୍ଡା ଆନିସିମୋଭା ଏବଂ ଲକି ଲୁଜର ଆର୍ଜେଣ୍ଟିନାର ସୋଲାନା ସିଏରାଙ୍କ ବିଜୟ ଅଭିଯାନ ଜାରି ରହିଛି। ତ୍ରୟୋଦଶ ମାନ୍ୟତାପ୍ରାପ୍ତ ଆନିସିମୋଭା ୬-୩, ୫-୭, ୬-୩ ସେଟ୍‌ରେ ହଙ୍ଗେରିର ଡାଲ୍‌ମାକ ଗାଲ୍‌ଫିଙ୍କୁ ହରାଇଛନ୍ତି। ସିଏରା ୭-୫, ୧-୬, ୬-୧ ସେଟ୍‌ରେ ସ୍ପେନ୍‌ର କ୍ରିଷ୍ଟିନା ବୁସାଙ୍କୁ ମାତ୍ ଦେଇଥିଲେ। ଏଥିସହ ୧୯୬୮ ପରେ ଗ୍ରାସ୍‌କୋର୍ଟ ଗ୍ରାଣ୍ଡ ସ୍ଲାମ୍‌ର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିବାରେ ପ୍ରଥମ ଲକି ଲୁଜର ହେବାର ଗୌରବ ଅର୍ଜନ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟର ଶେଷ ରାଉଣ୍ଡରେ ୨୧ ବର୍ଷୀୟା ସିଏରା ହାରି ବିଦାୟ ଦ୍ୱାରରେ ଥିଲେ। ହେଲେ ମୁଖ୍ୟ ରାଉଣ୍ଡରେ ପହଞ୍ଚିଥିବା ବେଲ୍‌ଜିୟମ୍‌ର ଗ୍ରିଟ୍ ମିନେନ ଓହରିଯିବାରୁ ସିଏରା ମୁଖ୍ୟ ରାଉଣ୍ଡ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ବ୍ରିଟେନ୍‌ର ସୋନାୟ କାର୍ଟାଲ ୬-୪, ୬-୨ ସେଟ୍‌ରେ ଫ୍ରାନ୍ସର ଡିଏନା ପାରିଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପହଞ୍ଚିଛନ୍ତି।

ପୁରୁଷ ଏକକରେ ୟୁଏସ୍ ଓପନ୍ ଫାଇନାଲିଷ୍ଟ୍ ପଞ୍ଚମ ମାନ୍ୟତାପ୍ରାପ୍ତ ଟେଲର ଫ୍ରିଜ୍ ଏବଂ ୧୪ ନମ୍ବର ଆନ୍ଦ୍ରେ ରୁବଲଭ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆମେରିକାର ଫ୍ରିଜ୍ ୬-୪, ୬-୩, ୭-୫ ସେଟ୍‌ରେ ସ୍ପେନ୍‌ର ଆଲ୍‌ଜାଣ୍ଡ୍ରୋ ଡେଭିଡୋଭିଚ୍ ଫୋକିନାଙ୍କୁ ଏବଂ ରୁଷିଆର ରୁବଲଭ ୭-୫, ୬-୨, ୬-୩ ସେଟ୍‌ରେ ଫ୍ରାନ୍ସର ଆଡ୍ରିଆନ୍ ମାନ୍ନାରିନୋଙ୍କୁ ପରାସ୍ତ କରିଥିଲେ। ତେବେ ଫ୍ରାନ୍ସର ଗେଲ୍ ମନ୍‌ଫିଲ୍ସ ୪-୬, ୬-୧, ୬-୪, ୬-୭, ୪-୬ ସେଟ୍‌ରେ ହଙ୍ଗେରୀର ମାର୍ଟନ ଫୁସୋଭିକ୍ସଙ୍କଠୁ ହାରି ବିଦାୟ ନେଇଛନ୍ତି।


ନାଓମି ଓସାକା




# ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚନ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୫।୭:** ଏସିଆ ସର୍ବପୁରାତନ ଏବଂ ଭାରତର ସବୁଠୁ ସମ୍ମାନଜନକ ଡୁରାଣ୍ଡ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତା ଜୁଲାଇ ୨୩ରୁ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଆୟୋଜିତ ହେବ। ୫ଟି ରାଜ୍ୟର ୬ଟି ସ୍ଥାନରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ପ୍ରଥମ ଥର ଇଣ୍ଡୋନେସିଆ ଆର୍ମି ଦଳ ଭାଗ ନେବାକୁ ଯାଉଛି। ଭାରତୀୟ ସେନା ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୨୪ ଦଳ ଅଂଶଗ୍ରହଣ କରିବେ। ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣ ଟ୍ରଫି ଉନ୍ମୋଚନ ଉତ୍ସବ ଶୁକ୍ରବାର ରାଷ୍ଟ୍ରପତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପତାକା ହଲାଇ ୩ଟି ଐତିହାସିକ ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚନ କରିଛନ୍ତି। ଏହି ଉତ୍ସବରେ ସିଡିଏସ୍ ଜେନେରାଲ ଅନୀଲ ଚୌହାନ, ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌସେନା ମୁଖ୍ୟ ଆଡ୍‌ମିରାଲ ଦିନେଶ କେ ତ୍ରିପାଠୀ, ବାୟୁସେନା ମୁଖ୍ୟ ଏୟାର ମାର୍ଶଲ ଅମରପ୍ରୀତ ସିଂହ, ଡୁରାଣ୍ଡ କପ୍ ପରିଚାଳନା କମିଟି ମୁଖ୍ୟ ଲେଫ୍‌ଟନାଣ୍ଟ୍ ଜେନେରାଲ ଆର୍‌ସି ତିୱାରୀ ପ୍ରମୁଖ ଅତିଥି ଥିଲେ। ଏମାନଙ୍କ ସହ ଅର୍ଜୁନ ପୁରସ୍କାରପ୍ରାପ୍ତ ଫୁଟ୍‌ବଲର୍ ସନ୍ଦେଶ ଝିଙ୍ଗାନ ମଧ ସାମିଲ ଥିଲେ।

# ଧାୱନଙ୍କ ନୂଆ ପୁସ୍ତକ 'ଦ ୱାନ୍'

**ନୂଆଦିଲ୍ଲୀ, ୫।୭:** ଭାରତୀୟ ଦଳର ପୂର୍ବତନ ଅଧିନାୟକ ତଥା ଧଳାବଲ୍ କ୍ରିକେଟ୍‌ର ଅନ୍ୟତମ ସଫଳ ଓପନର୍ ଶିଖର ଧାୱନଙ୍କ ନୂଆ ଆତ୍ମଜୀବନୀ 'ଦ ୱାନ୍' ଏବେ ବଜାରକୁ ଆସିଛି। ଦିଲ୍ଲୀରେ ବାଲ୍ୟଜୀବନଠାରୁ ଆରମ୍ଭ କରି ଭାରତୀୟ ଦଳର ଜର୍ସି ପରିଧାନ ପର୍ଯ୍ୟନ୍ତ ଧାୱନଙ୍କ କ୍ରିକେଟ୍ ଯାତ୍ରାର ଅନେକ ରୋଚକ କଥା ଏଥିରେ ସ୍ଥାନ ପାଇଛି। ନିଜ ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠାରେ ଏହି ପୁସ୍ତକର ଲୋକାର୍ପଣ କରି ଧାୱନ ଲେଖିଛନ୍ତି ''ମୋ ବହି କେବଳ ଶତକ ଓ ଟ୍ରଫିର କାହାଣୀ କହିବ ନାହିଁ। ଆପଣମାନେ ଦେଖି ନଥିବା ମୋ ଜୀବନର ପ୍ରତିଟି ପର୍ଯ୍ୟାୟକୁ ବର୍ଣ୍ଣନା କରିଛି। ମୋର ସବୁ ସ୍ମୃତି ଓ ଅଭୁଲା ମୁହୂର୍ତ୍ତକୁ ବି ସ୍ଥାନ ମିଳିଛି। ସଂଶୟ, ଆହତଜନିତ କଠୋର ସମୟ ଆଦିର ଟିକିନିଖି କଥା ବି ରହିଛି। ମୁଁ ଆଜି ଯେଉଁଠି ପହଞ୍ଚିପାରିଛି ସେସବୁର ବିସ୍ତୃତ ତଥ୍ୟ ବି ଏଥିରେ ଉପସ୍ଥାପିତ ହୋଇଛି''। ସୂଚନାଯୋଗ୍ୟ, ଧାୱନ ଭାରତ ପାଇଁ ୧୬୭ ଦିନିକିଆ ଖେଳି ୧୭ ଶତକ ସହ ୪୪.୧ ହାରରେ ୬,୭୯୩ ରନ୍ ସଂଗ୍ରହ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ଶତକୀୟ ପାଳି ସହ ଟେଷ୍ଟ୍ କ୍ରିକେଟ୍‌କୁ ଆସିଥିବା ଧାୱନ ୩୪ ମ୍ୟାଚ୍‌ରୁ ୪୦.୬ ହାରରେ ୭ ଶତକ ସହ ୨,୩୧୫ ରନ୍ କରିଥିଲେ। ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରେ ବି ୬୮ ମ୍ୟାଚ୍‌ରୁ ୨୭.୯ ହାରରେ ୧୧ ଅର୍ଦ୍ଧଶତକ ସହ ୧,୭୫୯ ରନ୍ କରିଥିଲେ। ୧୨୨ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ବି ୨୫ ଶତକ ସହ ୪୪.୨୬ ହାରରେ ୮,୪୯୯ ରନ୍ ସଂଗ୍ରହ କରିଥିଲେ। ୨୦୧୩ ଆଇସିସି ଚାମ୍ପିଅନ୍ସ ଟ୍ରଫି ବିଜୟରେ ସେ ଥିଲେ ଅନ୍ୟତମ କର୍ଣ୍ଣଧାର।




# ଶୁଭମନଙ୍କ ବ୍ୟାଟିଂର ବର୍ଣ୍ଣନା ନାହିଁ, ଦ୍ୱିଶତକ ପରେ ମାରିଲେ ଶତକ

**ନୂଆଦିଲ୍ଲୀ,୫।୭** ଭାରତୀୟ ଟେଷ୍ଟ ଟିମ୍‌ର ଅଧିନାୟକ ଶୁଭମନ ଗିଲ୍‌ଙ୍କ ବ୍ୟାଟରୁ ରନ୍ ନୁହେଁ ରେକର୍ଡ ବର୍ଷା ଜାରି ରହିଛି । ଏଜବାଷ୍ଟନରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଗିଲ୍ ପୁଣି ଏକ ଶତକୀୟ ଇନିଂସ ଖେଳିଛନ୍ତି । ସେ ୧୨୯ ବଲରେ ୧୦୦ ରନ୍ ପୂରଣ କରିଛନ୍ତି । ଏହା ପୂର୍ବରୁ ଭାରତର ଷ୍ଟାର୍ ବ୍ୟାଟର ପ୍ରଥମ ଇନିଂସରେ ଦ୍ୱିଶତକ ମାରିଥିଲେ। ଏହାସହ ଶୁଭମନ ଗିଲ୍ ଗୋଟିଏ ମ୍ୟାଚ୍‌ରେ ଦ୍ୱିଶତକ ଓ ଶତକ ମାରିବାରେ ଦୁନିଆର ନବମ ବ୍ୟାଟର ହୋଇଛନ୍ତି । ସୁନୀଲ ଗାଭାସ୍କରଙ୍କ ପରେ ଏହି କୀର୍ତ୍ତିମାନ କରିବାରେ ଦ୍ୱିତୀୟ ଭାରତୀୟ ହୋଇଛନ୍ତି । ମୋଟ ଉପରେ ଏହା ଶୁଭମନଙ୍କ ଟେଷ୍ଟ କ୍ୟାରିୟରର ୮ ଶତକ ।

# ଓଡ଼ିଶାକୁ ଆଉ ୨ ସ୍ୱର୍ଣ୍ଣ ସହ ୩ ପଦକ

**କଟକ,୫।୭(ସଂଚାର ବ୍ୟୁରୋ):** ଯୁକ୍ତରାଷ୍ଟ୍ର ଆମେରିକାର ବର୍ମିଂହାମରେ ଚାଲିଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପୁଲିସର କ୍ରୀଡାବିତ୍‌ମାନଙ୍କ ପଦକ ଅମଳ ଜାରି ରହିଛି। ଶୁକ୍ରବାର ଓଡ଼ିଶା ଖେଳାଳି ୨ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ସହ ୩ ପଦକ ଜିତିଛନ୍ତି। ଧାବକ ଅଶୋକ ଦଣ୍ଡସେନା ଓ କରାଟେକା ରିତେଶ ରାୟ (୮୪ କେଜି) ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କାଂସ୍ୟଟି କରାଟେକା ଅଭିଷେକ ପଟ୍ଟନାୟକ ପାଇଛନ୍ତି। ପୂର୍ବରୁ ୨ ସ୍ୱର୍ଣ୍ଣ ଜିତିଥିବା ଅଶୋକ ୫୦୦୦ ମିଟରରେ ବିଜେତା ହୋଇ ବ୍ୟକ୍ତିଗତ ସ୍ୱର୍ଣ୍ଣ ସଂଖ୍ୟାକୁ ୩ରେ ପହଞ୍ଚାଇଛନ୍ତି। ଓଡ଼ିଶା ପୁଲିସର କ୍ରୀଡ଼ାବିତ୍‌ମାନେ ଏପର୍ଯ୍ୟନ୍ତ ୬ ସ୍ୱର୍ଣ୍ଣ, ଗୋଟିଏ ଲେଖାଏଁ ରୌପ୍ୟ ଓ କାଂସ୍ୟ ସହ ୮ ପଦକ ଜିତିସାରିଲାଣି। ଏହି ସଫଳତାରେ ରାଜ୍ୟ ପୁଲିସ ଡିଜି ୱାଇ.ବି. ଖୁରାନିଆ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା**

# କାନାଡ଼ା ଓପନ୍ କ୍ୱାର୍ଟରରେ ୩ ଭାରତୀୟ

**ଓଣ୍ଟାରିଓ, ୫।୭:** ଭାରତର ୩ ସଟଲର୍ କିଦାମ୍ବି ଶ୍ରୀକାନ୍ତ, ଶ୍ରୀୟାଂଶୀ ଭାଲିସେଟ୍ଟୀ ଓ ଏସ୍ ଶଙ୍କର ମୁଥୁସ୍ୱାମୀ ଶୁବ୍ରମନ୍ୟୁନ ଚଳିତ କାନାଡ଼ା ଓପନ୍‌ରେ ଚମତ୍କାର ପ୍ରଦର୍ଶନ କରି କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଛନ୍ତି। ପୁରୁଷ ଏକକ ପ୍ରିକ୍ୱାର୍ଟରଫାଇନାଲ୍‌ରେ ପୂର୍ବତନ ୧ ନମ୍ବର ତଥା ମାଲେସିଆ ମାଷ୍ଟର୍ସ ଉପବିଜେତା ଶ୍ରୀକାନ୍ତ ୨୧-୧୯, ୨୧-୧୪ରେ ୱାଙ୍ଗ ପୋ-ୱେଇଙ୍କୁ ଏବଂ ୨୧ ବର୍ଷୀୟା ଶୁବ୍ରମନ୍ୟୁନ ୨୧-୧୯, ୨୧-୧୪ରେ ଚାଇନିଜ୍ ତାଇପେର ହୁଆଙ୍ଗ ୟୁ-କାଇଙ୍କୁ ହରାଇଥିଲେ। ପରବର୍ତ୍ତୀ ରାଉଣ୍ଡ୍‌ରେ ଶ୍ରୀକାନ୍ତ ବିଶ୍ୱର ୬ ନମ୍ବର ଚୌଉ ତିନ୍ ଚେନ୍‌ଙ୍କୁ ଏବଂ ଶୁବ୍ରମନ୍ୟୁନ ୧୨ ନମ୍ବର କେଣ୍ଟା ନିଶିମୋତୋଙ୍କୁ ଭେଟିବେ। ସେହିଭଳି ମହିଳା ଏକକରେ ୧୮ ବର୍ଷୀୟା ଭାଲିସେଟ୍ଟୀ ୨୧-୧୫, ୨୧-୧୪ରେ ମାଲେସିଆର କାରୁପଥେଭାନ ଲେଟ୍‌ସାନାଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟରଫାଇନାଲ୍‌ରେ ସେ ଡେନ୍‌ମାର୍କର ଆମାଲିଏ ଶୁଲ୍‌ଜଙ୍କୁ ଭେଟିବେ।

# ନିୟମିତ ୯୦+ ଥ୍ରୋ ପାଇଁ ଅଧିକ ନିୟନ୍ତ୍ରଣ ଆବଶ୍ୟକ: ନୀରଜ

**ବେଙ୍ଗାଲୁରୁ, ୫।୭:** ନିରନ୍ତର ଭାବେ ୯୦+ ମିଟର୍ ଥ୍ରୋ କରିବାକୁ ହେଲେ ଅଧିକ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ଆଭ୍ୟନ୍ତରୀଣ ମାଂସପେଶୀ ଉପରେ ଅଧିକ କାମ କରିବା ସହ ଟେକ୍‌ନିକ୍‌କୁ ବି ଶାଣିତ କରିବାକୁ ହେବ। ଏଭଳି ଅନୁଭବ କରିଛନ୍ତି ଡବଲ୍ ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା। ନିଜ ନାମରେ ଏକ ବିଶ୍ୱସ୍ତରୀୟ ଇଭେଣ୍ଟ୍ ହେବାକୁ ଯାଉଥିବାରୁ ସେ ଏଥି ପାଇଁ ଅତ୍ୟନ୍ତ ଗର୍ବିତ ହୋଇଛନ୍ତି। ଶନିବାର ବେଙ୍ଗାଲୁରୁର ଶ୍ରୀ କାନ୍ତିରବା ଷ୍ଟାଡିୟମ୍‌ରେ ନୀରଜ ଚୋପ୍ରା କ୍ଲାସିକ୍ ଜାଭଲିନ୍ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ବିଶ୍ୱର ପ୍ରମୁଖ ଜାଭଲିନ୍ ଫିଙ୍ଗାଳି ଭାଗ ନେଉଛନ୍ତି। ''ପଦକ ଜିତିବା ଭିନ୍ନ କଥା, କିନ୍ତୁ ଏହା ମୋତେ ସ୍ୱପ୍ନ ଭଳି ଲାଗୁଛି। ଭାରତୀୟ ଆଥଲେଟ୍‌ମାନଙ୍କୁ ମୁଁ କିଛି ଦେଇ ପାରିଥିବାରୁ ଖୁସି ଲାଗୁଛି'' ବୋଲି ପ୍ରାକ୍ ଇଭେଣ୍ଟ୍ ସାମ୍ବାଦିକ ସମ୍ମିଳନୀରେ ନୀରଜ ପ୍ରକାଶ କରିଛନ୍ତି। ସରକାରଙ୍କଠାରୁ ଆରମ୍ଭ କରି କର୍ଣ୍ଣାଟକ ଅଲିମ୍ପିକ୍ ଆସୋସିଏସନ୍, ବିଶ୍ୱ ଆଥଲେଟିକ୍ସ ଓ ପ୍ରାୟୋଜକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସମର୍ଥନ ମିଳିଛି। ଏହି ଇଭେଣ୍ଟ୍ ଉନ୍ନତ ଭାବେ ହେବ ବୋଲି ବିଶ୍ୱାସ ବି ରହିଛି ବୋଲି ନୀରଜ ପ୍ରକାଶ କରିଛନ୍ତି। ଆମେରିକା ଓ ୟୁରୋପରେ ଏଭଳି ପ୍ରତିଯୋଗିତା ନିୟମିତ ହେଉଛି। ଭାରତରେ ଏଭଳି 'ଏ', 'ବି' ଓ 'ସି' ଶ୍ରେଣୀଭୁକ୍ତ ପ୍ରତିଯୋଗିତା ଅତି କମ୍‌ରେ ୪/୫ଟି ହେବାର ଆବଶ୍ୟକତା ରହିଛି। ଆଗାମୀ ବିଶ୍ୱ ପ୍ରତିଯୋଗିତା ପାଇଁ ଏହା ଭଲ ପ୍ରସ୍ତୁତି ବି ଦେବ ବୋଲି ଗତ ମାସରେ ପ୍ୟାରିସ୍ ଡାଏମଣ୍ଡ ଲିଗ୍ ଜିତିଥିବା ନୀରଜ ପ୍ରକାଶ କରିଛନ୍ତି।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସିଂହଦ୍ୱାର...

ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଛି । ମହାପ୍ରଭୁଙ୍କ ଏତେବଡ ଯାତ୍ରାରେ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନି ଓ ହରିବୋଲ ହୁଳହୁଳି ଯୋଗୁ ଶ୍ରୀକ୍ଷେତ୍ରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ରଥ ଗଡିବା ସମୟରେ ପୁଣି ଦେଖିବାକୁ ମିଳିଥିଲା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତ ପକାଉଥିବା ନଡ଼ିଆ। କେବଳ ସେତିକି ନୁହେଁ ବଡଦାଣ୍ଡରେ ଭକ୍ତଙ୍କୁ ଦେଖି ମହାପ୍ରଭୁଙ୍କ ଶ୍ରୀମୁଖ ହସୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ଚର୍ମଚକ୍ଷୁରେ ଦେଖିପାରି ନିଜ କୋହ ସହି ନପାରି ଆନନ୍ଦରେ କାନ୍ଦୁଥିଲା ଭକ୍ତ। ମହାପ୍ରଭୁଙ୍କ ମଙ୍ଗଳଆଳତୀ ପରେ ମଇଲମ, ତଡପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ବେଶ ପରେ ଗୋପାଳବଲ୍ଲଭ ଓ ସକାଳଧୂପ ନୀତି ଶେଷ ହୋଇଥିଲା। ପରେ ମଙ୍ଗଳାର୍ପଣ ହୋଇ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ଧାଡି ପହଣ୍ଡି।

ପ୍ରଥମେ ଚକ୍ରରାଜ ସୁଦର୍ଶନ ପହଣ୍ଡି ହୋଇଆସି ସୁଭଦ୍ରାଙ୍କ ରଥରେ ବିରାଜମାନ କରିବା ପରେ ଶ୍ରୀବଳଭଦ୍ର ତାଳଧ୍ୱଜ ରଥରେ, ଦେବୀ ସୁଭଦ୍ରା ଦର୍ପଦଳନ ରଥରେ ଓ ଶେଷରେ ଜଗତର ନାଥ ଶ୍ରୀଜଗନ୍ନାଥ ନନ୍ଦିଘୋଷ ରଥରେ ଅଧିଷ୍ଠିତ ହୋଇଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ସରିବା ପରେ ରାମକୃଷ୍ଣ ଓ ମଦନମୋହନ ରଥକୁ ବିଜେ କରିଥିଲେ। ଏହାପରେ ଚିତାଲାଗି ଓ ବେଶଶେଷ ହୋଇ ମଧ୍ୟରେ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବ ଶ୍ରୀନହରରୁ ମେହେନାରେ ଆସି ଛେରାପହଁରା କରିଥିଲେ। ପ୍ରଥମେ ଗଜପତି ବଡଠାକୁରଙ୍କ ତାଳଧ୍ୱଜ ରଥରେ ଛେରାପହଁରା କରିବା ପରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ସୁନା ଝାଡୁରେ ଛେରାପହଁରା କରିଥିଲେ । ଏହାପରେ ଆରମ୍ଭ ହୋଇଥିଲା ରଥଟଣା ପ୍ରସ୍ତୁତି। ତିନିରଥରୁ ଚାରମାଳ ଫିଟାଯିବା ପରେ ଘୋଡା ସଂଯୋଗ କରାଯାଇଥିଲା। ଅପରାହ୍ନ ୩ ଟାରେ ପ୍ରଥମେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଶ୍ରୀମନ୍ଦିର ଅଭିମୁଖେ ଗଡିବା ଆରମ୍ଭ କରିଥିଲା। ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ଜଗତର ନାଥ ଜଗନ୍ନାଥଙ୍କ ନନ୍ଦିଘୋଷ ରଥଟଣା ହୋଇଥିଲା। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ, ଏହାପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ସିଂହଦ୍ୱାରରେ ପହଂଚିଥିଲା। ବାଟରେ ଚତୁର୍ଦ୍ଧାମୂରତି ତାଙ୍କ ପ୍ରିୟ ମାଉସୀ ମାଆ ଦ୍ୱାରା ପ୍ରସ୍ତୁତ ହୋଇଥିବା ପୋଡ଼ପିଠା ଖାଇଥିଲେ। ଶେଷରେ ଆସୁଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀନହର ସମ୍ମୁଖରେ ପହଂଚିବା ପରେ ସେଠାରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଲକ୍ଷ୍ମୀନାରାୟଣ ଭେଟ କରାଇଥିଲେ। ଲକ୍ଷ୍ମୀନାରାୟଣ ଭେଟ ନୀତି ସରିବା ପରେ ନନ୍ଦିଘୋଷ ରଥ ଟଣା ହୋଇ ସିଂହଦ୍ୱାରରେ ପହଂଚିଥିଲା ।

ନୀତି ନିର୍ଘଣ୍ଟର ଯଥେଷ୍ଟ ପୂର୍ବରୁ ପହଣ୍ଡି ଓ ରଥଟଣା କରି ଶାନ୍ତିଶୃଙ୍ଖଳାର ସହ ମହାପ୍ରଭୁଙ୍କ ବାହୁଡା ଯାତ୍ରା ଶେଷ ହେଲା। ପ୍ରାୟ ୬ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ବାହୁଡା ଯାତ୍ରା ରୁଣ୍ଡ ହୋଇଥିଲେ ଶ୍ରୀକ୍ଷେତ୍ରରେ । ବାହୁଡା ଯାତ୍ରା ପାଇଁ ଶ୍ରୀକ୍ଷେତ୍ରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସୁରକ୍ଷା ଦୃଷ୍ଟିକୋଣରୁ ୧୮୦ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିବା ବେଳେ ଏକ ହଜାରରୁ ଉର୍ଦ୍ଧ୍ୱ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା। ପୁରୀର ସମସ୍ତ ପ୍ରବେଶପଥରେ ଆରକ୍ଷୀ ବାହିନୀକୁ ମୁତୟନ କରାଯାଇଥିଲା। ବାହୁଡା ଯାତ୍ରା ପାଇଁ ଟ୍ରାଫିକ ବ୍ୟବସ୍ଥାରେ ମଧ୍ୟ କେତେକ କଟକଣା କରାଯାଇଥିଲା । ତିନି ରଥ ଶ୍ରୀମନ୍ଦିର ସିଂହଦ୍ୱାରରେ ପହଂଚିବା ପରେ ରଥ ଉପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ଆରମ୍ଭ ହୋଇଛି । ରବିବାର ତିନିରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ଅପରାହ୍ନ ଠାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଭକ୍ତମାନେ ସୁନାବେଶ ଦର୍ଶନ କରି ପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଲେଖାଶ୍ରୀଙ୍କ...

ବିରୋଧରେ ଅଭିଯୋଗ ଆଣିଥିଲେ ସେତେବେଳେ ଦଳ ତାଙ୍କୁ କାହିଁକି ସୁରକ୍ଷା ଦେଉନଥିଲା ବୋଲି ମଧ୍ୟ ପ୍ରଶ୍ନ ଉଠୁଛି। ତାଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ବିଜେଡିର କିଛି ନେତା ସୋସିଆଲ ମିଡିଆରେ ସସ୍ମିତାଙ୍କ ଚରିତ୍ର ସଂହାର କରୁଥିଲେ।

ଦଳ ପାଇଁ ନିଷ୍ଠାର ସହ କାମ କରୁଥିବା ଏବଂ ଦଳ ପ୍ରତି ଆନୁଗତ୍ୟ ରଖିଥିବା ଏହିଭଳି ନାରୀ ନେତ୍ରୀମାନଙ୍କ ସମ୍ମାନକୁ ଯେତେବେଳେ ସୋସିଆଲ ମିଡିଆରେ ମାଟିରେ ମିଶାଯାଉଥିଲା ଏବଂ ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା କରାଯାଉଥିଲା, ସେତେବେଳେ ତ କାହିଁ ଦଳ ସେମାନଙ୍କ ସମର୍ଥନରେ ଛିଡା ହୋଇନଥିଲା। ଲଢେଇ ପାଇଁ ମାନସିକି ସମର୍ଥନ ବି ଯୋଗାଇନଥିଲେ ମୁଖିଆ। ବିଜେଡିରେ ଏଭଳି ପାତର ଅନ୍ତରକୁ ନେଇ ବହୁ ନେଇ ଅସନ୍ତୁଷ୍ଟ। କେବଳ ନବୀନଙ୍କୁ ଭଲ ପାଇ କିଛି ନେତା ସବୁ ଅସନ୍ତୋଷକୁ ଚାପି ଦେଇଛନ୍ତି। ହେଲେ କେତେଦିନ?

## ବ୍ରାଣ୍ଡ ...

ସେହିପରି ଓଡ଼ିଶାର ୬ଟି ଅଗ୍ରଣୀ କେନ୍ଦ୍ରୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଐତିହାସିକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବା ଅବସରରେ ସେ ଶୁଭେଚ୍ଛା ଜଣାଇଛନ୍ତି ।

ସେ କହିଛନ୍ତି, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ଆଇଆଇଟି, ଭୁବନେଶ୍ୱର, ଏନଆଇଟି ରାଉରକେଲା, ଆଇଆଇଏମ, ସମ୍ବଲପୁର, ଆଇଜର, ବ୍ରହ୍ମପୁର ଏବଂ ଶ୍ରୀସଦାଶିବ କ୍ୟାମ୍ପସ (କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ), ପୁରୀ ମଧ୍ୟରେ ଏମଓୟୁ ଜାତୀୟ ଶିକ୍ଷା ନୀତି -୨୦୨୦ରେ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ସହାୟକ ହେବ। ବହୁମୁଖୀ ଶିକ୍ଷା, ଗବେଷଣା, ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ ମାଧ୍ୟମରେ କ୍ରେଡିଟ୍ ସ୍ଥାନାନ୍ତର, ଯୁଗ୍ମ ଡିଗ୍ରୀ କାର୍ଯ୍ୟକ୍ରମ ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା ଦିଗରେ ଏହି ବୁଝାମଣା ବିଶେଷ ସହାୟକ ହେବ । ଆଜି ଏଠାରେ ଲୋକାର୍ପିତ ଓ ଭୂମିପୂଜନ ହୋଇଥିବା ପ୍ରକଳ୍ପ ସହ ଓଡ଼ିଶାର ଅଗ୍ରଣୀ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ସହ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର କୋରାପୁଟକୁ ଏକ 'ବ୍ରାଣ୍ଡ କୋରାପୁଟ'ରେ ପରିଣତ କରିବ ।

ନୈସର୍ଗିକ ପ୍ରକୃତିର ଗନ୍ତାଘର କୋରାପୁଟରେ ଅପାର ସମ୍ଭାବନା ଅଛି । ମୌଳିକ ଚାଷ ସହ ଫଳ,ପନିପରିବା, ପଶୁପାଳନ, ଦୁଗ୍ଧ ଚାଷକୁ ପ୍ରୋତ୍ସାହନ ଦେବାର ଅନେକ ବିଷୟ କୋରାପୁଟ ସହ ଜଡ଼ିତ । ଏହି ଜିଲ୍ଲାରେ ବକ୍ସାଇଟ୍ ଉତ୍ତୋଳନ ହେଉଥିବା ବେଳେ ଆଲୁମିନିୟମ ଓ ଅନେକ ଖଣିଜ ପଦାର୍ଥ ଉତ୍ପାଦନ ହେଉଛି । ହାଲ୍, ନାଲକୋ, ଉତ୍କଳ ଆଲୁମିନିୟମ ଭଳି କରଖାନା ଓ ଅନେକ ଶିଳ୍ପାନୁଷ୍ଠାନ ରହିଛି । ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ବିଶ୍ୱବିଦ୍ୟାଳୟରେ କୃଷିଭିତ୍ତିକ, ଲଜିଷ୍ଟିକ୍ସରେ ୟୁଜି ଓ ପିଜି ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ।

୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ । ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ । ଓଡ଼ିଶା ଗଠନରେ କୋରାପୁଟର ତ୍ୟାଗ, ବଳିଦାନ ଓ ପରିଶ୍ରମ ଅତୁଳନୀୟ । ୨୦୩୬ ସୁଦ୍ଧା ଅବିଭକ୍ତ କୋରାପୁଟ ଜିଲ୍ଲାର ମୌଳିକ ପରିବର୍ତ୍ତନ କରିବା ଆମର ସଂକଳ୍ପ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଓଡ଼ିଶାର ଜ୍ଞାନର ପେଣ୍ଠସ୍ଥଳୀ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ବଦ୍ଧପରିକର । ବିଶ୍ୱବିଦ୍ୟାଳୟରେ ଥିବା ଖାଲି ପଦବୀକୁ ପୂରଣ କରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ସମବେତ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା, ନବରଙ୍ଗପୁରର ସାଂସଦ ବଳଭଦ୍ର ମାଝୀ ଏବଂ ଏହି ଅଞ୍ଚଳର ବିଧାନସଭା ସଦସ୍ୟଗଣ, ଭାରତ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ସଚିବ ବିନୀତ ଯୋଶୀ, ଉପରୋକ୍ତ ଉଚ୍ଚଶିକ୍ଷାନୁଷ୍ଠାନର କୁଳପତି, ନିର୍ଦ୍ଦେଶକ, ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ହାଲ୍...

ଆନୁସଙ୍ଗିକ କ୍ଷେତ୍ରରେ ଏହାର ବର୍ଦ୍ଧିତ କ୍ଷମତାକୁ ପ୍ରଶଂସା କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଏହି ଅବସରରେ ଅନୁଷ୍ଠିତ ଏକ ବୈଠକରେ ସେ କୋରାପୁଟରେ ଥିବା ସୁବିଧା ଅନୁସାରେ ହାଲ୍ ଆଧାରିତ ଏକ ସୁଦୃଢ଼ ଏମଏସଏମଇ କ୍ଲଷ୍ଟର ବିକଶିତ କରିବା ପାଇଁ ନେତୃତ୍ୱକାରୀ ଟିମକୁ ପରାମର୍ଶ ଦେଇଛନ୍ତି । ଏହା ସ୍ଥାନୀୟ ଲୋକମାନଙ୍କ ପାଇଁ ବୃହତ ନିଯୁକ୍ତି ଏବଂ ଉଦ୍ୟମିତା ସୁଯୋଗ ସୃଷ୍ଟି କରିବ । ଏହା ଦ୍ୱାରା ସ୍ଥାନୀୟ ବ୍ୟବସାୟ ମଧ୍ୟ ବୃଦ୍ଧି କରାଇବାରେ ସହାୟକ ହେବ । କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଏବଂ ରାୟଗଡ଼ାର ସ୍କୁଲଗୁଡ଼ିକରେ ହାଲ୍ ଷ୍ଟେମ ଲ୍ୟାବ ବିକାଶ କରିବା ଉପରେ କାମ କରିବା ଉଚିତ ବୋଲି ସେ କହିଥିଲେ । ହାଲ୍ ଆଇଆଇଟି ମାଡ୍ରାସ ସହ ମିଶି ଏରୋସ୍ପେସ୍, ପ୍ରତିରକ୍ଷା ଏବଂ ଆନୁସଙ୍ଗିକ କ୍ଷେତ୍ରରେ ଡିପ୍ଲୋମା ଓ ୟୁଜି ପାଠ୍ୟକ୍ରମ ପ୍ରଦାନ କରିବା ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, କୋରାପୁଟ ସହିତ ମଧ୍ୟ ସହଯୋଗ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ସେ କହିଥିଲେ, ଏହି ପଦକ୍ଷେପଗୁଡ଼ିକ ସ୍କୁଲ ସ୍ତରରେ ଇନୋଭେସନକୁ ପ୍ରୋତ୍ସାହିତ କରିବ ଏବଂ ଏରୋସ୍ପେସ୍ ଇଞ୍ଜିନିୟରିଂରେ ଉନ୍ନତ ଜ୍ଞାନ ସହିତ ପ୍ରତିଭାବାନ ମାନବ ସମ୍ବଳ ତିଆରି କରିବାରେ ସହାୟକ ହେବ ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ସାମାଜିକ-ଆର୍ଥିକ ବିକାଶକୁ ଆଗେଇ ନେବା, ମହାକାଶ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବୃଦ୍ଧି କରିବାରେ କୋରାପୁଟ ଡିଭିଜନର ହାଲ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହା ମଧ୍ୟ ଅତ୍ୟନ୍ତ ଆନନ୍ଦର ବିଷୟ ଯେ ହାଲ୍ ସାମାଜିକ ଦାୟିତ୍ୱ ପଦକ୍ଷେପ (ସିଏସଆର) ମାଧ୍ୟମରେ ସ୍ଥାନୀୟ ଅଞ୍ଚଳରେ କ୍ରୀଡା, ଦକ୍ଷତା ବିକାଶ, ଶିକ୍ଷା ଓ ସବୁଜ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରୁଅଛି । ଏହି ପରିଦର୍ଶନ କାଳରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୋକାଲ୍ ଫର୍ ଲୋକାଲ ଆହ୍ୱାନ କ୍ରମେ କୋରାପୁଟ କଫି, କୋଟପାଡ ହସ୍ତତନ୍ତ ଏବଂ ଜିଲ୍ଲାର ଆଦିବାସୀ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ହାଲର ପ୍ରତିନିଧିଟିମକୁ ପରାମର୍ଶ ଦେଇଥିଲେ ।

## ମହଙ୍ଗା...

ପ୍ରଭାବିତ ହେବେ କନିଷ୍ଠ ଅଫିସରମାନେ ତାଠାରୁ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଦୁଇ ଚାରି ବର୍ଷ ହେଲା ଚାକିରି କରିଥିବା ଅଫିସରମାନେ ଆରମ୍ଭରୁ ହିଁ ସେମାନଙ୍କ କ୍ୟାରିୟରରେ କଳାଦାଗ ଲାଗିଯିବ। ଚାକିରିକାଳ ଆରମ୍ଭରୁ ହିଁ ସେମାନଙ୍କ ପଦୋନ୍ନତି ଓ ବାର୍ଷିକ ବେତନ ବୃଦ୍ଧ ପ୍ରଭାବିତ ହେବାର ଆଶଙ୍କା ରହିଛି। କିଛି ବର୍ଷ ପୂର୍ବରେ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ ବା ଓମସାର ଡାକ୍ତରମାନେ ମଧ୍ୟ ଏହିଭଳି ସମସ୍ୟା ଦେଇ ଗତି କରିଥିଲେ। ସେ ସମୟରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିବା କିଛି ଡାକ୍ତରଙ୍କ ଫାଇଲ ଏବେ ବି କ୍ଲିୟର ହୋଇନି।

କେବଳ ଓଏଏସ ସଂଘ କାହିଁକି, ଓଆରଏସ ସଂଘର ଅଫିସରମାନେ ବି କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। କାରଣ ସେମାନେ ମଧ୍ୟ ଓଏଏସ ସଂଘକୁ ସମର୍ଥନ କରି କାର୍ଯ୍ୟବନ୍ଦ ଘୋଷଣା କରିଥିଲେ। ଯଦିଓ ଓଆରଏସ ସଂଘ ବନ୍ୟା ପ୍ରଭାବିତ ଓ ପୁରୀରେ କାମ ବନ୍ଦ କରିନଥିଲେ, ଅନ୍ୟ ଜିଲ୍ଲାରେ କିନ୍ତୁ ସେମାନେ କର୍ମକ୍ଷେତ୍ରକୁ ଯାଉନଥିଲେ। ସରକାରଙ୍କ ସହ ପଙ୍ଗା ନେବା ସେମାନଙ୍କୁ ମହଙ୍ଗା ପଡିପାରେ।

## ୩ ଘରୋଇ...

ବ୍ୟାଙ୍କଗୁଡ଼ିକ ସରକାରୀ ଫ୍ଲାଗସିପ ଯୋଜନାରେ ଅତ୍ୟନ୍ତ ନିରାଶାଜନକ ପ୍ରଦର୍ଶନ ଏବଂ ସାଧାରଣ ବ୍ୟାଙ୍କିଙ୍ଗ ମାନଦଣ୍ଡରେ ଖରାପ ପ୍ରଦର୍ଶନ ଯୋଗୁ ସେମାନଙ୍କୁ ପ୍ୟାନେଲଭୁକ୍ତ ବ୍ୟାଙ୍କ ତାଲିକାରୁ ବାଦ୍ ଦିଆଯାଇଥିବା ସୂଚନା ଦେଇଥିଲେ । ଏହି ୩ଟି ବ୍ୟାଙ୍କରେ ଥିବା ଫିକ୍ସଡ୍ ଡିପୋଜିଟ୍ ଓ ଟର୍ମ ଡିପୋଜିଟକୁ ବାଦ୍ ଦେଇ ଅନ୍ୟ ସମସ୍ତ କାରବାର ବନ୍ଦ କରିବା ଓ ଜମାଅର୍ଥ ଅନ୍ୟ ତାଲିକାଭୁକ୍ତ ବ୍ୟାଙ୍କକୁ ସ୍ଥାନାନ୍ତର ନିମନ୍ତେ ଅର୍ଥ ବିଭାଗ ନିର୍ଦ୍ଦେଶ ଦେଇଥିଲେ । ତେବେ ୧୫ଦିନ ମଧ୍ୟରେ ନିଜର ନିଷ୍ପତ୍ତିର ୨ଥର ପରିବର୍ତ୍ତନ ଓ ଏହି ୟୁ-ଟର୍ଣ୍ଣକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

## ରୋଗୀ...

ଦେଲା ଭଳି ଦୃଶ୍ୟ । ୧୦୮ ଆମ୍ବୁଲାନ୍ସରେ ନଥିଲେ ରୋଗୀ । ଥିଲେ ଏକାଧିକ ବ୍ୟକ୍ତି । ଜଣେ ମହିଳା ମଧ୍ୟ ବାହାରିଲେ । ସେମାନଙ୍କ ବେକରେ ପରିଚୟ ପତ୍ର କି ପାସ୍ ଝୁଲୁଥିଲା । ସେମାନେ ସରକାରୀ ଅଧିକାରୀ ହୋଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି । ପୁରୀ ରଥଯାତ୍ରା ସମୟରେ ଭିଡ଼ ଭିତରେ କାହାର କିଛି ସ୍ୱାସ୍ଥ୍ୟଗତ୍ ସମସ୍ୟା ହେଲେ ତାଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ଆମ୍ବୁଲାନ୍ସ ରଖାଯାଇଛି । ହେଲେ ଏଠି ଆମ୍ବୁଲାନ୍ସଟି ରୋଗୀ ନୁହେଁ ଯାତ୍ରୀ ବୋହୁଛି । ଏଥିପାଇଁ କିଏ ଦେଇଛି ଅନୁମତି, କାହା କଥାରେ ଆମ୍ବୁଲାନ୍ସ ଡ୍ରାଇଭର ଲୋକଙ୍କୁ ଧରି ଡାକ୍ତରଖାନାକୁ ଯାଇଥିଲେ। ପୁରୀ ଡାକ୍ତରଖାନା ପରିସରରେ ଆମ୍ବୁଲାନ୍ସ ଭିତରୁ ସୁସ୍ଥ ଲୋକ ବାହାରୁଥିବା ଦେଖି ଏମିତି ପ୍ରଶ୍ନ କରିଛନ୍ତି ସେଠାରେ ଉପସ୍ଥିତ ଥିବା ବ୍ୟକ୍ତି । ଆମ୍ବୁଲାନ୍ସ ସଂଘ ମଧ୍ୟ ଏଭଳି କାର୍ଯ୍ୟକୁ ବିରୋଧ କରିଛି। ସମ୍ପୃକ୍ତ ଆମ୍ବୁଲାନ୍ସ ଡ୍ରାଇଭର ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ଦାବି କରିଛି।

## ମାଲିରୁ...

ଚେଷ୍ଟା କରିଥିଲେ ବି ତାହା ସମ୍ଭବ ହୋଇନାହିଁ।

ପି.ଭେଙ୍କଟରମଣଙ୍କ ଉଦ୍ଧାର ପାଇଁ ରାଜ୍ୟ ସରକାର କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି । ଏହି ଘଟଣାକୁ ଭାରତୀୟ ବିଦେଶ ମନ୍ତ୍ରଣାଳୟ ନିନ୍ଦା କରିବା ସହ ତିନି ଭାରତୀୟଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ମାଲି ସରକାରଙ୍କୁ କହିଛନ୍ତି । ସେପଟେ ହିଞ୍ଜିଳି ବିଧାୟକ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଚିନ୍ତାପ୍ରକଟ କରିଛନ୍ତି । ନବୀନଙ୍କ ନିର୍ଦ୍ଦେଶରେ ଭେଙ୍କଟରମଣଙ୍କ ପରିବାରକୁ ଭେଟିଛନ୍ତି ବିରୋଧୀ ଦଳ ନେତାଙ୍କ ହିଞ୍ଜିଳି ପ୍ରତିନିଧି ।

# ସରଣ୍ଡା ଜଙ୍ଗଲରୁ ୩୦ ଲ୍ୟାଣ୍ଡମାଇନ୍ ଜବତ

**ମାଲକାନଗିରି, ୫।୭ (ସଂଚାର ବ୍ୟୁରୋ):** ସରଣ୍ଡା ଜଙ୍ଗଲରେ ମାଓବାଦୀ ସଂଗଠନ ବିରୋଧରେ ଚାଲିଥିବା ମିଳିତ ଅଭିଯାନରେ ସୁରକ୍ଷାବାହିନୀକୁ ବଡ଼ ସଫଳତା ମିଳିଛି। ଚାଇଁବସା ପୋଲିସ, ଝାଡ଼ଖଣ୍ଡ ଜାଗୁଆର, ସିଆର୍ପିଏଫ୍ ୬୦ ବାଟାଲିୟନର ମିଳିତ ଦଳ ପକ୍ଷରୁ ପଶ୍ଚିମ ସିଂହଭୂମ ଜିଲ୍ଲାର ଟୋକଲୋ ଥାନା ଅଞ୍ଚଳର ସୀମାନ୍ତ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ସମୟରେ ନକ୍ସଲମାନେ ବିଛାଇଥିବା ୩୦ଟି ଲ୍ୟାଣ୍ଡମାଇନ୍ ଜବତ କରାଯାଇଛି। ବୋମା ନିଷ୍କ୍ରିୟକାରୀ ଦଳ ସହାୟତାରେ ସେଗୁଡ଼ିକୁ ଘଟଣାସ୍ଥଳରେ ନିଷ୍କ୍ରିୟ କରାଯାଇଛି। ଏ ସଂକ୍ରାନ୍ତରେ ପଶ୍ଚିମ ସିଂହଭୂମି ଏସ୍ପି ରାକେଶ ରଞ୍ଜନଙ୍କୁ ଗୁପ୍ତ ସୂଚନା ମିଳିବା ପରେ ସୁରକ୍ଷାବାହିନୀ ତଲାସି ଅଭିଯାନ ଆରମ୍ଭ କରିଥିଲେ । ସେପଟେ ଆଇଡି ବିସ୍ଫୋରଣରେ ଗୋଟିଏ ହାତୀ ଆହତ ହୋଇଛି । ହାତୀଟିକୁ ଠାବ କରି ଚିକିତ୍ସା କରିବାକୁ ଉଦ୍ୟମ କରାଯାଉଛି । ଗତ ୨୮ ତାରିଖରେ ବାଙ୍କ ପଥର ଖଣିରୁ ୫ ଟନ ବିସ୍ଫୋରକ ମାଓବାଦୀମାନେ ଲୁଟ ଘଟଣାରେ ଏବେ ବି ୧ ଟନ୍ ବିସ୍ଫୋରକ ଜବତ ହୋଇପାରିନାହିଁ । ସେପଟେ ମାଓବାଦୀମାନେ ଜଙ୍ଗଲରେ ଆଇଡି ଲଗେଇ ତାଙ୍କର ଦବଦବା ଜାହିର କରିବାକୁ ଉଦ୍ୟମ କରୁଛନ୍ତି।

# ଭାରସାମ୍ୟ ହରାଇ ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ୍

**ଜହ୍ନାପଙ୍କ, ୦୫/୦୭:** ବୌଦ୍ଧ ଥାନା ଖୁଣ୍ଟବନ୍ଧ ନିକଟରେ ଶନିବାର ଦିନ ପ୍ରାୟ ୧୧ ଟାରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି । ଏହି ଦୁର୍ଘଟଣାରେ ଡ୍ରାଇଭର ସିଦ୍ଧେଶ୍ୱର ରାଓ ଆହତ ହୋଇଛନ୍ତି ।ସୂଚନା ମୁତାବକ, ତେଲେଙ୍ଗାନା ରାଜ୍ୟରୁ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ବୌଦ୍ଧ ଆସୁଥିବା ବେଳେ ଆଗ ଚକ ଫାଟି ଯାଇଥିଲା। ଚକ ଫାଟିବାରୁ ଭାରସାମ୍ୟ ହରାଇ ରାସ୍ତା କଡର ଦୁଇଟି ଗଛକୁ ଧକ୍କା ଦେଇ ଟ୍ରକ୍‌ଟି ଓଲଟି ପଡିଥିଲା । ଫଳରେ ଡ୍ରାଇଭର ସିଦ୍ଧେଶ୍ୱର ରାଓ ଆହତ ହୋଇଥିଲେ । ଏହା ଦେଖି ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ପଠାଇଥିଲେ । ଏ ସମ୍ପର୍କରେ ଖବର ପାଇ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

# ସ୍ୱପ୍ନେଶ୍ୱର ମନ୍ଦିର ଜାତୀୟ 'ସଂରକ୍ଷିତ ସ୍ମାରକୀ' ଘୋଷଣା



**ଭୁବନେଶ୍ୱର, ୫।୭ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ପୁଞ୍ଜିଆମା ଗାଁରେ ଅବସ୍ଥିତ ଷଷ୍ଠ ଶତାବ୍ଦୀର ପ୍ରାଚୀନ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରକୁ ଜାତୀୟ ମହତ୍ତ୍ୱର ଏକ 'ସଂରକ୍ଷିତ ସ୍ମାରକୀ' ଘୋଷଣା କରାଯାଇଛି । ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ

**ଦୀର୍ଘଦିନ ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ :ଆଇନ ମନ୍ତ୍ରୀ**

ପକ୍ଷରୁ ଗେଜେଟ୍ ନୋଟିଫିକେସନ ଜାରି କରି ଏହି ଘୋଷଣା କରାଯାଇଛି । ବାଣପୁର ସହରଠାରୁ ୨୦ କିଲୋମିଟର ଦୂରରେ ଥିବା ପୁରାତନ ବଙ୍କାଡ଼ଗଡ଼ର ଆରାଧ୍ୟ ଦେବ ଭାବେ ବାବା ସ୍ୱପ୍ନେଶ୍ୱର ପରିଚିତ। ଏହି ଶିବ ମନ୍ଦିରରେ ୫ଟି ମନ୍ଦିର ରହିଛି। ମଝିରେ ପୂଜା ପାଉଛନ୍ତି ବିଶାଳ ଆକୃତିର ଶିବ ଲିଙ୍ଗ । ଏହା ଶୈଳୋଦ୍ଭବ ରାଜବଂଶର ରାଜତ୍ୱ ସମୟରେ ପ୍ରତିଷ୍ଠିତ ହୋଇଥିବା ବିଶ୍ୱାସ କରାଯାଏ, ଯାହା ସେତେବେଳେ ଓଡ଼ିଶାର ଏକ ପ୍ରମୁଖ ରାଜବଂଶ ଥିଲା । ଏହି ଘୋଷଣା ପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏକ୍ସରେ ସେ ଲେଖିଛନ୍ତି, ଏହି ଐତିହାସିକ ସ୍ୱପ୍ନେଶ୍ୱର ମନ୍ଦିରକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅନ୍ତର୍ଗତ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ (ଏଏସଆଇ) ପକ୍ଷରୁ "ସୁରକ୍ଷିତ ସ୍ମାରକ" ଭାବରେ ଘୋଷଣା କରାଯାଇଥିବାରୁ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବା ସହ ଧନ୍ୟବାଦ୍ ଅର୍ପଣ କରୁଛି । ୨୦୨୪ରେ ଓଡିଶାରେ ଡବଲ ଇଞ୍ଜିନ ସରକାର ଗଠିତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅହରହ ପ୍ରଚେଷ୍ଟାରେ ଏହି ପ୍ରକ୍ରିୟା ଦ୍ରୁତ ହୋଇ ବର୍ତ୍ତମାନ ଏହାକୁ ସରକାରୀ ଭାବେ ଏଏସଆଇ ଦ୍ୱାରା 'ସୁରକ୍ଷିତ ସ୍ମାରକ' ଘୋଷଣା କରାଯାଇଛି । ଭାରତ ସରକାରଙ୍କ ବିଜ୍ଞପ୍ତି ଅନୁସାରେ ଏହି ମନ୍ଦିରକୁ ୯ ମେ ୨୦୨୪ରେ ଏକ 'ସଂରକ୍ଷିତ ସ୍ମାରକୀ' ମାନ୍ୟତା ଦିଆଯାଇଥିଲା । ଏହାପରେ ଲୋକଙ୍କ ଅବଗତି ପାଇଁ ନୋଟିସ୍ ଜାରି କରାଯାଇଥିଲା । ଭାରତ ସରକାରଙ୍କ ନିଷ୍ପତ୍ତି ଉପରେ କୌଣସି ଆପତ୍ତି ମିଳିନଥିଲା । ଏହାପରେ କେନ୍ଦ୍ର ସରକାର ରାଷ୍ଟ୍ରୀୟ ମହତ୍ତ୍ୱର 'ସୁରକ୍ଷିତ ସ୍ମାରକ" ଘୋଷଣା କରାଯାଇଛି ।

# ଟିଆରପି ରେଟିଂ ବ୍ୟବସ୍ଥାରେ ପରିବର୍ତ୍ତନ



**ଭୁବନେଶ୍ୱର, ୫।୭ (ସଂଚାର ବ୍ୟୁରୋ) :** ପିଲା ଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ କେବଳ କେବୁଲ ଏବଂ ଡିଟିଏଚ୍ ପ୍ଲାଟଫର୍ମ ମାଧ୍ୟମରେ ନୁହେଁ ବରଂ ସ୍ମାର୍ଟ ଟିଭି, ମୋବାଇଲ୍ ଆପ୍ଲିକେସନ୍ ଏବଂ ଅନ୍ୟାନ୍ୟ ଅନଲାଇନ୍ ଷ୍ଟ୍ରିମିଂ ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକ୍ରମ ଦେଖୁଛନ୍ତି। ଯେଉଁଥିପାଇଁ ଏବେ ବଦଳିବାକୁ ଯାଉଛି ଟେଲିଭିଜନ ରେଟିଂ ପଏଣ୍ଟ ଅର୍ଥାତ ଟିଆରପି ଢାଞ୍ଚା। ବଦଳିବ ଟିଆରପି ରେଟିଂ ସିଷ୍ଟମ । ସଂସ୍କାର ପାଇଁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ନୂଆ ପ୍ରସ୍ତାବ। ଟେଲିଭିଜନ ରେଟିଂ ମାପରେ ଏକାଧିକ ଏଜେନ୍ସୀକୁ ମିଳିବ ଅନୁମତି । ଏକାଧିକ ସଂସ୍ଥାକୁ ଅନୁମତି ଦେବା କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଉଚ୍ଛେଦ ହେବ । ନୂଆ ଟିଆରପି ଚିଠା ନୀତିର ଲକ୍ଷ୍ୟ ହେଉଛି, ଷ୍ଟ୍ରିମିଂ ଏବଂ ମୋବାଇଲ୍ ଦର୍ଶକଙ୍କ ସଂଖ୍ୟା ହିସାବରେ ଥିବା ବ୍ୟବଧାନକୁ ଦୂର କରିବା ଏବଂ ପୁରୁଣା ମୂଲ୍ୟାଙ୍କନ ବ୍ୟବସ୍ଥାକୁ ଏକ ପ୍ରଯୁକ୍ତିଗତ ସକ୍ରିୟତା ପ୍ରଦାନ କରିବା ।

ଭାରତରେ ଟିଭି ଦେଖିବା ଅଭ୍ୟାସ ଗତ କିଛି ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଭାବେ ବଦଳିଛି। ଦର୍ଶକମାନେ ଏବେ ଅନେକ ପ୍ଲାଟଫର୍ମ ମାଧ୍ୟମରେ ନୂଆ ନୂଆ କାର୍ଯ୍ୟକ୍ରମ ଦେଖୁଛନ୍ତି। ତଥାପି, ଦର୍ଶକଙ୍କ ସଂଖ୍ୟା ହିସାବ କରିବା ପାଇଁ ପ୍ରଚଳିତ ବ୍ୟବସ୍ଥା ବା ଟେଲିଭିଜନ ରେଟିଂ ପଏଣ୍ଟ ଅର୍ଥାତ ଟିଆରପି ଏହି ପରିବର୍ତ୍ତିତ ଢାଞ୍ଚାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ସାମିଲ କରିପାରିନାହିଁ । ଏହାକୁ ଦୃଷ୍ଟିରେ ରଖି, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ୨୦୧୪ ମସିହାରେ ଜାରି ହୋଇଥିବା ଟେଲିଭିଜନ ରେଟିଂ ଏଜେନ୍ସିଗୁଡ଼ିକ ପାଇଁ ନୀତିଗତ ମାର୍ଗଦର୍ଶିକାରେ ସଂଶୋଧନ ପ୍ରସ୍ତାବ ଦେଇଛି। ବର୍ତ୍ତମାନ ବ୍ୟବସ୍ଥାରେ ବିଏଆର୍‌ସି ବା ବ୍ରୋଡକାଷ୍ଟ ଅଡିଆନ୍ସ ରିସର୍ଚ୍ଚ କାଉନସିଲ ରେଟିଂ ପ୍ରଦାନ କରୁଛି । ୨୩ କୋଟି ଲୋକଙ୍କ ଘରେ ଟିଭି ଥିବା ବେଳେ ରେଟିଂ ମାପିବାକୁ ମାତ୍ର ୫୮ ହଜାର ମିଟର ଲାଗିଛି । ଯାହା ଟିଭି ସଂଖ୍ୟାର ୦.୦୨୫ ପ୍ରତିଶତକୁ ପ୍ରତିନିଧିତ୍ୱ କରୁଛି । ନୂଆ ନୀତିରେ ଅଧିକ ପ୍ଲାଟଫର୍ମ ରେଟିଂରେ ସାମିଲ ହେବ । ଯାହାଦ୍ୱାରା ଏହା ଏକ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦେବ ବୋଲି କୁହାଯାଉଛି ।

### ଓଡ଼ିଶାରେ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ସମୀକ୍ଷା

# ନିରାପଦ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର, ୫।୭ (ସଂଚାର ବ୍ୟୁରୋ) :** ଓଡ଼ିଶାରେ ମେଗା ପାଇପ ଜଳ ଯୋଗାଣ (ପିଡବ୍ୟୁଏସ୍) ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା, ସେସବୁର ପରିଚାଳନା ଓ ରକ୍ଷଣାବେକ୍ଷଣ ପରିପ୍ରେକ୍ଷୀରେ ସଂପୃକ୍ତ ବିଭିନ୍ନ ବିଭାଗର ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ

- **ପାନୀୟ ଜଳ ଯୋଗାଣ ପରିଚାଳନା ଓ ରକ୍ଷଣାବେକ୍ଷଣର ଉନ୍ନତି ପାଇଁ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଉନ୍ନୟନ କମିଶନରଙ୍କ ଗୁରୁତ୍ୱ**
- **ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ରିଅଲ ଟାଇମ ମନିଟରିଂ ପାଇଁ ସୁଦୃଢ଼ ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବସ୍ଥା**
- **କ୍ଷେତ୍ରସ୍ତରରେ ପ୍ରଭାବୀ ପରିଚାଳନା ପାଇଁ ପ୍ରତି ଜିଲ୍ଲାରେ ପ୍ରକଳ୍ପ ପରିଚାଳନା ୟୁନିଟ୍ ସ୍ଥାପନ ପ୍ରସ୍ତାବ**

ଉଚ୍ଚସ୍ତରୀୟ ଆନ୍ତଃ ବିଭାଗୀୟ ସମନ୍ୱୟ କମିଟି ବୈଠକ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସଂପଦ ବିଭାଗ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶକ୍ତି ଆଦି ସଂପୃକ୍ତ ବିଭାଗର ସଚିବ, ସର୍ବୋଚ୍ଚ ଯନ୍ତ୍ରୀ, ବୈଷୟିକ ମୁଖ୍ୟଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ହୋଇଥିବା ଜଳଯୋଗାଣ ପ୍ରକଳ୍ପଗୁଡିକର ସ୍ଥିତି ସମୀକ୍ଷା କରାଯାଇଥିଲା ଏବଂ ଯେଉଁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟାନ୍ୱୟନ ନେଇ ସଂପୃକ୍ତ ବିଭିନ୍ନ ବିଭାଗୀୟ ସମସ୍ୟା ରହିଛି, ସେସବୁକୁ ଏକ ମାସ ମଧ୍ୟରେ ସମାଧାନ କରିବାକୁ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଥିଲା । ଏହାକୁ ସହଜ କରିବା ପାଇଁ ସାପ୍ତାହିକ କିମ୍ବା ପାକ୍ଷିକ ଯୁଗ୍ମ ସମୀକ୍ଷା ବୈଠକ କରାଯିବ ଏବଂ ଏଥିପାଇଁ ସଂପୃକ୍ତ ବିଭିନ୍ନ ବିଭାଗର ନୋଡାଲ ଅଧିକାରୀମାନଙ୍କର ଏକ ନିର୍ଦ୍ଦିଷ୍ଟ ହାଟସ୍‌ଆପ୍ ଗ୍ରୁପ୍ କରାଯିବ, ଯଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଉପଯୁକ୍ତ ସମନ୍ୱୟ କରାଯାଇପାରିବ ।

ଉନ୍ନୟନ ଆୟୁକ୍ତ ଶ୍ରୀମତୀ ଗର୍ଗ ପାନୀୟ ଜଳ ଯୋଗାଣର ପରିଚାଳନା ଓ ରକ୍ଷଣାବେକ୍ଷଣର ଉନ୍ନତି ପାଇଁ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ବାସ୍ତବ ସମୟଭିତ୍ତିକ ନିରୀକ୍ଷଣ(ରିଅଲ ଟାଇମ ମନିଟରିଂ ) ପାଇଁ ଏକ ସୁଦୃଢ଼ ଡିଜିଟାଲ୍ ପ୍ଲାଟଫର୍ମ ବିକଶିତ କରାଯାଉଛି । ଏହି ବ୍ୟବସ୍ଥା ପ୍ରଥମେ ମେଗା ପ୍ରକଳ୍ପଗୁଡ଼ିକରେ ସ୍ଥାପିତ ସ୍କାଡା ( ତଦାରଖ ନିୟନ୍ତ୍ରଣ ଏବଂ ତଥ୍ୟ ଅଧିଗ୍ରହଣ) ବ୍ୟବସ୍ଥା ସହ ସଂଯୋଜିତ ହେବ ଏବଂ ସମୟକ୍ରମେ ତାହା ସଂପ୍ରସାରିତ ହୋଇ ଛୋଟ ଛୋଟ ଯୋଜନାଗୁଡିକରେ ଥିବା କମ୍ପ୍ୟୁଟରୀକୃତ ବ୍ୟବସ୍ଥା(ଆଇଓଟି) କୁ ଅନ୍ତର୍ଭୁକ୍ତ କରାଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

କ୍ଷେତ୍ରସ୍ତରରେ ପାନୀୟ ଜଳ ଯୋଗାଣର ପ୍ରଭାବୀ ପରିଚାଳନା ଓ ରକ୍ଷଣାବେକ୍ଷଣ ତଦାରଖ ପାଇଁ ପ୍ରତି ଜିଲ୍ଲାସ୍ତରରେ ପ୍ରକଳ୍ପ ପରିଚାଳନା ୟୁନିଟ୍ ସ୍ଥାପନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥି ସହିତ, ସମାନ୍ତରାଳ ଭାବେ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ପାଣିର ଗୁଣବତ୍ତା ନିରୀକ୍ଷଣ କୌଶଳ, ଫିଲ୍ଡ ଟେଷ୍ଟିଂ କିଟ୍, ସୁରକ୍ଷିତ ସର୍ବେକ୍ଷଣ ଏବଂ ଜଳ ଜୀବନ ମିଶନ୍ ଆପ ମାଧ୍ୟମରେ ରିଅଲ୍ ଟାଇମ୍ ରିପୋର୍ଟିଂ ସଂପର୍କରେ ପ୍ରଶିକ୍ଷଣ ଦିଆଯିବ ।

# ପୋଲ ଉପରେ ୨ ଫୁଟର ପାଣି



**ମୋହନା,୫।୭ (ସଂଚାର ବ୍ୟୁରୋ) :** ଲଗାଣ ବର୍ଷାରେ ଗଜପତି ଜିଲ୍ଲା ମୋହନା ବ୍ଲକ ଗର୍ଡ଼ମା ପାପାଇଜୁ ପୋଲ ଉପରେ ୨ ଫୁଟର ପାଣି ପ୍ରବାହିତ ହେଉଛି । ଫଳରେ ମୋହନାରୁ ଗର୍ଡ଼ମା ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଯାତାୟାତ ଠପ୍ ହୋଇଯାଇଛି। ଗତ ଦୁଇ ଦିନ ଧରି ମୋହନା ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଗଦାପୁର ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ମୋହନାରୁ ଗର୍ଡ଼ମା ପଞ୍ଚାୟତକୁ ସଂଯୋଗ କରୁଥିବା ପାପାଇଜୁ ପୋଲୋ ଉପରେ ୨ ଫୁଟର ପାଣି ପ୍ରବାହିତ ହେଉଛି। ପ୍ରତିବର୍ଷ ବର୍ଷା ଦିନେ ଏହି ପୋଲ ଉପରେ ପାଣି ପ୍ରବାହିତ ହେଉଥିବା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି କମିବା ପର୍ଯ୍ୟନ୍ତ ପୁରା ପଞ୍ଚାୟତବାସୀ ଜଳ ବନ୍ଦୀ ଅବସ୍ଥାରେ ରହୁଥିବା କହିଛନ୍ତି । ସେହିପରି ରାଜଖିମା ଗାଁ ନଦୀରେ ଜଳସ୍ତର ବୃଦ୍ଧି ଯୋଗୁଁ ରାଜଖିମା ଗାଁ ସମେତ ୪ଟି ଗାଁର ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି ।

# ଟ୍ରେଲର ଧକ୍କାରେ ମହିଳା କନେଷ୍ଟବଲଙ୍କ ମୃତ୍ୟୁ, ୨ ଗୁରୁତର



**ରାୟଗଡ଼ା,୫।୭ (ସଂଚାର ବ୍ୟୁରୋ) :** ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଗୁନାଖାଲ ଛକରେ ମର୍ମନ୍ତୁଦ ଦୁର୍ଘଟଣା। ସ୍କୁଟିକୁ ପଛପଟୁ ଧକ୍କା ଦେଲା ଟ୍ରେଲର। ଗାଡ଼ି ତଳେ ଚାପିହୋଇ ମହିଳା କନେଷ୍ଟବଲଙ୍କ ମୃତ୍ୟୁ। ମୃତକ ଜଣଙ୍କ ହେଲେ ଖେଦାପଡ଼ା ଗ୍ରାମର ଲାବଣ୍ୟ ଗାଣ୍ଟା (୨୪ ବର୍ଷ)। ଏହି ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିଷମକଟକ ବ୍ଲକ ବେଥିଆପଡ଼ା ପଞ୍ଚାୟତ ମୁନିଗାଁର କାନ୍ତାରାଓ କାଡ୍ରାକା(୪୦ ବର୍ଷ) ଓ ସୁବାରାଓ କାଡ୍ରାକା (୪୦ ବର୍ଷ)। ସୂଚନାନୁଯାୟୀ, ଲାବଣ୍ୟ ଶନିବାର ସକାଳୁ ଘରୁ ବାହାରି ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ର ବାହୁଡା ଯାତ୍ରା ଡ୍ୟୁଟି କରିବାକୁ ଆସୁଥିଲେ। ଗୁନାଖାଲ ଛକରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍ ଆସୁଥିବାରୁ ହମ୍ପସ୍ ଠାରେ ଲାବଣ୍ୟ ବ୍ରେକ୍ ମାରିଥିଲେ। ଏହି ସମୟରେ ଏକ ଟ୍ରେଲର ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲା। ଲାବଣ୍ୟ ସ୍କୁଟିରୁ ପଡିଯିବାରୁ ତାଙ୍କ ଉପରେ ଟ୍ରକ୍ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଲାବଣ୍ୟଙ୍କ ମୃତ୍ୟୁ ହୋଇଥିଲା। ବାଇକରେ ଆସୁଥିବା ଦୁଇ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରେଲରକୁ ଜବତ କରିଛି। ଲାବଣ୍ୟଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ବୃଦ୍ଧଙ୍କୁ ଟେକି କଚାଡ଼ି ଦେଲା ଦନ୍ତା

**ଢେଙ୍କାନାଳ,୫।୭ (ସଂଚାର ବ୍ୟୁରୋ) :** ଘର ପଛପଟକୁ ଶୌଚ ହେବାକୁ ଯାଇଥିଲେ ବୃଦ୍ଧ । ସେହି ସମୟରେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଦନ୍ତା ହାତୀଟି ବୃଦ୍ଧଙ୍କୁ ଟେକି କଚାଡ଼ି ଦେଇଥିଲା । ତେବେ ଗୁରୁତର ଅବସ୍ଥାରେ ଗ୍ରାମବାସୀ ମାନେ ବୃଦ୍ଧଙ୍କୁ ଉଦ୍ଧାର କରି ପ୍ରଥମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି । ଢେଙ୍କାନାଳ ଜିଲ୍ଲା କଳାଙ୍ଗ ଗ୍ରାମ ପଞ୍ଚାୟତ କାଳିକା ପ୍ରସାଦ ଗ୍ରାମ ନିକଟରେ ପୂର୍ବାହ୍ନରେ ଏହି ଘଟଣା ଘଟିଛି। ଗୁରୁତର ବୃଦ୍ଧ ଜଣଙ୍କ ଭାପୁର ଫାଣ୍ଡି ଅନ୍ତର୍ଗତ କାଳିକା ପ୍ରସାଦ ଗ୍ରାମର ୬୫ ବର୍ଷ ବୟସ୍କ ଉଦ୍ଧବ ଦେହୁରୀ ବୋଲି ଜଣାପଡିଛି । ଦନ୍ତା ହାତୀର ଆକ୍ରମଣରେ ଉଦ୍ଧବଙ୍କ ମୁଣ୍ଡ, ଅଣ୍ଟା ଓ ପିଚାରେ ଗଭୀର ଆଘାତ ଲାଗିଛି । ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି ।

## ୨୦ ଲକ୍ଷ ରାସନ୍ କାର୍ଡ ବାତିଲ ନିଷ୍ପତ୍ତି ସ୍ଥଗିତ ଦାବି

**ଭୁବନେଶ୍ୱର, ୫।୭ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାର ୨୦.୫୮ ଲକ୍ଷ ଲୋକଙ୍କ ରାସନ୍ କାର୍ଡ ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି ଯାହାକୁ ସ୍ଥଗିତ କରାଯାଉ । ଜୁନ ୩୦ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କରିଥିବା ଘୋଷଣାକୁ ବର୍ତ୍ତମାନ ପାଇଁ ବନ୍ଦ କରାଯାଉ । କୌଣସି ନା କୌଣସି କାରଣରୁ ଇ-କେୱାଇସି କରିପାରିନଥିବା ଉପଭୋକ୍ତାଙ୍କୁ ରାସନ୍ ଦେବାରୁ ବଞ୍ଚିତ କରାନଯାଉ । ଏମିତି ହେଲେ ଲକ୍ଷ ଲକ୍ଷ ଲୋକ ତଥା ଗରିବ ପରିବାର ଖାଦ୍ୟରୁ ବଞ୍ଚିତ ହେବେ । ଏହା ସହ ୨୦୧୩ର ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ଉଲ୍ଲଂଘନ ହେବ ବୋଲି 'ରାଇଟ୍ ଟୁ ଫୁଡ୍ କ୍ୟାମ୍ପେନ୍' ପକ୍ଷରୁ କୁହାଯାଇଛି । ସେହିପରି ରାସନ୍ କାର୍ଡ ପାଇଁ କରାଯାଉଥିବା ଇ-କେୱାଇସି ଅବଧି ବୃଦ୍ଧି କରିବାକୁ ଦାବି ହୋଇଛି । ରାସନ୍ ନେବା ବେଳେ ଯଦି କୌଣସି ବ୍ୟକ୍ତି କିମ୍ବା ପରିବାରର ଯାନ୍ତ୍ରିକ ତ୍ରୁଟି ପାଇଁ ବାୟୋମେଟ୍ରିକ୍ ମ୍ୟାଚ୍ ନ କରୁଛି, ତେବେ ବିକଳ୍ପ ବ୍ୟବସ୍ଥା କରାଯାଉ । ରାସନ୍ ନେଉଥିବା ପରିବାରର ସଦସ୍ୟ ଭାବେ ଥିବା ପିଲାଙ୍କୁ ଆଧାର କିମ୍ବା ବାଲ ଆଧାରରୁ ବାଦ୍ ଦିଆଯାଉ । ତେବେ ରାସନ୍ କାର୍ଡରୁ କାହାକୁ ବଞ୍ଚିତ କରିବା କିମ୍ବା ବାଦ୍ ଦେବା ପୂର୍ବରୁ ଲିଖିତ ଭାବେ କାରଣ ସହ ସୂଚନା ଦିଆଯାଉ ବୋଲି 'ରାଇଟ୍ ଟୁ ଫୁଡ୍ କ୍ୟାମ୍ପେନ୍'ର ଅରୁଣି ଦିହୁଡି, ବିଦ୍ୟୁତ ମହାନ୍ତି, ସମୀତ ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

# ବ୍ୟାଙ୍କ ଖାତାରେ ଆଉ ରହିବନି ମିନିମମ୍ ବାଲାନ୍ସ

**ଭୁବନେଶ୍ୱର, ୫।୭ (ସଂଚାର ବ୍ୟୁରୋ) :** ବ୍ୟାଙ୍କ ଖାତାଧାରୀଙ୍କ ପାଇଁ ବଡ ଖବର । ଯଦି ଆପଣଙ୍କର ବି ବ୍ୟାଙ୍କରେ ଆକାଉଣ୍ଟ ଅଛି ତେବେ ଏହି ଖବରକୁ ଆପଣ କିଛି ସମୟ ପାଇଁ ଦେଖନ୍ତୁ । ନଚେତ ହୁଏତ ଆପଣ ଏ ସୂଚନା ପାଇବାରୁ ବଞ୍ଚିତ ହୋଇପାରନ୍ତି । ହଁ ଆଜ୍ଞା ବ୍ୟାଙ୍କ ଏବେ ନିଜ ଗ୍ରାହକଙ୍କୁ ଆଶ୍ୱସ୍ତ କରାଇଛି । ଏବେ ଆପଣଙ୍କୁ ଆଉ ନିଜ ଖାତାରେ ମିନିମମ୍ ବାଲାନ୍ସ ରଖିବାକୁ ପଡିବନି। ଏମିତିକି ଏଥିପାଇଁ ଆପଣଙ୍କୁ ଆଉ ଜରିମାନା ବି ଦେବାକୁ ପଡିବନି । ଆଭରେଜ୍ ମନ୍ଥଲୀ ବାଲାନ୍ସ ସେହି ମିନିମମ୍ ବାଲାନ୍ସ ଯାହାକୁ ଗ୍ରାହକଙ୍କୁ ନିଜ ବାଙ୍କ ଖାତାରେ ରଖିବା ଜରୁରୀ। ଯଦି ବାଙ୍କ ଖାତାରେ ମିନିମମ୍ ବାଲାନ୍ସ ଠାରୁ କମ୍ ରାଶି ରହିଥାଏ ତାହେଲେ ବାଙ୍କ ଆଭରେଜ୍ ମନ୍ଥଲୀ ବାଲାନ୍ସ ରଖିବା କାରଣରୁ ଜରିମାନା ଲଗାଇଥାଏ। ସେଭିଙ୍ଗ୍ ଆକାଉଣ୍ଟ ଆଧାରରେ ଜରିମାନା ବି ଅଲଗା ଅଲଗା ରହିଥାଏ। କିନ୍ତୁ ଏବେ ଦେଶର ଅନେକ ପ୍ରମୁଖ ବାଙ୍କ ତାର ଖାତାଧାରୀଙ୍କୁ ଆଶ୍ୱସ୍ତ ଦେଇ ନିଜର ମିନିମମ୍ ବାଲାନ୍ସ ପ୍ରକ୍ରିୟାକୁ ବାଧ୍ୟତାମୂଳକରୁ ହଟାଇଦେବାର ଘୋଷଣା କରିଛି । ସେହି ୪ ବ୍ୟାଙ୍କ ମଧ୍ୟରେ ପ୍ରଥମଟି ହେଉଛି ଇଣ୍ଡିଆନ ବାଙ୍କ୍ । ଇଣ୍ଡିଆନ୍ ବାଙ୍କ ନିକଟରେ ଘୋଷଣା କରିଛି ଯେ ୭ ଜୁଲାଇ, ୨୦୨୫ ଠାରୁ ତାର ସମସ୍ତ ଆକାଉଣ୍ଟରୁ ମିନିମମ୍ ବାଲାନ୍ସର ସର୍ତ୍ତକୁ ପୁରାପୁରୀ ଭାବେ ହଟାଇଦେବ। ଭାରତୀୟ ଷ୍ଟେଟବାଙ୍କ ପୂର୍ବରୁ ହିଁ ୨୦୨୦ ମସିହାରେ ନିଜର ସମସ୍ତ ସେଭିଙ୍ଗ ଆକାଉଣ୍ଟରୁ ମିନିମମ୍ ବାଲାନ୍ସର ଆବଶକତାକୁ ହଟାଇ ଦେଇଥିଲା। ଏହି ନୀତି ଅନୁଯାୟୀ ଗ୍ରାହକଙ୍କୁ ଏବେ ବାଲାନ୍ସ କମ୍ ହେବା ପରେ ମଧ୍ୟ ଜରିମାନା ଦେବାକୁ ପଡିବନି। କାନାରା ବାଙ୍କ ମଧ୍ୟ ୨୦୨୫ରେ ନିଜର ସମସ୍ତ ପ୍ରକାରର ସେଭିଙ୍ଗ ଆକାଉଣ୍ଟରେ ଆଭରେଜ୍ ମନ୍ଥଲୀ ବାଲାନ୍ସର ସର୍ତ୍ତକୁ ହଟାଇବାକୁ ଘୋଷଣା କରିଛି। ପଞ୍ଜାବ ନାସନାଲ ବାଙ୍କ ମଧ୍ୟ ତାର ସମସ୍ତ ସେଭିଙ୍ଗ ଆକାଉଣ୍ଟରୁ ଆଭରେଜ୍ ମନ୍ଥଲୀ ବାଲାନ୍ସର ସର୍ତ୍ତକୁ ହଟାଇଦେବାର ନିଷ୍ପତ୍ତି ନେଇଛି । ପୂର୍ବରୁ ପିଏନବି ମିନିମମ୍ ବାଲାନ୍ସ କମ୍ ରହିଲେ ଜରିମାନା ଲଗାଉଥିଲା । କିନ୍ତୁ ବର୍ତ୍ତମାନର ନିଷ୍ପତ୍ତି ପରେ ବ୍ୟାଙ୍କର ଗ୍ରାହକଙ୍କୁ ଆର୍ଥିକ ଭାବେ ଆଶ୍ୱସ୍ତ ନିହାତି ମିଳିବ ।

# ହସପିଟାଲରୁ ଡିସଚାର୍ଜ ହେଲେ ନବୀନ



**ଭୁବନେଶ୍ୱର, ୫।୭ (ସଂଚାର ବ୍ୟୁରୋ) :** ସର୍ଭାଇକଲ ଆର୍ଥ୍ରାଇଟିସ ସର୍ଜରୀ ପରେ ସଂପୂର୍ଣ୍ଣ ସୁସ୍ଥ ହୋଇ ହସପିଟାଲରୁ ଡିସଚାର୍ଜ ହେଲେ ନବୀନ ପଟ୍ଟନାୟକ । ସୁସ୍ଥ ହେବା ସହ ସ୍ୱାଭାବିକ ଚଲାବୁଲା କରୁଥିବାରୁ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଡିସଚାର୍ଜ କରାଯାଇଛି। ଜୁନ ୨୨ରେ ମୁମ୍ବାଇର କୋକିଳାବେନ ଧୀରୁବାଇ ଅମ୍ବାନୀ ହସପିଟାଲରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ଏବେ ନିୟମିତ ଫିଜିଓଥେରାପି କରିବାକୁ ପଡ଼ିବ। ଡିସଚାର୍ଜ ପରେ ନିୟମିତ ଫିଜିଓଥେରାପି କରିବାକୁ ପଡ଼ିବ ବୋଲି ପୂର୍ବରୁ କହିଥିଲେ ଡାକ୍ତର ରମାକାନ୍ତ ପଣ୍ଡା। ସର୍ଭାଇକାଲ ଆର୍ଥ୍ରାଇଟିସ ସର୍ଜରୀ ପାଇଁ ଜୁନ ୨୦ରେ ମୁମ୍ବାଇ ଗସ୍ତ କରିଥିଲେ ନବୀନ। ନବୀନଙ୍କ ଅପରେସନ ପାଇଁ ରାଜ୍ୟବ୍ୟାପୀ ଲୋକମାନେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ବିଭିନ୍ନ ମନ୍ଦିର ଓ ଦେବାଳୟରେ ହୋଇଥିଲା ପୂଜାର୍ଚ୍ଚନା ଓ ଦୀପଦାନ। ୨୨ ତାରିଖରେ ହୋଇଥିଲା ଅପରେସନ। ସର୍ଜରୀ କରିଥିଲେ ପ୍ରସିଦ୍ଧ ସ୍ପାଇନ ସର୍ଜନ ଡାକ୍ତର ରାଜଶେଖର ଓ ଟିମ। ମୋଟ ୪ ଘଣ୍ଟାର ଅପରେସନ ଥିଲା । ମୁଖ୍ୟ ଅପରେସନ ୨ ଘଣ୍ଟାରୁ କମ୍ ଥିଲା। ଅପରେସନ ସଫଳ ହୋଇଥିବା କହିଥିଲେ ଡାକ୍ତର। ପରେ ସେ ଦ୍ରୁତ ଆରୋଗ୍ୟ ଲାଭ କରୁଥିବା ନବୀନଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକ ମଧ୍ୟ କହିଥିଲେ। ଜୁନ ୨୫ରେ ଆଇସିୟୁରୁ ରୁମକୁ ସିଫଟ ହୋଇଥିଲେ ନବୀନ।

# ଜୁଲାଇ ୭ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୫।୭ (ସଂଚାର ବ୍ୟୁରୋ) :** ଆସନ୍ତା ଜୁଲାଇ ୭ ତାରିଖ ସୋମବାର ଅନୁଷ୍ଠିତ ହେବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ । ଗତ ୩୦.୦୬.୨୦୨୫ ରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ । ସେମାନେ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ଜୁନ୍ ୩୦ ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ଆବେଦନ ପତ୍ର ସହ ନିର୍ଦ୍ଧାରିତ ୟୁନିଟ୍-୨, ଅଶୋକନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ( କ୍ୟାପିଟାଲ ନର୍ସରୀ) ଠାରେ ଜନ ଶୁଣାଣି ପାଇଁ ଉପସ୍ଥିତ ରହିବେ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ।

# ଆସୁଛି ଆଉ ଏକ ଲଘୁଚାପ, ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା



**ଭୁବନେଶ୍ୱର, ୫।୭ (ସଂଚାର ବ୍ୟୁରୋ) :** ଗାଙ୍ଗେଟିକ ପଶ୍ଚିମବଙ୍ଗ ଓ ଏହାର ଆଖପାଖ ଉତ୍ତରାଞ୍ଚଳରେ ଏକ ଉପର ବାୟୁ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଯାହାକି ବର୍ତ୍ତମାନ ସମୁଦ୍ର ପତ୍ତନଠାରୁ ୭.୬ କିମି ଉଚ୍ଚତାରେ ଦକ୍ଷିଣ-ପଶ୍ଚିମ ଆଡ଼କୁ ଗତି କରୁଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଓଡ଼ିଶାର ଅଧିକାଂଶ ସ୍ଥାନର ବର୍ଷା ରହିବ । ସେହିପରି କିଛି କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆଗାମୀ ୨୪ଘଣ୍ଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲ୍ଲାକୁ ପାଣିପାଗ ବିଭାଗ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି । ସେହିପରି ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, ବରଗଡ଼, ସୋନପୁର, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ ଓ ମୟୂରଭଞ୍ଜ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେପଟେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୱାର୍ଣ୍ଣିଂ ଜାରି ହୋଇଥିବା ସମସ୍ତ ଜିଲ୍ଲାରେ ପବନର ଘଣ୍ଟାପ୍ରତି ବେଗ ୩୦-୪୦ କିମି ରହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ରବିବାର ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ୨ ଜିଲ୍ଲା ମୟୂରଭଞ୍ଜ ଓ କେନ୍ଦୁଝରକୁ ଅରେଞ୍ଜ ୱାର୍ଣ୍ଣିଂ ଭିତରେ ରଖାଯାଇଛି।

# ଓଏଏସ୍ ଅଫିସର ବିଭାଗୀୟ ପରୀକ୍ଷା ସ୍ଥଗିତ

**ଭୁବନେଶ୍ୱର,୫।୭:** ଭୁବନେଶ୍ୱର ମହାନଗର ନିଗମ ଦପ୍ତର ଭିତରେ ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ ଓଏଏସ୍ ସଂଘ ଯେଉଁ ସମୟରେ ଆନ୍ଦୋଳନ ଡାକରା ଦେଇଥିଲା ସେଥିରେ ଓଡ଼ିଶା ସରକାର ଏକ ପ୍ରକାର ସାମିଲ ହୋଇଥିଲେ ବୋଲି ଏବେ ଗୁରୁତର ଅଭିଯୋଗ ହେଉଛି। ନବନିଯୁକ୍ତ ଓଏଏସ୍ ଅଫିସରମାନଙ୍କ ତାଲିମ ପରେ ଲିଖିତ ପରୀକ୍ଷା ସରିଥିବା ବେଳେ ମୌଖିକ ପରୀକ୍ଷା ଚଳିତ ମାସ ୨ରୁ ୪ ତାରିଖ ପର୍ଯ୍ୟନ୍ତ ରହିଥିଲା । ଏଥିଲାଗି ନବନିଯୁକ୍ତ ଓଏଏସ୍ ଅଫିସରମାନେ ପ୍ରସ୍ତୁତ ଥିବାବେଳେ ଆନ୍ଦୋଳନର ଆଳ ଦେଖାଇ ସରକାରଙ୍କ ପକ୍ଷରୁ କିନ୍ତୁ ମୌଖିକ ପରୀକ୍ଷାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଏଥିରୁ ରାଜ୍ୟ ସରକାର ପରୋକ୍ଷ ଭାବେ ଆନ୍ଦୋଳନକୁ ସମର୍ଥନ ଦେଇଥିବା ଘେନି ବହୁ ବରିଷ୍ଠ ଅଧିକାରୀ କ୍ଷୋଭର ସହ କହୁଛନ୍ତି ।

ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ଓଏଏସ୍ ପ୍ରତ୍ୟକ୍ଷ ନିଯୁକ୍ତି ଲାଗି ପ୍ରାର୍ଥୀ ଚୟନ କରାଯାଇଥାଏ। ଯୋଗ୍ୟତା ତାଲିକା ଆଧାରରେ ଏହି ପ୍ରାର୍ଥୀମାନଙ୍କ ମଧ୍ୟରୁ ଓଡ଼ିଶା ଅର୍ଥ ସେବା, ଜଙ୍ଗଲ ସେବା, ରାଜସ୍ୱ ସେବା, ଆକାଉଣ୍ଟସ୍ ସେବା ଆଦି ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଥାଏ। ସାଧାରଣ ପ୍ରଶାସନ ବିଭାଗର ଅନୁମୋଦନ କ୍ରମେ ରାଜସ୍ୱ ବିଭାଗ ପ୍ରଥମ ଶ୍ରେଣୀ ପାହ୍ୟାର ଏହି କନିଷ୍ଠ ବର୍ଗର ଓଏଏସମାନଙ୍କୁ ବିଭିନ୍ନ ଜିଲ୍ଲାରେ ତାଲିମ ଅଧିକାରୀ ଭାବେ ନିଯୁକ୍ତି ଦେଇଥାନ୍ତି । ଜିଲ୍ଲାର ବିଭିନ୍ନ ଦପ୍ତରରେ ଏମାନେ କାମ କରି ବିଭିନ୍ନ ବିଭାଗର ସରକାରୀ କାର୍ଯ୍ୟ ସହିତ ଜଡ଼ିତ ହୁଅନ୍ତି। ଏହାଛଡ଼ା ରାଜସ୍ୱ ଅଧିକାରୀ ତାଲିମ ସଂସ୍ଥାନ (ରୋଟି) ଓ ଗୋପବନ୍ଧୁ ପ୍ରଶାସନ ତାଲିମ ସଂସ୍ଥାନରେ ମଧ୍ୟ ଏମାନଙ୍କୁ ବିଷୟ ବିଶେଷଜ୍ଞମାନେ ତାଲିମ ଦେଇଥାନ୍ତି। ଏହାଛଡ଼ା ଏହି ବର୍ଷିକିଆ ତାଲିମ କାଳ ମଧ୍ୟରେ ଏହି ଅଧିକାରୀମାନେ ରାଜ୍ୟ ଭିତରର ଓ ବାହାରର ବିଭିନ୍ନ ସଂସ୍ଥାକୁ ପରିଦର୍ଶନରେ ଯାଇ ସେଠାରୁ ଜ୍ଞାନ ଆହରଣ କରନ୍ତି ।

ଏହି ତାଲିମ ଅଧିକାରୀମାନଙ୍କୁ ରାଜ୍ୟ ସରକାରଙ୍କ ନିୟମାନୁଯାୟୀ ବିଭିନ୍ନ ବିଷୟରେ ପ୍ରଥମେ ଲିଖିତ ପରୀକ୍ଷା କରାଯାଏ ଏବଂ ପରେ ପରେ ସେମାନଙ୍କର ମୌଖିକ ପରୀକ୍ଷା ବିଷୟ ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଇଥାଏ। ଏମାନଙ୍କର ଲିଖିତ ପରୀକ୍ଷା ଗତ ଜୁନ୍ ମାସରେ ସରିବା ପରେ ଚଳିତ ଜୁଲାଇ ୨ରୁ ୪ ତାରିଖ ପର୍ଯ୍ୟନ୍ତ କଟକରେ ମୌଖିକ ପରୀକ୍ଷା ହେବ ବୋଲି ସଂପୃକ୍ତ ଅଧିକାରୀମାନଙ୍କୁ ଜଣାଇ ଦିଆଯିବା ସହ ସେମାନଙ୍କୁ ପରିଚୟ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା । ଏଥିଲାଗି ଏମାନେ ମଧ୍ୟ ପୂରା ପ୍ରସ୍ତୁତି ଚଳାଇଥିଲେ। ଏହି ତାଲିମପ୍ରାପ୍ତ ଅଧିକାରୀମାନେ ଆନ୍ଦୋଳନରେ ସାମିଲ ନଥିଲେ । ଏମିତିକି ବନ୍ୟାଞ୍ଚଳରେ ଓ ରଥଯାତ୍ରାରେ ବହୁ ସଂଖ୍ୟକ ତାଲିମ ଅଧିକାରୀ ମଧ୍ୟ ସରକାରୀ ଡ୍ୟୁଟିରେ ଥିଲେ । ତେବେ ହଠାତ୍ ସେମାନେଙ୍କୁ ଜଣାଇ ଦିଆଗଲା ଯେ ଓଏଏସ୍ ସଂଘର ଆନ୍ଦୋଳନ ଭିତ୍ତିଭୂମିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୌଖିକ ପରୀକ୍ଷା ସ୍ଥଗିତ ରଖାଗଲା ବୋଲି ।

ଏଠାରେ ଉଲ୍ଲେଖନୀୟ ଯେ ତାଲିମ ପରେ ଲିଖିତ ଓ ମୌଖିକ ପରୀକ୍ଷାରେ ଯେଉଁ ତାଲିମ ଅଧିକାରୀମାନେ ସଫଳତା ହାସଲ କରନ୍ତି ସେମାନଙ୍କୁ ଓଏଏସ୍ ଚାକିରିରେ ସ୍ଥାୟୀ କରାଯାଇଥାଏ । ତେଣୁ ଏହି ପରୀକ୍ଷାକୁ ସରକାର ମଧ୍ୟ ଗୁରୁତ୍ୱର ସହ ନେଇଥାନ୍ତି । ପରୀକ୍ଷକ ଓ ପରୀକ୍ଷାର୍ଥୀ ପ୍ରସ୍ତୁତ ଥିବାବେଳେ କାହିଁକି ଯେ ଏହି ପରୀକ୍ଷା ସ୍ଥଗିତ ରଖାଗଲା ସେଥିଘେନି ଏବେ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ କହୁଛନ୍ତି ଯେ ସ୍ଥଗିତ ଥିବା ମୌଖିକ ପରୀକ୍ଷା ଖୁବ୍‌ଶୀଘ୍ର କରାଯିବ ଏବଂ ଏଥିଲାଗି ଠିକଣା ସମୟରେ ବିଜ୍ଞପ୍ତି ଜାରି ହେବ । (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar

ସମ୍ପାଦକ: ହିମାଂଶୁ ଭୂଷଣ କର




# ଅବଧି ଆଗରୁ ଲୋନ୍ ସୁଝିଲେ ଲାଗିବନି ଚାର୍ଜ

## ଋଣ ଗ୍ରହୀତାଙ୍କ ଲାଗି ଆର୍‌ବିଆଇର ଘୋଷଣା

## ଜାନୁଆରି ୧ରୁ ନୂଆ ନିୟମ



**ନୂଆଦିଲ୍ଲୀ, ୫।୭:** ଋଣ ଗ୍ରହୀତାଙ୍କ ଲାଗି ଆଶ୍ୱସ୍ତି ପ୍ରଦାନ କରିଛି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)। ଏଣିକି ନିର୍ଦ୍ଦିଷ୍ଟ ଅବଧି ଆଗରୁ ଯଦି କୌଣସି ବ୍ୟକ୍ତି ବିଶେଷ ଋଣ ସୁଝନ୍ତି ତେବେ ତାଙ୍କ ଉପରେ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନ ଚାର୍ଜ ଲଗାଇବେ ନାହିଁ। ଫ୍ଲୋଟିଂ ସୁଧହାର ଭିତ୍ତିକ ଋଣ ଉପରେ ଲାଗୁଥିବା ଆଗୁଆ ଋଣ ସୁଝିବା (ପ୍ରିପେମେଣ୍ଟ)ଚାର୍ଜକୁ ବାଦ ଦେବାକୁ କେନ୍ଦ୍ରିୟ ବ୍ୟାଙ୍କ ନିଷ୍ପତ୍ତି ନେଇଛି। ନୂଆ ନିୟମ ୨୦୨୬ ଜାନୁଆରି ପହିଲାରୁ କାର୍ଯ୍ୟକାରୀ ହେବ। ୨୦୨୬ ଜାନୁଆରି ୧ କିମ୍ବା ଏହା ପରେ ମଞ୍ଜୁର ବା ନବୀକରଣ ହୋଇଥିବା ଋଣ ଲାଗି ଏହି ନିୟମ ଲାଗୁ ହେବ। ବ୍ୟକ୍ତି ବିଶେଷ ସମୟ ଆଗରୁ ନିଜ ଋଣକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ସୁଝିବା ଉପରେ ବ୍ୟାଙ୍କ ଚାର୍ଜ ଲଗାଉଛନ୍ତି। ନୂଆ ନିୟମ ସମସ୍ତ ବ୍ୟାଙ୍କ ଏବଂ ଅଣବ୍ୟାଙ୍କ ବିତ୍ତ ପ୍ରତିଷ୍ଠାନ (ଏନ୍‌ବିଏଫ୍‌ସି) ସମେତ ଆର୍‌ବିଆଇ ନିୟନ୍ତ୍ରଣାଧୀନ ସଂସ୍ଥା ଲାଗି କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ବାସଗୃହ, ଏମ୍‌ଏସ୍‌ଏମ୍‌ଇ ଋଣ ନେଇଥିବା କୋଟି କୋଟି ଗ୍ରାହକଙ୍କୁ ଆଶ୍ୱସ୍ତି ମିଳିବ। ଅଣବାଣିଜ୍ୟିକ କାର୍ଯ୍ୟ ଲାଗି ଫ୍ଲୋଟିଂ ରେଟ୍‌ରେ ଜଣେ ବ୍ୟକ୍ତି କିମ୍ବା ଏକାଧିକ ବ୍ୟକ୍ତି ବିଶେଷଙ୍କ ନାମରେ ଋଣ ନେଇଥିଲେ ବି ନୂଆ ନିୟମର ଲାଭ ମିଳିବ। ଏଭଳି ଋଣ କ୍ଷେତ୍ରରେ କୌଣସି ବ୍ୟାଙ୍କିଂ କିମ୍ବା ଏନ୍‌ବିଏଫ୍‌ସି ପ୍ରି ପେମେଣ୍ଟ ଫିସ୍ ଲାଗୁ କରିପାରିବେ ନାହିଁ। ସେହିଭଳି ବାଣିଜ୍ୟିକ କିମ୍ବା ଏମ୍‌ଏସ୍‌ଏମ୍‌ଇ ଋଣ ନେଇଥିଲେ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ପ୍ରିମେଣ୍ଟ ଚାର୍ଜ ଲଗାଇବେ ନାହିଁ। ତେବେ ଏହି ନିୟମ କ୍ଷୁଦ୍ର ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ଲୋକାଲ ଏରିଆ ବ୍ୟାଙ୍କ, ଟିୟର ୪ ଅର୍ବାନ କୋଅପରେଟିଭ ବ୍ୟାଙ୍କ, ଏନ୍‌ବିଏଫ୍‌ସି ଅପ୍‌ର ଲେୟାର, ଅଲ୍ ଇଣ୍ଡିଆ ଫାଇନାନ୍ସିଆଲ ଇନଷ୍ଟିଚ୍ୟୁସନ ଲାଗି କାର୍ଯ୍ୟକାରୀ ହେବନି। କୌଣସି ବ୍ୟକ୍ତି ଏମ୍‌ଏସ୍‌ଏମ୍‌ଇ ବର୍ଗରେ ୫୦ ଲକ୍ଷ ଟଙ୍କାର ଋଣ ନେଇଥିଲେ ତାଙ୍କ ଉପରେ ପ୍ରିପେମେଣ୍ଟ ଚାର୍ଜ ଲାକୁ ହେବନି। ଏଥିରେ ଟିୟର ୩ ଅର୍ବାନ କୋଅପରେଟିଭ ବ୍ୟାଙ୍କ, ରାଜ୍ୟ ଏବଂ କେନ୍ଦ୍ର କୋଅପରେଟିଭ ବ୍ୟାଙ୍କ, ଏନ୍‌ବିଏଫ୍‌ସି ଅପରଲେୟର ସାମିଲ ରହିଛି। ପ୍ରିପେମେଣ୍ଟ ଚାର୍ଜକୁ ନେଇ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନ ଗୁଡ଼ିକ ଭିନ୍ନ ଭିନ୍ନ ନୀତି ଆପଣାଉଥିବାରୁ ଏହାକୁ ନେଇ ଆର୍‌ବିଆଇ ଚିନ୍ତା ପ୍ରକଟ କରିଛି। ଋଣ ସମ୍ପୂର୍ଣ୍ଣ ହେଉକି ଆଂଶିକ ଏବେ କୌଣସି ଚାର୍ଜ ପ୍ରିପେମେଣ୍ଟ ଚାର୍ଜ ଲାଗୁ ହେବନି। ଏଥିରେ କୌଣସି ଲକ୍ ଇନ୍ ପିରିୟଡ ଅନିବାର୍ଯ୍ୟ ନୁହେଁ ବୋଲି କହିଛି ଆର୍‌ବିଆଇ।

# ବିଶ୍ୱସ୍ତରୀୟ ଉପସ୍ଥିତିକୁ ସୁଦୃଢ଼ କରିବ 'ସେଲ୍'

## ଦୁବାଇରେ ଖୋଲିଲା କାର୍ଯ୍ୟାଳୟ

ରାଉରକେଲା, ୫।୭: ବାର୍ଷିକ ୨୦ ନିୟୁତ ଟନ୍‌ରୁ ଅଧିକ ଅଶୋଧିତ ଇସ୍ପାତ କ୍ଷମତା ବହନକାରୀ ଭାରତର ସର୍ବବୃହତ ଇସ୍ପାତ ଉତ୍ପାଦନକାରୀ ସଂସ୍ଥା ଭାରତୀୟ ଇସ୍ପାତ ପ୍ରାଧିକରଣ (ସେଲ୍) ନିଜର ବିଶ୍ୱସ୍ତରୀୟ ଉପସ୍ଥିତିକୁ ସୁଦୃଢ଼ କରିବାକୁ ଦୁବାଇରେ ପ୍ରତିନିଧି କାର୍ଯ୍ୟାଳୟ ଖୋଲିଛି। କେନ୍ଦ୍ର ଇସ୍ପାତ ଏବଂ ଭାରୀ ଶିଳ୍ପ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ବୋଧନରେ ମନ୍ତ୍ରୀ କହିଲେ, ଏହି କାର୍ଯ୍ୟାଳୟ ସେଲ୍‌କୁ ଇସ୍ପାତ ରପ୍ତାନି ବୃଦ୍ଧି, ଶିଳ୍ପ ସଂଯୋଗକୁ ବ୍ୟାପକ ଓ ଭାରତ-ୟୁଏଇ ବାଣିଜ୍ୟ ସମ୍ପର୍କକୁ ସୁଦୃଢ଼ କରିବ। ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକା (ଏମ୍‌ଇଏନ୍‌ଏ) କ୍ଷେତ୍ରର ପ୍ରବେଶ ଦ୍ୱାର ଭାବେ ଦୁବାଇର ଭୂମିକା ଓ ନିବେଶକ-ଅନୁକୂଳ ପରିବେଶ ଏହାକୁ ଉଦୀୟମାନ ବଜାରରେ ବିସ୍ତାର ପାଇଁ ପଥ ପ୍ରଦର୍ଶନ ହେବ। ଏହି ପଦକ୍ଷେପ ୨୦୩୦ ସୁଦ୍ଧା ୩ ଶହ ନିୟୁତ ଟନ୍ ଜାତୀୟ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ଏହା ହେଉଛି ସେଲ୍‌ର ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଇସ୍ପାତ ନିର୍ମାତା ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟବୋଲି କହିଥିଲେ। ଉଦ୍‌ଘାଟନବେଳେ ଦୁବାଇରେ ଭାରତର କନସୁଲ ଜେନେରାଲ ସତୀଶ କୁମାର ସିବନ, ସେଲ୍ ସିଏମ୍‌ଡି ଅମରେନ୍ଦୁ ପ୍ରକାଶ, ଏନ୍‌ଏମ୍‌ଡିସି ସିଏମ୍‌ଡି ଅମିତାଭ ମୁଖାର୍ଜୀ, ଇସ୍ପାତ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭି.କେ. ତ୍ରିପାଠି ପ୍ରମୁଖ ଉପସ୍ଥିତଥିଲେ।



# ହାଇଦ୍ରାବାଦରେ 'ମାଲାବାର'ର ଗହଣା କାରଖାନା

**ମୁମ୍ବାଇ, ୫।୭:** ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସ ପକ୍ଷରୁ ତେଲେଙ୍ଗାନାର ହାଇଦ୍ରାବାଦରେ ଏହାର ସର୍ବବୃହତ୍ ଗହଣା ଉତ୍ପାଦନ କାରଖାନା ଆରାମ୍ଭ କରାଯାଇଛି। ରଙ୍ଗା ରେଡ୍ଡି ଜିଲ୍ଲାର ମହେଶ୍ୱରମ୍‌ର ଜେନେରାଲ୍ ପାର୍କରେ ୩.୪୫ ଲକ୍ଷ ବର୍ଗଫୁଟ୍ ସ୍ତାନ ଏହାକୁ ସ୍ଥାପନ କରାଯାଇଛି। ଏହା ହେଉଛି କମ୍ପାନିର ୧୪ଟି କାରଖାନା ମଧ୍ୟରେ ସର୍ବବୃହତ୍। ସେଥିରେ ଡିଜାଇନ୍‌ଠାରୁ ଆରମ୍ଭ କରି ରିଫାଇନିଂ, ଉତ୍ପାଦନ, ଗୁଣାତ୍ମକ ମାନ ପରୀକ୍ଷା, ହଲମାର୍କିଂ, ଗୋଦାମ ଓ ଯୋଗାଣ ଶୃଙ୍ଖଳା ପରିଚାଳନା ବ୍ୟବସ୍ଥା ରହିଛି। ଏହାର ବାର୍ଷିକ କ୍ଷମତା ହେଉଛି ୪.୭ ଟନ୍‌ରୁ ଅଧିକ ସୁନା, ୧.୮ ଲକ୍ଷ କ୍ୟାରେଟ୍ ହୀରା ଗହଣା ଓ ୭୮ ଟନ୍‌ର ସୁନା ରିଫାଇନିଂ କ୍ଷମତା। କାରଖାନା ଉଦ୍‌ଘାଟନ ଅବସରରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡି, ମାଲାବାର ଗ୍ରୁପ୍ ଅଧ୍ୟକ୍ଷ ଏମ୍ ପି ଅହମ୍ମଦ, ଉପାଧ୍ୟକ୍ଷ ଅବଦୁଲ ସଲାମ, ପରିଚାଳନା ନିର୍ଦ୍ଦେଶକ (ଭାରତ) ଅଶୀର ଓ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିଷାଦ ଏ କେ ଉପସ୍ଥିତ ଥିଲେ।



# ଇଏଲ୍‌ଆଇ ସ୍କିମ୍‌ରୁ ଉପକୃତ ହେବେ ୩.୫ କୋଟି

**ଭୁବନେଶ୍ୱର, ୫।୭(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାର ଘୋଷଣା କରିଥିବା ନିଯୁକ୍ତି ସଂଯୁକ୍ତ ପ୍ରୋତ୍ସାହନ ବା ଇଏଲ୍‌ଆଇ ସ୍କିମ୍‌ରୁ କର୍ମଚାରୀ ଓ ନିଯୁକ୍ତିଦାତାମାନେ ଉପକୃତ ହେବ। ଏହି ସ୍କିମ୍‌ରେ କର୍ମଚାରୀ ଓ ନିଯୁକ୍ତିଦାତାଙ୍କ ପାଇଁ ଦୁଇଟି ପୃଥକ ପୃଥକ ଭାଗ ରହିଛି। କର୍ମଚାରୀ ବର୍ଗରେ ପ୍ରଥମ ଥର ଚାକିରିରେ ଯୋଗ ଦେଉଥିବା କର୍ମଚାରୀମାନଙ୍କୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଗୋଟିଏ ମାସର ଇପିଏଫ୍ ମଜୁରି ପ୍ରଦାନ କରାଯିବ ବୋଲି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଭୁବନେଶ୍ୱର କାର୍ଯ୍ୟାଳୟର କେନ୍ଦ୍ରୀୟ ଭବିଷ୍ୟନିଧି କମିସନର ଉମା ମଣ୍ଡଳ କହିଛନ୍ତି। ଚଳିତ ବର୍ଷ ଅଗଷ୍ଟ ୧ରୁ ୨୦୨୭ ଜୁଲାଇ ୩୧ ମଧ୍ୟରେ ଚାକିରି କରିବାକୁ ଥିବା କର୍ମଚାରୀମାନେ ଏହି ସ୍କିମ୍‌ର ଲାଭ ଉଠାଇପାରିବେ। ନିଯୁକ୍ତିଦାତା ବର୍ଗରେ ପ୍ରତି ଅତିରିକ୍ତ କର୍ମଚାରୀ ପାଇଁ ୩୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ମିଳିବ। ଦୁଇ ବର୍ଷ ପାଇଁ କର୍ମଚାରୀଙ୍କୁ ପ୍ରୋତ୍ସାହନ ରାଶି ମିଳିବ। ମାନୁଫାକ୍ଚରିଂ (ବିନିର୍ମାଣ) କ୍ଷେତ୍ର ଲାଗି ଚାରି ବର୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ଦିଆଯିବ। ଇପିଏଫ୍‌ଓରେ ପଞ୍ଜୀକୃତ ଥିବା ୫୦ରୁ କମ୍ କର୍ମଚାରୀ ଥିବା ସଂସ୍ଥା ଅତିରିକ୍ତ ଦୁଇ ଜଣ ଏବଂ ୫୦ରୁ ଅଧିକ କର୍ମଚାରୀ ଥିବା ସଂସ୍ଥା ଅତିରିକ୍ତ ପାଞ୍ଚ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦେଲେ ପ୍ରୋତ୍ସାହନ ରାଶି ପାଇପାରିବେ। ନିଯୁକ୍ତିଦାତା ବର୍ଗରେ ୨.୬୯ ଲକ୍ଷ କର୍ମଚାରୀ ଉପକୃତ ହେବେ। ମୋଟ୍ ଉପରେ ଏହି ସ୍କିମ୍‌ରେ ୩.୫ କୋଟି ନିଯୁକ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଆଞ୍ଚଳିକ ଭବିଷ୍ୟନିଧି କମିସନର-୧ ସୁଶାନ୍ତ ପାଢ଼ୀ, ଭୁବନେଶ୍ୱର ପ୍ରଭାରୀ ରାଜର୍ଷି ଚାକ୍‌ମା, ଆଞ୍ଚଳିକ ଭବିଷ୍ୟନିଧି କମିସନର-୨ ମୌସୁମୀ ଲତା ପାଢ଼ୀ ଓ ଗୌରବ ମହାନ୍ତି ଉପସ୍ଥିତ ଥିଲେ।

## ସୋମବାର ସେୟାର ଉପରେ ରହିବ ନଜର

# ଆରଭିଏନଏଲ କମ୍ପାନୀକୁ ମିଳିଲା ୧୪୩ କୋଟି ଟଙ୍କାର ଅର୍ଡର

**ନୂଆଦିଲ୍ଲୀ,୫।୭:** ରେଲୱେ ସହ ଜଡ଼ିତ କମ୍ପାନୀ-ରେଲ୍ ବିକାଶ ନିଗମ ଲିମିଟେଡ୍ (ଆରଭିଏନଏଲ)ର ସେୟାର ସୋମବାର ଫୋକସରେ ରହିବ। ବାସ୍ତବିକତା ଏହା ଯେ, କମ୍ପାନୀକୁ ବଡ଼ ଅର୍ଡର ମିଳିଛି। ଏହି ଅର୍ଡର ୧୪୩.୩ କୋଟି ଟଙ୍କାର ରହିଛି, ଯାହା ଦକ୍ଷିଣ ମଧ୍ୟ ରେଲୱେରୁ ମିଳିଛି। ୫ ଜୁଲାଇରେ ଷ୍ଟକ୍ ଏକ୍ସଚେଞ୍ଜ ଫାଇଲିଂରେ କମ୍ପାନୀ କହିଛି , ଏହି କଣ୍ଟ୍ରାକ୍ଟ ଦକ୍ଷିଣ ରେଲୱେର ସେଲମ ଡିଭିଜନର ଇଲେକ୍ଟ୍ରିକ୍ ଟ୍ରାକ୍ସନ ସିଷ୍ଟମର ଅପଗ୍ରେଡିଂ ୱାର୍କ ସହ ସମ୍ବନ୍ଧିତ। ଅର୍ଡରର ଡିଟେଲ୍- ଏହି ୱାର୍କ ଅର୍ଡରରେ ସଲେମ୍ ଜଙ୍କସନ - ପୋଦନୁର ଜଙ୍କସନ ଓ ଇରୁଗୁର-କୋୟମ୍ବଟୁର ଜଙ୍କସନ - ପୋଦନୁର ଜଙ୍କସନ ପାଇଁ ଇଲେକ୍ଟ୍ରିକ୍ ଟ୍ରାକ୍ସନ ସିଷ୍ଟମକୁ ୧ ଏକ୍ସ ୨୫ କେଭି ରୁ ୨ ଏକ୍ସ ୨୫ କେଭି ଟ୍ରାକ୍ସନ ସିଷ୍ଟମରେ ଅପଗ୍ରେଡ୍ କରିବା ସାମିଲ ଅଛି। ଏହି ଅନୁସାରେ , ଦକ୍ଷିଣ ରେଲୱେ ୩,୦୦୦ ମେଟ୍ରିକ୍ ଟନ୍ ଲୋଡିଂ ଲକ୍ଷ୍ୟକୁ ପୂରା କରିବାରେ ସକ୍ଷମ ହେବ। ୱାର୍କର ମୂଲ୍ୟ ଟ୍ୟାକ୍ସ ସହ ୧୪୩.୩ କୋଟି ଟଙ୍କା ଅଛି। ଏହାକୁ ୧୪ ମାସ ଭିତରେ ପୂରା କରାଯିବାର ଅଛି। ସେୟାରର ସ୍ଥିତି - ଗତ ଶୁକ୍ରବାରରେ ରେଲୱେର କମ୍ପାନୀ ଆରଭିଏନଏଲର ସେୟାରର କଥା ଯଦି କହିବା ତ ଏହି ସାଧାରଣ ବୃଦ୍ଧି ସହ ୩୯୧.୩୫ ଟଙ୍କାରେ ବନ୍ଦ ହୋଇଥିଲା। ସେୟାର ୫୨ ସପ୍ତାହର ହାଇ ୬୪୭ ଟଙ୍କା। ଜୁଲାଇ ୨୦୨୪ରେ ସେୟାର ଏହି ସ୍ତରକୁ ସ୍ପର୍ଶ କରିଛି। ଅନ୍ୟପଟେ, ସେୟାରରେ ୫୨ ସପ୍ତାହର ଲୋ ୨୧୫.୨୫ ଟଙ୍କା ଅଛି। ଏହି ସେୟାର ମୂଲ୍ୟ ଅପ୍ରେଲ ୨୦୨୫ରେ ଥିଲା। ସେୟାରର ଟାର୍ଗେଟ୍ ପ୍ରାଇସ୍ - ଏଞ୍ଜେଲ ୱାନର ଓଶୋ କୃଷ୍ଣନ ଲକ୍ଷ୍ୟ କରିଛନ୍ତି ଯେ,ସେୟାର ୪୨୦ ଟଙ୍କାର ସ୍ତରର ପାଖରେ କଡ଼ା ପ୍ରତିରୋଧର ସାମ୍ନା କରିବାକୁ ପଡୁଛି। ଆନନ୍ଦ ରାଠୀଙ୍କ ବରିଷ୍ଠ ପ୍ରବନ୍ଧକ-ଟେକ୍ନିକାଲ ଅନୁସନ୍ଧାନ ବିଶ୍ଳେଷକ ଜିଗର ଏସ ପଟେଲ କହିଛନ୍ତି ଯେ, କାଉଣ୍ଟରରେ ସମର୍ଥନ ୩୮୫ ଟଙ୍କା ଓ ପ୍ରତିରୋଧ ୪୦୦ ଟଙ୍କାରେ ହେବ। ପଟେଲ ଏହା ମଧ୍ୟ କହିଛନ୍ତି ଯେ ଆଶା କରାଯାଉ ଥିବା ଟ୍ରେଡିଂ ରେଞ୍ଜ ସର୍ଟ ଟର୍ମରେ ୩୮୦ ଟଙ୍କା ଓ ୪୧୫ ଟଙ୍କା ମଧ୍ୟରେ ହେବ। କମ୍ପାନୀ ବିଷୟରେ - ୨୦୦୫ ମସିହାରେ ଗଠିତ ଆରଭିଏନଏଲ ୧୬,୫୦୦ କିଲୋମିଟରରୁ ଅଧିକ ଦୂରତାକୁ କଭର କରୁଥିବା ୧୫୨ ରୁ ଅଧିକ ରେଲୱେ ପ୍ରକଳ୍ପକୁ ପୂରା କରି ଭାରତୀୟ ରେଲୱେରେ ଇନଫ୍ରାଷ୍ଟ୍ରକଚରର ହ୍ରାସକୁ ପୂରଣ କରବାରେ ପ୍ରମୁଖ ଭୂମିକା ତୁଲାଇଛି। ଆରଭିଏନଏଲ ବର୍ତ୍ତମାନରେ କୋଲକାତା , ଚେନ୍ନାଇ , ମୁମ୍ବାଇ, ପୁନେ , ଇନ୍ଦୋର, ସୁରଟ, ଅହମ୍ମଦାବାଦ ଓ ନାଗପୁର ଭଳି ପ୍ରମୁଖ ସହରରେ ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଛି।




# ଭାରତରେ ପ୍ରଥମ କାରଖାନା ଖୋଲିଲା ଜାପାନର ସେକୋ ଏପସନ୍ କମ୍ପାନୀ




ନୂଆଦିଲ୍ଲୀ, ୫।୭: ଜାପାନର ଫେମସ ଇଲେକ୍ଟ୍ରିକ୍ସ କମ୍ପାନୀ ସେକୋ ଏପସନ୍ କର୍ପୋରେସନ୍ ଭାରତରେ ଏହାର ପ୍ରଥମ ମେନୁଫେକ୍ଚରିଂ ପ୍ଲାଣ୍ଟ ଉଦ୍‌ଘାଟନ କରିଛି। ଏଥିରେ ୨୦୦ ସିଧାସଳଖ ନିଯୁକ୍ତି ସୃଷ୍ଟି ହେବ। ଏପସନର ଭାରତୀୟ ଉତ୍ପାଦକ ସହଯୋଗୀ ରିକୁନ ସହଯୋଗରେ ତାମିଲନାଡୁର ଚେନ୍ନାଇରେ ଇଙ୍କ ଟ୍ୟାଙ୍କ ପ୍ରିଣ୍ଟର କାରଖାନା ସ୍ଥାପନ କରିଛି। କମ୍ପାନୀର ପକ୍ଷରୁ ଜାରି ହୋଇଥିବା ବିବୃତ୍ତି ଅନୁଯାୟୀ, ଅକ୍ଟୋବର ୨୦୨୫ରେ ଏହି କାରଖାନାରେ କାମ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଏନେଇ କମ୍ପାନୀର ଗ୍ଲୋବାଲ୍ ସଭାପତି ଜଙ୍କିଚି ଯୋଶିଦା କହିଛନ୍ତି "ଏହା ଏପସନ୍ ପାଇଁ ଏକ ଐତିହାସିକ ଅବସର। ଭାରତ ଆମର ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି, ଯୁବ ଜନସଂଖ୍ୟା ଏବଂ ଡିଜିଟାଲ୍ ପ୍ରଗତି ସହିତ ନବସୃଜନ ଏବଂ ନେତୃତ୍ୱ ପାଇଁ ପ୍ରଚୁର ସୁଯୋଗ ପ୍ରଦାନ କରେ।" ସେ କହିଛନ୍ତି ଯେ କମ୍ପାନୀ ଭବିଷ୍ୟତରେ କିଛି ପାର୍ଟ୍ସ ଏବଂ ଅନ୍ୟାନ୍ୟ ଉତ୍ପାଦ ଏଠାରେ ତିଆରି କରିପାରେ। ତେବେ ନୂଆ କାରଖାନାରେ ପ୍ରଥମେ ଇପସନର ଇକୋ ଟ୍ୟାଙ୍କ ପ୍ରିଣ୍ଟର ଉତ୍ପାଦନ ଉପରେ ଧ୍ୟାନ ଦିଆଯିବ। ପ୍ରତି ମାସରେ ୨୦,୦୦୦ ୟୁନିଟ୍ ଉତ୍ପାଦନ ଏବଂ ୨୦୦ ସିଧାସଳଖ ନିଯୁକ୍ତି ସୃଷ୍ଟି କରିବା କମ୍ପାନୀର ଲକ୍ଷ୍ୟ ରହିଛି। ଆଗକୁ ଦୃଷ୍ଟି ରଖି, ଇପସନ ଭାରତରେ ନିଜର ସ୍ଥିତି ମଜଭୁତ କରି ବିଶ୍ୱ ବଜାର ପ୍ରଭାବ ବଢ଼ାଇବାକୁ ଚିନ୍ତା କରୁଛି। ଏପସନ୍ ଇଣ୍ଡିଆ ଆର୍ଥିକ ବର୍ଷ ୨୫ରେ ୨,୫୦୦ କୋଟିରୁ ଅଧିକ କାରବାର ରେକର୍ଡ କରିଛି। ଚଳିତ ଆର୍ଥିକ ବର୍ଷ ପାଇଁ ୨,୯୦୦ କୋଟିରୁ ଅଧିକ କାରବାର ଆକଳନ କରୁଛି।

# 'ଆଇଜି ଡ୍ରୋନ୍‌ସ'କୁ ପ୍ରତିରକ୍ଷା ଡ୍ରୋନ୍ ସିମୁଲେଟର ପେଟେଣ୍ଟ୍

ନୂଆଦିଲ୍ଲୀ, ୫।୭: ଓଡ଼ିଶାର ଷ୍ଟାର୍ଟଅପ୍ ସଂସ୍ଥା ଆଇଜି ଡ୍ରୋନ୍‌ସ ଭାରତର ପ୍ରଥମ ସ୍ୱଦେଶୀ ପ୍ରତିରକ୍ଷା ଡ୍ରୋନ୍ ସିମୁଲେଟର୍ ପାଇଁ ପେଟେଣ୍ଟ ହାସଲ କରିଛି। ପ୍ରତିରକ୍ଷା ଏକ୍ସପୋ ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସିମୁଲେଟରକୁ ଉନ୍ମୋଚନ କରିଥିଲେ। ତାହାକୁ ସମ୍ପୂର୍ଣ୍ଣ ରୂପେ ଭାରତରେ ବିକାଶ କରାଯାଇଛି। ଏହା ଦେଶର ସ୍ଥଳ, ବାୟୁ ଓ ନୌସେନାର ପ୍ରତିରକ୍ଷା ଅଭିଯାନରେ ସହାୟକ ହୋଇପାରିବ ଏବଂ ପାରାମିଲିଟାରି ବଳ ତାହାକୁ ବ୍ୟବହାର କରିପାରିବେ। ଏଥିରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପ୍ରଯୁକ୍ତି, ଫିଜିକ୍ସ ଇଞ୍ଜିନ ବ୍ୟବହାର କରାଯାଇଛି। ଏହାର କୌଣସି ଉପାଦାନ ଆମଦାନି କରିବାକୁ ପଡୁନାହିଁ।



## ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୮୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ,୬୦୦ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୮୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୮୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ହଜାର ୬୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୯୮୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୭୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮,୮୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦ ହଜାର ୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୮୩୦ ଓ ୯୦ ହଜାର ୬୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୦ , ୦୦୦ ଟଙ୍କା ହୋଇଛି।

## ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୧ପଇସା ରହିଛି।

# ଶ୍ରାବଣ ନ ଆସୁଣୁ ଧର୍ମଗଡରେ ପରିବା ଦର ଆକାଶ ଛୁଆଁ

**କଳାହାଣ୍ଡି,୫।୭(ସଂଚାର ବ୍ୟୁରୋ):** ବର୍ଷାଋତୁ ଆରମ୍ଭ କ୍ଷଣି ପନିପରିବା ଦର ଆକାଶ ଛୁଆଁ ହେଲାଣି । ଟମାଟୋ, ବାଇଗଣ କିଲୋ ପ୍ରତି ୫୦ ଟଙ୍କାରୁ କମ୍‌ରେ ମିଳୁନାହିଁ । ୨ମାସ ପୂର୍ବରୁ ଯେଉଁ ଚାଷୀମାନେ ଟମାଟୋ ବିକ୍ରି ହେଉନାହିଁ ବୋଲି ରାସ୍ତାରେ ଗଡ଼ାଇ ଦେଉଥିଲେ, ଏବେ ବଜାରକୁ ଗଲେ ୧୦ ଟଙ୍କା ରେ ମାତ୍ର ୨୦୦ ଗ୍ରାମ୍ ମିଳୁଛି । ରାଜ୍ୟରେ ନିର୍ବାଚନ ପୂର୍ବରୁ ପ୍ରତ୍ୟେକ ପଞ୍ଚାୟତରେ ଶୀତଳଭଣ୍ଡାର କରାଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା । ସେହିପରି ନିର୍ବାଚନ ପରେ ପ୍ରତ୍ୟେକ ଉପଖଣ୍ଡରେ ଶୀତଳଭଣ୍ଡାର ହେବ ବୋଲି ଘୋଷଣା କରିଥିଲା। କିନ୍ତୁ ବର୍ଷକ ମଧ୍ୟରେ ସେ ଦିଗରେ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ।ଧର୍ମଗଡ ଅଞ୍ଚଳ ର ଅଧିକାଂଶ ଚାଷୀ ମୁଖ୍ୟତଃ ଧାନଚାଷ କରୁଥିବା ବେଳେ ଅଳ୍ପସଂଖ୍ୟକ ଚାଷୀ ପନିପରିବା ଚାଷ କରନ୍ତି। କିନ୍ତୁ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଓ ସମସ୍ତ ସରକାରୀ ବ୍ୟବସ୍ଥା ଉପଲବ୍ଧ ଥିବା ସତ୍ତ୍ୱେ ଅଣଋତୁ ପରିବା ଚାଷ ହୋଇପାରୁ ନାହିଁ ଓ ତେଣୁ ବର୍ଷାଋତୁରେ ପରିବା ଅମଳ ହେଉ ନ ଥିବାରୁ ଅଧିକାଂଶ ପନିପରିବା ଦର ଏବେ ଆକାଶ ଛୁଆଁ ହୋଇଯାଇଛି।ଧର୍ମଗଡ ସମେତ ଅଞ୍ଚଳ ର ପ୍ରାୟ ସବୁ ବଜାର ରେ ସବୁ ପରିବାର ମୂଲ୍ୟ କିଲୋ ପ୍ରତି ୫୦ରୁ ୬୦ଟଙ୍କା ରହିଛି। ୫୦୦ ଟଙ୍କାର ବଜାର କଲେ ବଡକଷ୍ଟ ରେ ବ୍ୟାଗ୍ ଭର୍ତ୍ତି ହେଉଛି । କିଲେ ଲେଖାଏଁ କିଣିବାକୁ ଯାଉଥିବା ଗ୍ରାହକ କାନ ମୁଣ୍ଡା ଆଉଁଷି ମାତ୍ର ୨୫୦


ଶହ ଗ୍ରାମ୍ ଲେଖାଏଁ ପରିବା କିଣି ଘରକୁ ଫେରୁଛି। ଶୁକ୍ରବାର ଧର୍ମଗଡ ସାପ୍ତାହିକ ବଜାରରେ ଟମାଟୋ କିଲା ପ୍ରତି ୫୦ରୁ ୬୦ ହୋଇଥିବା ବେଳେ ଫୁଲକୋବି ୬୦ରୁ ୮୦ ଟଙ୍କା ରହିଛି। ସେହିପରି ବନ୍ଧାକୋବି ୪୦ରୁ ୫୦ ଟଙ୍କା, ପୋଟଳ ୫୦ରୁ ୬୦ ଟଙ୍କା, ବାଇଗଣ ୪୦ରୁ ୬୦ ଟଙ୍କା, କାକୁଡ଼ି ୬୦ ଟଙ୍କା, ଭେଣ୍ଡି ୬୦ ଟଙ୍କା, କଲରା ୬୦ ଟଙ୍କା, ଝୁଡ଼ଙ୍ଗ ୬୦, ଜହ୍ନି ୬୦, ଗାଜର ୬୦ ଟଙ୍କା ଦର ରହିଛି। ପରିବା ବେପାରୀ ଙ୍କ ସଫେଇ ହେଲା, ଅଞ୍ଚଳର ପରିବା ବଜାରକୁ ଆସୁ ନ ଥିବାରୁ ଏବଂ ବର୍ଷା ଯୋଗୁଁ ପରିବା ପଚି ସଢ଼ି ଯାଉଥିବାରୁ ଦରବୃଦ୍ଧି ଘଟିଛି। ଦରବୃଦ୍ଧିକୁ ନେଇ ଖାଉଟି ଏବେ ଚିନ୍ତିତ। ଯଦି ଶୀତଳଭଣ୍ଡାର ପର୍ଯ୍ୟାପ୍ତ ମାତ୍ରାରେ ଥାଆନ୍ତା ତେବେ ଦର ନିୟନ୍ତ୍ରଣ ହୋଇପାରନ୍ତା ବୋଲି ସଚେତନବର୍ଗ ମତବ୍ୟକ୍ତ କରୁଛନ୍ତି । ଓଡ଼ିଶା ସରକାର ୨୦୧୮ ମସିହାରେ ସରକାରୀ-ଘରୋଇ ସହଭାଗିତାରେ ୧୫୦ଟି ଶୀତଳ ଭଣ୍ଡାର ସ୍ଥାପନ କରିବା ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ୨୦୨୩ ମସିହାରେ ପ୍ରତ୍ୟେକ ପଞ୍ଚାୟତରେ ଶୀତଳଭଣ୍ଡାର ଖୋଲିବା ଲକ୍ଷ୍ୟରେ ଘରୋଇ ଉଦ୍ୟୋଗୀଙ୍କୁ ୭୦% ରିଆତି ଦେବାକୁ ଘୋଷଣା କରାଯାଇଥିଲା। କିନ୍ତୁ ବିଶେଷ ସୁଫଳ ମିଳିନାହିଁ ଓ ନିର୍ବାଚନ ପୂର୍ବରୁ ବିଜେପି ଦଳ ନିଜ ଘୋଷଣାପତ୍ରରେ ସରକାର ଗଠନ କଲେ ୧୦୦୦ଟି ଶୀତଳଭଣ୍ଡାର ଖୋଲିବ ବୋଲି ଘୋଷଣା କରିଥିଲା, କିନ୍ତୁ ସରକାର ଗଠନ ପରେ ସେନେଇ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଏବେ ରାଜ୍ୟରେ ୩୬ ସରକାରୀ ଶୀତଳଭଣ୍ଡାର ସମେତ ୧୮୧ ଶୀତଳଭଣ୍ଡାର ରହିଛି ।

## ରୋଗୀସେବା ନାଁ ପ୍ରହସନ

**ବେତନଟୀ,୫।୭(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ଜୀବନରେଖା କୁହାଯାଉଥିବା ପଣ୍ଡିତ ରଘୁନାଥ ମୁର୍ମୁ ହସପିଟାଲରେ ରୋଗୀଙ୍କ ଦୁର୍ଦ୍ଦଶା କହିଲେ ନ ସରେ।ବେତନଟୀର ଜଣେ ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଅବସର ନେଇଥିବା ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ଗତ ୨୫ ଜୁନରେ ଧାଡିରେ ଯାଇ ଆଉଟଡୋରରୁ ଟିକଟ ସଂଗ୍ରହ କରି ନାସା,ଗଳା ଓ କର୍ଣ୍ଣ ବିଭାଗରେ ତାଙ୍କର ପରୀକ୍ଷା କରାଇଥିଲେ। ତତ୍ପରେ ବିଭାଗୀୟ ପରାମର୍ଶରେ ଅଲଟ୍ରାସାଉଣ୍ଡ ବିଭାଗକୁ ଯାଇ ଟିକଟ ଦେଖାଇବାରୁ ତାଙ୍କୁ ୦୮ ଅଗଷ୍ଟ ଅର୍ଥାତ୍ ୪୩ ଦିନ ପରେ ଆସି ଅଲଟ୍ରାସାଉଣ୍ଡ ନିମନ୍ତେ ସଂପୃକ୍ତ ବିଭାଗ ତାରିଖ ଦେଇଛି। ରୋଗର ଅବସ୍ଥା ଗୁରୁତର ଅନୁଭବ କରି ସେ ବାରିପଦାରେ ବାଧ୍ୟହୋଇ ଘରୋଇ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ କଲେ ଙ୍କ୍ଷ ଚିକିତ୍ସା ନିମନ୍ତେ ୪୩ ଦିନର ଅପେକ୍ଷା କରିବା ଜଣେ ଯେ କୌଣସି ରୋଗୀ ପକ୍ଷେ ସମ୍ଭବ କି? ତାଛଡା ଅଲଟ୍ରା ସାଉଣ୍ଡ ବିଭାଗରେ ସତରେ କଅଣ ଏତେ ଭିଡ,ପ୍ରତ୍ୟହ କେତେଜଣଙ୍କର ପରୀକ୍ଷା କରାଯାଇଥାଏ ବୋଲି ସାଧାରଣ ଭାବେ ପ୍ରଶ୍ନ ଉଠୁଛି। ତାଛଡା ବାହାରେ ପରୀକ୍ଷା କରିବାକୁ ରୋଗୀକୁ ଏହାଦ୍ୱାରା ବାଧ୍ୟ କରାଯିବା ଭଳି ପରିସ୍ଥିତି ସୃଷ୍ଟି କରାଯାଇନାହିଁ ତ, ଏଥିରେ ସରକାରୀ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ହାତ ଥିଲା ଭଳି ଲାଗୁଛି ବୋଲି ଶ୍ରୀମହାନ୍ତି ଅଭିଯୋଗ କରି ଏହାର ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ କରିବାର ଆବଶ୍ୟକତା ରହିଛି ବୋଲି ଜଣାଇଛନ୍ତି ।

## ଏସଡିପିଓ କାର୍ଯ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୫।୭ (ସଂଚାର ବ୍ୟୁରୋ):** ସୋନପୁର ଏସ ଡି ପି ଓ କାର୍ଯ୍ୟାଳୟ ଠାରେ ବନ ମହୋତ୍ସବ ପାଳନ ଅବସର ରେ ବୃକ୍ଷ ରୋପଣ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏସ ଡି ପି ଓ ଶ୍ରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଙ୍କ ତତ୍ୱା ବଧାନ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଔଷଧୀୟ ବୃକ୍ଷ ସହିତ ସମୁଦାୟ ୫୦ ଟି ଗଛ ଲଗା ଯାଇ ସମାଜ କୁ ପରିବେଶ ସୁରକ୍ଷା ବାର୍ତ୍ତା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ଏସ ଡି ପି ଓ ଶ୍ରୀ ତ୍ରିପାଠୀ, ଲଛିପୁର ଥାନା ଅଧିକାରୀ ଙ୍କ ସମେତ ଏସ ଡି ପି ଓ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ ।

## ଦେବଗିରି ମଠରେ ବାହୁଡ଼ା ଯାତ୍ରା



**ନର୍ଲା,୫।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ମଠ ଠାରେ ମହାପ୍ରଭୁ ଦଧିବାମନଜୀଉଙ୍କ ବାହୁଡ଼ା ଯାତ୍ରା ପ୍ରବଳ ଉତ୍ସାହ ଉଦ୍ଦୀପନା ସହ ଅନୁଷ୍ଠିତ ହୋଇଯାଇଛି। ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡାମାଝୀ ଛେରାପହଁରା କରିଥିବାବେଳେ ସେବାୟତ ତପିବର ଦାସ, ପୂଜକ ସନ୍ତୋଷ ପାଢ଼ୀ, ସେବକ ଟିକେ ଗଉଡ, ଗୌନ୍ତିଆଙ୍କ ପ୍ରତିନିଧି ଖିରାବ୍ଧି ମାଝୀ ଓ କାନ୍ତ ମାଝୀ ରଥ ସେବା ପ୍ରଦାନ କରିଥିଲେ। ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ବିଜୟ ଧଙ୍ଗଡାମାଝୀ, ରଜନୀ ଗଉଡ, ବିଷ୍ଣୁ ଗଉଡ, ସଞ୍ଜୟ ଧଙ୍ଗଡାମାଝୀ, ସୁରେନ୍ଦ୍ର ମାଝୀ, ସତ୍ରୁଘନ ଧଙ୍ଗଡାମାଝୀ, ଦେବରାଜ ଗଉଡ, ଲୋକନାଥ ଗଉଡ, ପ୍ରଦୀପ ଧଙ୍ଗଡାମାଝୀ, ବିଭିଷଣ ଧଙ୍ଗଡାମାଝୀ, ଭରତ ଧଙ୍ଗଡାମାଝୀ, ଶିକ୍ଷାବିତ ଅଶୋକ ଧଙ୍ଗଡାମାଝୀ, ଧନେଶ୍ୱର ମାଝୀ, ଧନେ ହେର୍ଣ୍ଡା, ଡମବୁଡା ଗଉଡ, ଗଙ୍ଗାଧର ଗଉଡ, ଦେବାଧି ଭୋଇ, ବିଭିଷଣ ଦାସ, ରୋମାଞ୍ଚଳ ଦାସ, ହରି ଦାସ, ରାମ ଦାସ ପ୍ରମୁଖ ସହଯୋଗ କରିଥିଲେ। ରଥ ଉପରେ ଡାହୁକ ବିଜୟ ଧଙ୍ଗଡାମାଝୀଙ୍କ ଡ଼ାକ ସହ ଗଣା ବଜା ଓ ଘଣ୍ଟ ବାଦ୍ୟ ଦେବଗିରି ରଥଯାତ୍ରାର ପ୍ରମୁଖ ଆକର୍ଷଣ ଥିଲା। ଏହି ରଥଯାତ୍ରା ଦେଖିବାପାଇଁ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା। ନର୍ଲା ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ମୁତୟନ ହୋଇଥିଲେ।

## ଜହ୍ନାରେ ବାହୁଡ଼ା ଯାତ୍ରା

**କୋରେଇ,୫।୭(ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମ ବଳଦେବଜୀଉ ମନ୍ଦିରରେ ଆଜି ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନବ ଦିନ ଯାତ୍ରାରେ ଆସିଥିବା ଜଗତକର୍ତ୍ତା ବ୍ରହ୍ମାଣ୍ଡ ଠାକୁର ଜନ୍ମବେଦିରେ ଲୀଳାଖେଳା ସାରି ରତ୍ନବେଦି ଅଭିମୁଖେ ବାହାରିଛନ୍ତି । ଆସ୍ଥା ଓ ବିଶ୍ୱାସର ଏହି ଦିବ୍ୟ ଯାତ୍ରାରେ ଅନେକ ଶ୍ରଦ୍ଧାଳୁ ଓ ଜଗନ୍ନାଥ ପ୍ରେମୀମାନେ ସାମିଲ ହୋଇ ରଥ ଟାଣିଥିଲେ । ମନ୍ଦିରରେ ମଙ୍ଗଳ ଆଳତୀ ଓ ଅବକାଶ ନୀତିକାନ୍ତି ପରେ ପହଣ୍ଡି କରାଯାଇ ଭଜନ କୀର୍ତନ କରି ରଥକୁ ନିଆଯାଇଥିଲା । ଆସନ୍ତାକାଲି ରଥରେ ସୁନାବେଶ, ସୋମବାର ଅଧରପଣା ଲାଗି, ମଙ୍ଗଳବାର ନୀଳାଦ୍ରିବିଜେ ହେବ ଟ୍ରଷ୍ଟ ବୋର୍ଡ ତରଫରୁ ସୂଚନା ମିଳିଛି । ବଳଦେବଜୀଉ ଟ୍ରଷ୍ଟ ବୋର୍ଡର ପ୍ରଧାନ ଟ୍ରଷ୍ଟି ଶ୍ରୀ ଅଭିଳାଷ ବୋଇତାଇ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ । ଟ୍ରଷ୍ଟ ବୋର୍ଡ଼ର ଡ଼ଃ. ଚିନ୍ତାମଣି ପାଢ଼ୀ, ବିଶ୍ୱଜିତ ନାୟକ, ଚନ୍ଦ୍ରମଣି ବେହେରା, ପ୍ରୀତିରଞ୍ଜନ ସାହୁ, ବିକ୍ରମ ବିଶ୍ୱାଳ, କାମଦେବ ଦାସ, ସଦାନନ୍ଦ ବେହେରା, ଅତନୁ ବିଶ୍ୱାଳ, ନିରଞ୍ଜନ ନାୟକ, ରାଜୀବ ଲୋଚନ ରାଉତ, ଭବାନୀ ଶଙ୍କର ପାଢ଼ୀ, ସନାତନ ଦାସ, ପପୁନା ସାହୁ, ସନ୍ତୋଷ ନାୟକ, ବିଦ୍ୟାଧର ସାହୁ ତତ ସହିତ ଶ୍ରୀ ଜଗନ୍ନାଥ ସେନା ଓ ଶ୍ରୀ ବଳଦେବଜୀଉ ସେବା ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଅଣୁଶକ୍ତିନଗରରେ ଶ୍ରୀଜୀଉଙ୍କର ବାହୁଡା ଯାତ୍ରା ଅନୁଷ୍ଠିତ



**ମୁମ୍ବାଇ,୫।୭ (ସଂଚାର ବ୍ୟୁରୋ):** ମୁମ୍ବାଇ ସ୍ଥିତ ଅଣୁଶକ୍ତିନଗରଠାରେ ସ୍ଥାନୀୟ ଓଡିଆ ସଂଗଠନ ଆନୁକୁଲ୍ୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ବାହୁଡା ଯାତ୍ରା ଆନନ୍ଦ ଉଦ୍ଦୀପନା ସହିତ ପାରମ୍ପରିକ ରୀତି ନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ କାଳରେ ସର୍ବ ପ୍ରଥମେ ଶ୍ରୀ ଜୀଉମାନଙ୍କର ଦୈନନ୍ଦିନ ପୂଜା ଓ ହୋମ ସମ୍ପନ୍ନ ହେବା ପରେ ଅନ୍ନ ମହାପ୍ରସାଦ ଓ ଆରତୀ ଅନୁଷ୍ଠିତ ହୋଇଥିଲା । ରଥ ଏବଂ ରଥ ଦଉଡି ପୂଜା ସମ୍ପନ୍ନ ହେବା ପରେ ରଥ ପାର୍ଶ୍ୱ ଦେବାଦେବୀମାନଙ୍କର ପୂଜା ଅନୁଷ୍ଠିତ ହୋଇଥିଲା। ଅଣୁଶକ୍ତିନଗର ଓଡିଆ ସଂଗଠନର ଅଧକ୍ଷ ଡ.ନିଗମାନନ୍ଦ ମିଶ୍ରଙ୍କୁ ଶ୍ରୀ ଜୀଉମାନଙ୍କର ଆଦ୍ୟ ସେବକ ରୂପେ ବିଧିବଦ୍ଧ ରୂପେ ମନ୍ଦିର ପ୍ରାଙ୍ଗଣକୁ ପାଛୋଟି ଅଣା ଯାଇଥିଲା । ଦିନ ପ୍ରାୟ ୧୨:୩୦ରେ ଶ୍ରୀ ବିଗ୍ରହମାନଙ୍କର ମଙ୍ଗଳାର୍ପଣ ଏବଂ ତଦନ୍ତେ ରଥ ଉପରକୁ ଧାଡି ପହଣ୍ଡି ନୀତି ଅନୁଷ୍ଠିତ ହୋଇଥିଲା। ଦିନ ପ୍ରାୟ ୨:୩୦ରେ ରଥ ପରିକ୍ରମା ଆରମ୍ଭ ହୋଇଥିଲା । ଅନେକ ସଂଖ୍ୟାରେ ଶ୍ରଦ୍ଧାଳୁ ହରିବୋଲ, ହୁଳହୁଳି, ଘଣ୍ଟ-ଘଣ୍ଟା ବାଦନ ଏବଂ ଭଜନ-କୀର୍ତ୍ତନ ମଧରେ ଅଣୁଶକ୍ତିନଗର ପ୍ରାଙ୍ଗଣ ମଧରେ ରଥ ପରିକ୍ରମା କରିଥିଲେ । ପରିକ୍ରମା ପଥରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନର ଆୟୋଜନ ସଂଗଠନ ଦ୍ୱାରା କରାଯାଇଥିଲା । ଉଲ୍ଲେଖଯୋଗ୍ୟଯେ ଅଣୁଶକ୍ତିନଗର ହେଉଛି ମହାନଗର ମୁମ୍ବାଇଠାରେ କେନ୍ଦ୍ର ସରକାରଙ୍କ ପରମାଣୁ ଉର୍ଜା ବିଭାଗର ଆବାସିକ ପ୍ରାଙ୍ଗଣ ଏବଂ ଅଣୁଶକ୍ତିନଗର ଓଡିଆ ସଂଗଠନ ଆନୁକୁଲ୍ୟରେ ବିଭାଗରେ କାର୍ଯ୍ୟରତ ପ୍ରାୟ ୩୦୦ ଓଡିଆ ପରିବାରଙ୍କର ସମ୍ମିଳିତ ପ୍ରଚେଷ୍ଟା ଦ୍ୱାରା ପ୍ରତି ବର୍ଷ ଏଠାରେ ରଥ ଯାତ୍ରା ମହୋତ୍ସବ ମହା ଆଡମ୍ବରରେ ପାଳିତ ହୋଇ ଆସୁଛି । ଚଳିତ ବର୍ଷ ମହୋତ୍ସବର ସଫଳ ଆୟୋଜନ ପାଇଁ ସଂଗଠନ ପକ୍ଷରୁ ଅଧକ୍ଷ ଡା. ନିଗମାନନ୍ଦ ମିଶ୍ର, ଉପାଧକ୍ଷ ଶ୍ରୀ ଜିତେନ୍ଦ୍ର ଶୁକ୍ଲା, ସଚିବ ଶ୍ରୀ ଅଶୋକ କୁମାର ରଥ, ରଥଯାତ୍ରା କାର୍ଯ୍ୟନିର୍ବାହୀ ସଂଯୋଜକ ଶ୍ରୀ ସୌମିତ୍ର କର, ପ୍ରକାଶ ଚନ୍ଦ୍ର ରାଉତ,ବିଶ୍ୱଭୁଷଣ ସାହୁ, ବିବେକ ମିଶ୍ର, ବୈଦ୍ୟନାଥ ସାହୁ, ଗୌରୀଶଙ୍କର ସାହୁ, ସନ୍ତୋଷ ବେହେରା, ସବ୍ୟସାଚୀ ରାଉତ,ଗଣନାଥ ସ୍ୱାଇଁ, ଶୁଭେନ୍ଦୁ ଜେନା, ମୁକ୍ତିକାନ୍ତ ରୟ, ଅନନ୍ତ ବେହେରା, କୁବେର ଭୟଂଶ ହେମନ୍ତ ସ୍ୱାଇଁ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ସର୍ବ ଭାରତୀୟ କବାଡିରେ ଭାଗ ନେଇଥିବା ସିରିନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ସୁବର୍ଣ୍ଣପୁର,୫।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ର ଅନ୍ଧାରିବାଞ୍ଜି ଉଚ୍ଚ ବିଦ୍ୟାଳୟ ରେ ପ୍ରତିଭା ସମ୍ପନ୍ନ ଛାତ୍ରୀ ସିରିନ ପାତ୍ର ଓ ତାଙ୍କ ପିତା ଇୟାଦ ପାତ୍ର ଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଉତ୍ତରାଖଣ୍ଡର ହରିଦ୍ୱାର ଠାରେ ଆୟୋଜିତ ହୋଇଥିବା ସର୍ବଭାରତୀୟ ୧୮ ବର୍ଷରୁ କମ ମହିଳା ବର୍ଗ କବାଡି ପ୍ରତିଯୋଗିତାରେ ଭାଗନେଇ ନିଜ ଗ୍ରାମ ଅନ୍ଧାରିବାଞ୍ଜି କୁ ଫେରିଥିଲେ। ପୂର୍ବରୁ ସେ ଦୁଇ ଥର ରାଜ୍ୟସ୍ତରରେ ଖେଳି ବିଦ୍ୟାଳୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଥିଲେ। ସିରିନ ଙ୍କ ଏହି ସଫଳତା ଅବସରରେ ସରପଞ୍ଚ ପ୍ରତିନିଧି ରମେଶ ସାହୁ ଯୋଗଦେଇ ଉଦବୋଧନ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀକପୁର୍ଜନ ପଧାନ,ପ୍ରଧାନଶିକ୍ଷକ ବିନୋଦ ବିହାରି ଦ୍ୱାରୀ,ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ପଧାନ, ପବିତ୍ର ପଧାନ, ସରୋଜ ହୋତା, ସମସ୍ତ ଛାତ୍ରଛାତ୍ରୀ,ତଥା ଗ୍ରାମବାସୀ ତାଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇବା ସହ ସୁସଜ୍ଜିତ ଯାନ ରେ ଗ୍ରାମ ପରିକ୍ରମା କରାଇଥିଲେ। ଶେଷରେ ଖେଳ ଶିକ୍ଷକ କ୍ଷୀରୋଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବନ ମହୋତ୍ସବ



**ବ୍ରହ୍ମପୁର,୫।୭(ସଂଚାର ବ୍ୟୁରୋ):** କୁକୁଡାଖଣ୍ଡି ପଞ୍ଚାୟତ ସମିତି ଲାଞ୍ଜିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ନମିତା କୁମାରୀ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ସାଗର କୁମାର ପାତ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ ଙ୍କ ଆହ୍ୱାନ "ମା ପାଇଁ ଗଛ ଟିଏ" ବିଷୟରେ ଛାତ୍ର ଛାତ୍ରୀଙ୍କୁ ସଚେତନତା କରିଥିଲେ। ଜୀବ ଜଗତ ବଞ୍ଚି ରହିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅମ୍ଳଜାନ ଗ୍ୟାସ ବୃକ୍ଷ ହିଁ ଦେଇଥାଏ। ଗଛକୁ ଆବଶ୍ୟକ ପଡୁଥିବା ୧୭ ପ୍ରକାର ଖାଦ୍ୟ ମଧ୍ୟରୁ ୩ ପ୍ରକାର ଖାଦ୍ୟ ଗଛ ନିଜେ ବାୟୁମଣ୍ଡଳରୁ ସଂଗ୍ରହ କରୁଥିବା ବେଳେ ୧୪ ପ୍ରକାର ଖାଦ୍ୟ ମାଟିରୁ ସଂଗ୍ରହ କରିଥାଏ। ଏହି ୧୪ ପ୍ରକାର ଖାଦ୍ୟକୁ ନିଜେ ଖାଇ ପ୍ରାଣୀ ଜଗତକୁ ଶାଗ, ଫୁଲ, ଫଳ ଓ କନ୍ଦା ଅକାରରେ ପ୍ରଦାନ କରିଥାଏ। ତେଣୁ ଗଛ ଲଗାନ୍ତୁ ଓ ଜୀବନ ବଚାନ୍ତୁ ବୋଲି ପ୍ରକୃତି ବନ୍ଧୁ ବନମାଳୀ ପ୍ରଧାନ କହିଥିଲେ। ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବୃକ୍ଷ ରୋପଣ ସହ ତାର ଯତ୍ନ ନିମନ୍ତେ ଅଧିକ ଆଗ୍ରହ ପାଇଁ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯିବା ସହ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଇକୋ କ୍ଲବ ଶିକ୍ଷୟତ୍ରୀ ରଶ୍ମିତା ମହାଙ୍କୁଡ ସହାୟତାରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସଭାପତି ଦାମୋଦର ପୂଜାରୀ, ଶିକ୍ଷୟତ୍ରୀ ନମିତା ପଟ୍ଟନାୟକ,ରଞ୍ଜୁଲତା ପଟ୍ଟନାୟକ,ସରସ୍ୱତୀ ସାବତ,ରଞ୍ଜିତା ପ୍ରଧାନ,ରୁଚିଶ୍ରୀ ଦେବୀ,ଝୁନୁ ଗୌଡ଼, ସମ୍ପାଦକ ବିଜେନ୍ଦ୍ର ମାଝୀ, ଅର୍ଜୁନ ଗୌଡ଼, ସଞ୍ଜୟ ପାତ୍ର, ପୁରୁଷୋତ୍ତମ ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଚାରିବର୍ଷ ବିତିଲା ; ସରୁନି ଗୋଷ୍ଠୀ ଶୌଚାଳୟ ନିର୍ମାଣ

**ରଣପୁରଗଡ,୫।୭(ସଂଚାର ବ୍ୟୁରୋ):** ବର୍ଷ ପରେ ବର୍ଷ ବିତିଗଲେ ମଧ ଅନେକ ଉନ୍ନତି ମୂଳକ କାର୍ଯ୍ୟ ପ୍ରତି ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ସେଭଳି ଦେଖିବାକୁ ମିଳୁଛି ନୟାଗଡ଼ ଜିଲ୍ଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପଞ୍ଚୁଦୋଳ ପଡିଆ ଉପନିବନ୍ଧକ କାର୍ଯ୍ୟାଳୟ ନିକଟରେ। ତା ୫/୨/୨୦୨୧ ରିଖରେ ୧୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇ ପଞ୍ଚୁଦୋଳ ପଡିଆ ଉପ ନିବନ୍ଧକ କାର୍ଯ୍ୟାଳୟ ନିକଟରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ନିର୍ମାଣାଧୀନ କାର୍ଯ୍ୟ ପ୍ରତି ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ପ୍ରତିଦିନ ଉପ ନିବନ୍ଧକ କାର୍ଯ୍ୟାଳୟକୁ ଆସୁଥିବା ମହିଳାମାନେ, ପଞ୍ଚୁଦୋଳ



ଯାତ୍ରା ଓ ବାହୁଡ଼ା ଯାତ୍ରାରେ ଆସୁଥିବା ମହିଳାମାନେ ଅନେକ ଅସୁବିଧା ଭୋଗ କରୁଛନ୍ତି। ସେହିଭଳି ରଣପୁର ନୂଆ କୋର୍ଟ ସାମ୍ନା ଗୋଷ୍ଠୀ ଶୌଚାଳୟ ମଧ ନିର୍ମାଣ ପରେ କାର୍ଯ୍ୟ କରୁନାହିଁ ଯାହା ଫଳରେ ଅନେକ ଅସୁବିଧା ହେଉଥିବା ଅଭିଯୋଗ ହେଉଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର କୁହନ୍ତି 'ସମାଜ'ରେ ଖବର ପ୍ରକାଶନ ପରେ କୋର୍ଟ ସାମ୍ନା ଗୋଷ୍ଠୀ ସ୍ୱାସ୍ଥ୍ୟ ଶୌଚାଳୟ କାର୍ଯ୍ୟକ୍ଷମ କରିବା ପାଇଁ କରାବାର୍ତ୍ତା ହୋଇଛି।

## ଔଷଧ ଦୋକାନରେ ନିଆଁ ଲଗାଇଥିବା ବ୍ୟକ୍ତି ଗିରଫ



**ବୈଶିଙ୍ଗା,୫।୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ବଡଗୁମା ବଜାର ଠାରେ ଥିବା ସପନ କୁମାର ସାନ୍ତରାଙ୍କ ଔଷଧ ଦୋକାନରେ ଗତ ସୋମବାର ରାତି ଗୋଟାଏ ସମୟରେ ଅଜ୍ଞାତ ବ୍ୟକ୍ତି ଭଙ୍ଗାରୁଜା କରିବା ସହ ଉଲଗ୍ନ ହୋଇ ବାଇକ୍ ଓ ଚେୟାର ଟେବୁଲ୍ ସହ ସାଇନବୋର୍ଡ ରେ ନିଆଁ ଲଗାଇ ଫେରାର ହୋଇଯାଇଥିଲେ। ସେହି ସମୟରେ ସେ ଗାମୁଛାରେ ମୁହଁ ଢାଙ୍କି ହୋଇଥିଲେ। ସେବେଠାରୁ ଥାନାଧିକାରୀ ବାରିଣୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ଜାରି ରହିଥିଲା। ଶେଷରେ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯିବା ସହ ଘଟଣାସ୍ଥଳରେ ଛାଡ଼ି ଯାଇଥିବା କିଛି ସୁରାକ କୁ ଭିତ୍ତି କରି ଅଭିଯୁକ୍ତ ନିକଟରେ ପହଞ୍ଚିଥିଲା ତଦନ୍ତକାରୀ ଟିମ। ସେହି ବଡଗୁମା ଗ୍ରାମର ସୁବ୍ରତ ଦଳେଇଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତେବେ ସପନଙ୍କ ପରିବାର ସହିତ ସୁବ୍ରତଙ୍କ ବାପାଙ୍କର ପୂର୍ବରୁ ଭୀଷଣ ଝଗଡ଼ା ହୋଇଥିବା ବେଳେ ପ୍ରତିଶୋଧ ନେବାକୁ ସୁଯୋଗ ଅପେକ୍ଷାରେ ଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ସେତେବେଳେ ଏଭଳି ରହସ୍ୟମୟ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଥିଲା ଏବଂ ପୋଲିସ ମଧ୍ୟ ଖୁବ୍ ଚାପରେ ଥିଲାବେଳେ ଘଟଣା ଘଟିବାର ଚାରି ଦିନ ମଧ୍ୟରେ ଅଭିଯୁକ୍ତ ଗିରଫ ହେବା ପୋଲିସ ପାଇଁ ବଡ଼ ସଫଳତା ବୋଲି ସ୍ଥାନୀୟ ଅଞ୍ଚଳରେ ବିବେଚନା କରାଯାଉଛି।

### ସପ୍ତମ ବିବାହ ବାର୍ଷିକ ଅବସରରେ ୭ ଶହ ବୃକ୍ଷ ରୋପଣ କଲେ ରୋଶନ ଓ କରୁଣା

## ବୃକ୍ଷ ଓ ମଣିଷର ଅନାବିଳ ସମ୍ପର୍କର ମୂକସାକ୍ଷୀ ସବୁଜ ସ୍ମୃତି ଅଭିଯାନ

**ସୁନ୍ଦରଗଡ଼,୫।୭(ସଂଚାର ବ୍ୟୁରୋ):** ବିବାହ ହେଉଛି ଏକ ପବିତ୍ର ସମ୍ବନ୍ଧ, ଯାହା ପତି ପତ୍ନୀଙ୍କୁ ଏକ ସ୍ନେହ ଓ ବିଶ୍ୱାସର ନୂତନ ଯାତ୍ରାରେ ବାନ୍ଧିଥାଏ। ଏହି ଯାତ୍ରାରେ ଦମ୍ପତି ସମସ୍ତ ସୁଖ ଓ ଦୁଃଖ, ହସ ଓ କାନ୍ଦ, ସଫଳତା ଓ ବିଫଳତାର ଭାଗିଦାର ହୋଇଥାନ୍ତି। ବିବାହ ବାର୍ଷିକୀ ହେଉଛି ସମସ୍ତ ସ୍ମୃତିକୁ ପୁନଃ ସ୍ମରଣ କରିବାର ଦିନ। ଏହାି ହେଉଛି ଜୀବନର ଏକ ଖାସ ଅବସର, ଯାହା ପତି ପତ୍ନୀଙ୍କର ଜୀବନର ଏକତାର ପରିଚୟ ଅନୁଭବ କରନ୍ତି। ବିବାହ ବାର୍ଷିକୀରେ ଦମ୍ପତି ଏକାତ୍ମତାର ସମାରୋହ କରନ୍ତି ଓ ସେମାନଙ୍କର ଜୀବନର ସମସ୍ତ ଉପଲବ୍ଧି ଓ ମୂଲ୍ୟବୋଧକୁ ଉଦ୍ଘାଟିତ କରନ୍ତି। ଭିନ୍ନ ଭିନ୍ନ ଶୈଳୀରେ ସମସ୍ତେ ନିଜ ନିଜର ବିବାହ ବାର୍ଷିକୀ ପାଳନ କରିଥାନ୍ତି, କିଏ ସାଙ୍ଗସାଥି ପରିବାର ବର୍ଗଙ୍କ ସହିତ କେକ କାଟି ଥାଏ ତ



ଆଉ କିଏ ଭୋଜିଭାତ କରି ମଉଜ ମଜଲିସ କରିଥାଏ। ହେଲେ ଜୁଲାଇ ୫ ତାରିଖ ଶନିବାର ଦିନ ଏକ ନିଆରା ବିବାହ ବାର୍ଷିକୀ ପାଳନ କରିବାର ଉଦାହରଣ ସୃଷ୍ଟି କରିଛନ୍ତି ଝୁରିମାଲ ଗ୍ରାମର ରୋଶନ ଓ କରୁଣା । ନିଜର ସପ୍ତମ ବିବାହ ବାର୍ଷିକୀରେ ୭ ଶହ ବୃକ୍ଷ ରୋପଣ କରି ଇତିହାସ ସୃଷ୍ଟି କରିବା ସହିତ ଅନ୍ୟ ମାନଙ୍କୁ ପରିବେଶ ସୁରକ୍ଷାର ପାଠ ପଢାଇଛନ୍ତି , ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଝୁରିମାଲ ଗ୍ରାମର ଦମ୍ପତି ରୋଶନ ଉପାଧ୍ୟାୟ ଓ କରୁଣା ପାଣ୍ଡେ। ରୋଶନ ଉପାଧ୍ୟାୟ ଝୁରିମାଲ ଗ୍ରାମର ଅମର କୁମାର ଉପାଧ୍ୟାୟ ଓ ସରିତା ଉପାଧ୍ୟାୟଙ୍କ ଜ୍ୟେଷ୍ଠ ପୁତ୍ର ହୋଇଥିବା ବେଳେ କରୁଣା ପାଣ୍ଡେ ରାଉରକେଲା ବଣ୍ଡୋମୁଣ୍ଡା ନିବାସୀ ସୁଗ୍ରୀବ ପାଣ୍ଡେ ଓ ସ୍ୱର୍ଗତଃ ସରସ୍ୱତୀ ପାଣ୍ଡେଙ୍କ କନିଷ୍ଠ ଝିଅ। ରୋଶନ ଉପାଧ୍ୟାୟ ଲେଫ୍ରିପଡା ବ୍ଲକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ବ୍ଲକ ରିସୋର୍ସ କୋଅର୍ଡିନେଟର ଭାବରେ କାର୍ଯ୍ୟରତ ଥିବା ବେଳେ କରୁଣା ଭେଷଜ ମହାବିଦ୍ୟାଳୟ ଡୁଡୁକାରେ ଭୌତିକ ବିଜ୍ଞାନ ବିଭାଗରେ ଅଧ୍ୟାପିକା ଭାବରେ କାର୍ଯ୍ୟ ନିର୍ବାହ କରୁଛନ୍ତି। ସେମାନଙ୍କ ବିବାହ ବାର୍ଷିକୀ ଉପଲକ୍ଷେ ଝୁରିମାଲ ଗ୍ରାମର ଗ୍ରାମ୍ୟ ଜଙ୍ଗଲ ପାଶ୍ୱର୍ରେ ଖାଲିଥିବା ଜମିରେ ୭୦୦ ବୃକ୍ଷ ରୋପଣ କରି ଉଦାହରଣ ସୃଷ୍ଟି କରିଛନ୍ତି ଏହି ଦମ୍ପତ୍ତି। ଗ୍ରାମର ବନ ସୁରକ୍ଷା ସମିତିର ସହଯୋଗ ତଥା "ସବୁଜ ସ୍ମୃତି ଅଭିଜାନ" ରେ ପ୍ରେରିତ ହୋଇ ଏହି ନିଆରା ପରମ୍ପରାର ଆରମ୍ଭ କରିଛନ୍ତି ବୋଲି ଏହି ଦମ୍ପତ୍ତି କହିଛନ୍ତି। ଗତବର୍ଷ ଅଗଷ୍ଟ ମାସରୁ ଝୁରିମାଲ ବନ ସୁରକ୍ଷା ସମିତିର ମୁଖ୍ୟ ଉପଦେଷ୍ଟା ଦିଗାମ୍ବର ଉପାଧ୍ୟାୟଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା "ସବୁଜ ସ୍ମୃତି ଅଭିଜାନ"।

## ଟ୍ରେଲର ଧକ୍କାରେ ମହିଳା କନେଷ୍ଟବଳ ଜୀବନ ହରାଇଲେ



**କୋଲନର,୫।୭(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଗୁନାଖାଲ ଛକ ନିକଟରେ ଏକ ସ୍କୁଟିକୁ ଶନିବାର ଦିନ ଏକ ଟ୍ରେଲର ପଛପଟୁ ଧକ୍କା ଦେବାରୁ ସ୍କୁଟି ଚାଳକ ତଥା ମହିଳା କନଷ୍ଟେବଳ ଟ୍ରେଲର ତଳେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି । ଦୁଇ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ କାର୍ଯ୍ୟରତ ପୋଲିସ କନଷ୍ଟେବଳ ଲବଣୀ ଗାଣ୍ଟା ବୟସ ୨୫ ତାଙ୍କ ଘର ଖେଦାପଡ଼ା ଗ୍ରାମ ର ସେହିପରି ଗୁରୁତର ଦୁଇଜଣ ହେଲେ। ବିଷମକଟକ ବ୍ଲକ ବେତିଆପଡ଼ା ପଞ୍ଚାୟତର ମୁନିଗାଁର କାନ୍ତାରାଓ କାଡ୍ରାକା ବୟସ ୪୦ ଓ ସୁବାରାଓ କାଡ୍ରାକା ବୟସ ୪୦ ଗୁରୁତର ଅବସ୍ଥାରେ ଦୁଇ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାରୁ ପ୍ରକାଶ ଯେ ଲବଣୀ ସକାଳୁ ଘରୁ ବାହାରି ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରକୁ ବାହୁଡା ଯାତ୍ରା ଡ୍ୟୁଟିରେ ଯାଉଥିବାବେଳେ। ଉକ୍ତ ରାସ୍ତାରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକରେ ଦୁଇଜଣ ଆସୁଥିଲେ। ତେବେ ନିକଟସ୍ଥ ହମ୍ପସରେ ବ୍ରେକ ମାରିବା ବେଳେ ପଛପଟୁ ସ୍କୁଟିକୁ ଟ୍ରେଲର ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଲବଣୀ ସ୍କୁଟିରୁ ପଡିଯିବା ବେଳେ ଟ୍ରେଲର ତାଙ୍କ ଉପରେ ମାଡ଼ି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ପୋଲିସ ଘଟଣସ୍ଥଳରେ ପହଞ୍ଚି ଟ୍ରେଲରକୁ ଜବତ କରିଛି। ବାଇକ୍‌ରେ ଆସୁଥିବା ଦୁଇ ଜଣ ବ୍ୟକ୍ତି ଜେକେପୁରରୁ ଗାଁକୁ ଫେରୁଥିବା ପ୍ରକାଶ କରିଛନ୍ତି।

## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

**ଧାମରା,୫।୭(ସଂଚାର ବ୍ୟୁରୋ):** ଚାନ୍ଦବାଲି ବ୍ଲକ ପଞ୍ଚୁଟିକ୍ରୀ ପଞ୍ଚାୟତ ଖମାରସାହି ଗାଁରେ ଅଭାବନୀୟ ଘଟଣା ଘଟିଛି। ସାପ କାମୁଡାରେ ଜଣେ ଚାଷୀଙ୍କର ମୃତ୍ୟୁ ହୋଇଛି। ମୃତକ ଖମାର ସାହିର ବ୍ରହ୍ମାନନ୍ଦ ବାରିକ ବୋଲି ଜଣାପଡିଛି। ବ୍ରହ୍ମାନନ୍ଦ ବିଲରେ ତଳି ପକାଇବାକୁ ଯାଇଥିଲେ । ଏହି ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଥିଲା । ଖବର ପାଇବା ପରେ ଗ୍ରାମବାସୀମାନେ ବିଲରୁ ବ୍ରହ୍ମାନନ୍ଦ କୁ ପ୍ରଥମେ ବଇଁଚା ମେଡିକାଲ ଏବଂ ପରେ ଅବସ୍ଥା ସଂଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଭଦ୍ରକରେ ଚିକିତ୍ସା ପରେ ସେଠାରୁ କଟକ ବଡ଼ ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି । ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେପଟେ ମୃତକଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ତାଙ୍କ ଅଞ୍ଚଳବାସୀ ଦାବି କରିଛନ୍ତି ।




# ସ୍ୱାସ୍ଥ୍ୟ



# କର୍କଟ ଆଶଙ୍କା ବଢ଼ାଉଥିବା ବିଷାକ୍ତ ପଦାର୍ଥ

ଆଧୁନିକ ଜୀବନଶୈଳୀରେ ଆମକୁ ପ୍ରତ୍ୟହ ଖାଦ୍ୟ, ବାୟୁ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ମାଧ୍ୟମରେ ପରିବେଶକୁ ବିଷାକ୍ତ କରୁଥିବା ଅନେକ ପ୍ରାକୃତିକ ଓ କୃତ୍ରିମ ପଦାର୍ଥର ସାମନା କରିବାକୁ ପଡୁଛି। କୃତ୍ରିମ ଖାଦ୍ୟ ରଙ୍ଗଠାରୁ ଆରମ୍ଭ କରି ପରିବେଶ ପ୍ରଦୂଷକ ପର୍ଯ୍ୟନ୍ତ ଏଭଳି ଅନେକ ବିଷାକ୍ତ ପଦାର୍ଥ ଆମ ଅଲକ୍ଷ୍ୟରେ କର୍କଟ ରୋଗର ଆଶଙ୍କା ବଢ଼ାଇଥାଏ, ଯାହା ଜନସ୍ୱାସ୍ଥ୍ୟ ପାଇଁ ଚିନ୍ତାର କାରଣ ହୋଇପାରେ। ଯଦିଓ ବାୟୁ, ଖାଦ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରୁ ସଂପୃକ୍ତ କ୍ଷତିକାରକ ପଦାର୍ଥଗୁଡ଼ିକୁ ସଂପୂର୍ଣ୍ଣ ଦୂର କରିହେବ ନାହିଁ, ତେବେ ତାହାର ସମ୍ଭାବ୍ୟ ବିପଦଗୁଡ଼ିକୁ ବୁଝିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରିବ।

ସେଗୁଡ଼ିକ ମଧ୍ୟରେ 'ବେଞ୍ଜିନ୍' ହେଉଛି ଏକ ସାଧାରଣ ଶିଳ୍ପ ରାସାୟନିକ ପଦାର୍ଥ, ଯାହାର ଉପସ୍ଥିତି ଯାନବାହାନରୁ ନିର୍ଗତ ଧୂଆଁ ଓ ବର୍ଜ୍ୟ, ସିଗାରେଟ୍ ଧୂଆଁ ଓ କିଛି ଘରୋଇ ଉତ୍ପାଦରେ ଦେଖିବାକୁ ମିଳିଥାଏ। ତାହା ସଂସ୍ପର୍ଶରେ ଦୀର୍ଘ ସମୟ ଆସିଲେ ସାଧାରଣ ଜୀବକୋଷର କାର୍ଯ୍ୟ ବାଧାପ୍ରାପ୍ତ ହୋଇପାରେ ଏବଂ କର୍କଟ ରୋଗର ଆଶଙ୍କା ବଢ଼ିପାରେ। ବାୟୁଚଳାଚଳ ସୁନିଶ୍ଚିତ କରି ଓ ଫିଲ୍‌ଟର୍ ମାଧ୍ୟମରେ ଘର ଭିତରର ବାୟୁ ଗୁଣବତ୍ତା ଉନ୍ନତ କରି ବେଞ୍ଜିନ୍ ସହ ସଂସ୍ପର୍ଶ ହ୍ରାସ କରିବା ସହିତ ତମାଖୁ ଧୂଆଁକୁ ଏଡ଼ାଇବା ଦ୍ୱାରା ତାହାର ପ୍ରଭାବକୁ କମାଯାଇପାରିବ। ନିର୍ମାଣ ସାମଗ୍ରୀ, କାଷ୍ଠଶିଳ୍ପ ଓ ବ୍ୟକ୍ତିଗତ ଯତ୍ନ ଉତ୍ପାଦରେ ବ୍ୟବହୃତ 'ଫର୍ମାଲଡିହାଇଡ୍' ହେଉଛି ଆଉ ଏକ ଜଣାଶୁଣା କର୍କଟ ସୃଷ୍ଟିକାରୀ ରାସାୟନିକ ପଦାର୍ଥ। ଘର ଭିତରର ଖରାପ ବାୟୁ ସଞ୍ଚାଳନ ଯୋଗୁଁ ତାହା ସଂସ୍ପର୍ଶରେ ଅଧିକ ଆସିବାର ଆଶଙ୍କା ରହିଛି। ତେଣୁ କୋଠରିରେ ନିରନ୍ତର ବାୟୁଚଳନର ଆବଶ୍ୟକତା ରହିଛି। ସେହିପରି ଫର୍ମାଲଡିହାଇଡ୍-ମୁକ୍ତ କାଠସାମଗ୍ରୀ ବ୍ୟବହାର, ବାୟୁ ବିଶୋଧକ ବ୍ୟବହାର ଏବଂ ପ୍ରାକୃତିକ ପରିଷ୍କାରକ ଉତ୍ପାଦ ଆପଣେଇଲେ ଦୈନନ୍ଦିନ ପରିବେଶରେ ଫର୍ମାଲଡିହାଇଡ୍‌ର ଉପସ୍ଥିତି ହ୍ରାସ ହୋଇପାରିବ। ପ୍ଲାଷ୍ଟିକ୍ ପାତ୍ର ଓ ଖାଦ୍ୟ ପ୍ୟାକେଜିଂରେ ବ୍ୟବହୃତ ବିସ୍‌ଫେନଲ ଏ (ବିପିଏ) ସହିତ ହରମୋନ୍ ବିଭ୍ରାଟର ସମ୍ପର୍କ ରହିଛି, ଯାହା କର୍କଟ ଆଶଙ୍କା ବଢ଼ାଇଥାଏ। ତେଣୁ ତାହା ସହ ସଂସ୍ପର୍ଶକୁ କମାଇବା ଲାଗି କାଚ କିମ୍ବା ଷ୍ଟେନ୍‌ଲେସ ଷ୍ଟିଲ୍ ପାତ୍ରରେ ଖାଦ୍ୟ ସଂରକ୍ଷଣ କରିବା ଏବଂ ପ୍ଲାଷ୍ଟିକ୍ ବୋତଲଗୁଡ଼ିକୁ ଦୂରେଇଦେବା ଠିକ୍ ହେବ। ପ୍ରକ୍ରିୟାକୃତ ଖାଦ୍ୟକୁ ଆକର୍ଷଣୀୟ କରିବା ପାଇଁ କୃତ୍ରିମ ଖାଦ୍ୟ ରଙ୍ଗ ବହୁଳ ଭାବରେ ବ୍ୟବହୃତ ହୋଇଥାଏ। ମାତ୍ର ରେଡ୍ ଡାଇ ଏନ୍‌୩ ପରି କିଛି ରଙ୍ଗ ସମ୍ଭାବ୍ୟ ସ୍ୱାସ୍ଥ୍ୟ ବିପଦ ସହ ଜଡ଼ିତ। ସମ୍ପ୍ରତି ନିଷିଦ୍ଧ ହୋଇଥିବା ଉକ୍ତ ରଙ୍ଗ କୋଷୀୟ କ୍ଷତି ଓ କର୍କଟ ଆଶଙ୍କା ବଢ଼ାଇଥାଏ। ଏଥି ସହିତ ଲଙ୍କାଗୁଣ୍ଡ, ରନ୍ଧନ ତୈଳ ଭଳି କିଛି ଖାଦ୍ୟ ପଦାର୍ଥରେ ବେଆଇନ ଭାବରେ ବ୍ୟବହୃତ 'ରୋଡେମିନ୍ ବି' ହେଉଛି ଏକ ଶିଳ୍ପ ରଙ୍ଗ ଯାହା ସଂସ୍ପର୍ଶରେ ଦୀର୍ଘ ସମୟ ଆସିଲେ ଡିଏନ୍‌ଏର କ୍ଷତି ପହଞ୍ଚିବା ସହ କର୍କଟ ଆଶଙ୍କା ବଢ଼ିଥାଏ। ସହରାଞ୍ଚଳର ପ୍ରଦୂଷିତ ବାୟୁରେ ଥିବା କଣିକା ପଦାର୍ଥ (ପିଏମ୍୨.୫, ପିଏମ୍୧୦), ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍, ସଲଫର ଡାଇଅକ୍ସାଇଡ୍ ଓ ଅସ୍ଥିର ଜୈବଯୌଗିକ (ଭିଓସି) ସଂସ୍ପର୍ଶରେ ଆସିଲେ ଧୂମପାନ କରୁ ନଥିବା ଲୋକଙ୍କ ପାଇଁ ମଧ କର୍କଟ ଆଶଙ୍କା ରହିଛି। ଏଥି ସହିତ ତମାଖୁ ସେବନ, ମଦ୍ୟପାନ ଓ ମେଦବହୁଳତା ଆଦି ଏହି ବିପଦକୁ ଆହୁରି ବଢ଼ାଇଥାଏ।

**କୃତ୍ରିମ ଖାଦ୍ୟ ରଙ୍ଗରୁ ଆରମ୍ଭ କରି ପରିବେଶ ପ୍ରଦୂଷକ ପର୍ଯ୍ୟନ୍ତ ବିଷାକ୍ତ ପଦାର୍ଥ ଆମ ଅଲକ୍ଷ୍ୟରେ କର୍କଟ ରୋଗର ଆଶଙ୍କା ବଢ଼ାଇଥାଏ। ସବୁ କ୍ଷତିକାରକ ପଦାର୍ଥଗୁଡ଼ିକୁ ସଂପୂର୍ଣ୍ଣ ଦୂରାଇବା ଅସମ୍ଭବ, କିନ୍ତୁ ସେଗୁଡ଼ିକ ପାଖରୁ ପାରୁପର୍ଯ୍ୟନ୍ତ ଦୂରେଇ ରହିବା ସମ୍ଭବ**

# ବ୍ୟାୟାମ କରିବା କଷ୍ଟକର କାହିଁକି?

ଶରୀର ପାଇଁ ନିୟମିତ ବ୍ୟାୟାମର ଅନେକ ଉପକାରିତା ରହିଛି ବୋଲି ଜାଣିବା ସତ୍ତ୍ୱେ ଅଧିକାଂଶ ଲୋକ ନିୟମିତ ଏହା କରିବାରୁ ବିରତ ରହିଥା'ନ୍ତି। ତେଣୁ ନିରନ୍ତର ବ୍ୟାୟାମ କରିବା ପାଇଁ ମନୋବଳ ଦୃଢ଼ କରିବାର ଆବଶ୍ୟକତା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ପ୍ରତି ଚାରିଜଣଙ୍କ ଭିତରୁ ଜଣେ ସୁପାରିସ ସ୍ତରର ଶାରୀରିକ କାର୍ଯ୍ୟକଳାପ କରନ୍ତି ନାହିଁ। ଫଳରେ ସେମାନଙ୍କର ହୃଦ୍‌ରୋଗ, ମଧୁମେହ ଓ ମେଦବହୁଳତାର ବିପଦ ବୃଦ୍ଧି ପାଇଥାଏ। ତେବେ ବ୍ୟାୟାମ କାତରତାର କାରଣଗୁଡ଼ିକୁ ବୁଝି ପ୍ରଭାବୀ ରଣନୀତି ଆପଣେଇଲେ ସଂପୃକ୍ତ ପ୍ରତିବନ୍ଧକଗୁଡ଼ିକ ଦୂର ହୋଇପାରିବ। ଅଧିକ ସମୟ ବ୍ୟାୟାମ ଦ୍ୱାରା ତାହା ପ୍ରଭାବୀ ହୋଇଥାଏ ବୋଲି ଅନେକ ଭାବିଥା'ନ୍ତି, ମାତ୍ର ତାହା ଠିକ୍ ନୁହେଁ। ସ୍ପଷ୍ଟ ଲକ୍ଷ୍ୟ ସ୍ଥିର ନ କରି ବ୍ୟାୟାମ କରିବା ଦ୍ୱାରା ଆଗ୍ରହ ହ୍ରାସ ପାଇଥାଏ। ସେହିପରି ବ୍ୟାୟାମ ପ୍ରତି ପ୍ରାରମ୍ଭିକ ଉତ୍ସାହ ଦୃଶ୍ୟମାନ ଫଳାଫଳ ବିନା ଫିକା ପଡ଼ିଥାଏ। ଖରାପ ନିଦ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଥକାପଣ ଆଣିବାରୁ ସେଥି ପ୍ରତି ମନ ବଳିନଥାଏ। ପ୍ରତ୍ୟହ ଏକା ପ୍ରକାରର ବ୍ୟାୟାମ କରିବା ଦ୍ୱାରା ରୁଚି କମିଥାଏ। କିଛି ଲୋକ ଦୌଡ଼ିବା କିମ୍ବା ଓଜନ ଉଠାଇବା ଭଳି ପାରମ୍ପରିକ ବ୍ୟାୟାମକୁ ନାପସନ୍ଦ କରିଥା'ନ୍ତି। ଅନେକ ଲୋକ ନିଜ କାର୍ଯ୍ୟଦକ୍ଷତା ସ୍ତର କିମ୍ବା ଶରୀରର ଆକୃତି ବାବଦରେ ଆତ୍ମସଚେତନ ଥାଆନ୍ତି। ବ୍ୟାୟାମଶାଳାରେ ନିଜ ଶରୀରକୁ ନେଇ ଅସୁରକ୍ଷାବୋଧ ଏଭଳି ନବାଗତଙ୍କୁ ନିରୁତ୍ସାହିତ କରିଥାଏ। ଆଣ୍ଠୁଗଣ୍ଠି କି ପିଠି ଯନ୍ତ୍ରଣା କି ପୂର୍ବର କୌଣସି ଆଘାତ ଯୋଗୁଁ ବ୍ୟାୟାମ କଷ୍ଟକର ଲାଗିଥାଏ। ଏଭଳି ବହୁବିଧ ଆହ୍ୱାନ ସତ୍ତ୍ୱେ ବ୍ୟାୟାମକୁ ଏକ ସ୍ଥିର ତଥା ଉପଭୋଗ୍ୟ ଅଭ୍ୟାସ କରିବାର ଉପାୟ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସୁପାରିସ କରାଯାଇଥିବା ସପ୍ତାହକୁ ୧୫୦ ମିନିଟ୍‌ର ବ୍ୟାୟାମକୁ ଛୋଟ ଛୋଟ ଅବଧିରେ ବାଣ୍ଟି ଦେଇହେବ। ପ୍ରତ୍ୟହ ମାତ୍ର ୧୦ ମିନିଟ୍ ଚାଲିବା ମଧ ଏକ ଉତ୍ତମ ଆରମ୍ଭ। କୌଣସି ବ୍ୟାୟାମଶାଳା ଯିବା ଦରକାର ନାହିଁ। ନିୟମିତ ନାଚ, ସନ୍ତରଣ, ଲମ୍ବା ଚାଲି କି ଖେଳାଖେଳି କରି ମଧ ଆଶାନୁରୂପ ଫଳ ମିଳିପାରିବ। କାର୍ଯ୍ୟକଳାପ ବଦଳାଇ ବ୍ୟାୟାମକୁ ଆକର୍ଷଣୀୟ ତଥା ଉତ୍ସାହଜନକ କରିହେବ। ନାଟକୀୟ ଓଜନହ୍ରାସ ପାଇଁ ଲକ୍ଷ୍ୟ ନରଖି ପ୍ରତ୍ୟହ ମାତ୍ର ୫,୦୦୦ ପାହୁଣ୍ଡ ଚାଲିବା ପରି କ୍ଷୁଦ୍ରକାଳୀନ ଲକ୍ଷ୍ୟ ରଖିଲେ ଭଲ। ବ୍ୟାୟାମକୁ ସୂଚୀବଦ୍ଧ କରିବା ବାଞ୍ଛନୀୟ।



# ପ୍ରାପ୍ତବୟସ୍କଙ୍କ ପାଇଁ ବି ଟିକା ଜରୁରି

ଶିଶୁମାନଙ୍କ ଶରୀର ସାଧାରଣତଃ ବିଭିନ୍ନ ରୋଗ ସଂକ୍ରମଣ ପାଇଁ ଏକ ସହଜ ସ୍ଥଳ ହୋଇଥିବାରୁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଟିକାକରଣ ଶିଶୁମାନଙ୍କ ସ୍ୱାସ୍ଥ୍ୟସେବାର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। ଏହା ସଂକ୍ରମଣକୁ ପ୍ରତିରୋଧ କରିବା ସହ ଶିଶୁଙ୍କ ଠାରେ ରୋଗପ୍ରତିରୋଧକ ଶକ୍ତି ମଧ ବଢ଼ାଇଥାଏ। ତେବେ ଏକ ଭ୍ରାନ୍ତ ଧାରଣା ହେଉଛି ଯେ କେବଳ ଶିଶୁମାନଙ୍କ ପାଇଁ ଟିକାକରଣ ଆବଶ୍ୟକ। ଟିକାକରଣ ଶିଶୁଙ୍କୁ ପ୍ରାରମ୍ଭିକ ସୁରକ୍ଷା ଦେଇଥାଏ, ତେବେ ତାହା ଜୀବନବ୍ୟାପୀ ନୁହେଁ। ତେଣୁ ତାହାର ପ୍ରଭାବ ବଜାୟ ରଖିବା ଲାଗି 'ବୁଷ୍ଟର' ଟିକା ଦରକାର ହୁଏ। ବେଳେବେଳେ ବୟସ୍କମାନେ ଭିନ୍ନ ଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି, ଯେଉଁଥିପାଇଁ ନିର୍ଦ୍ଦିଷ୍ଟ ଟିକାକରଣର ଆବଶ୍ୟକତା ରହିଛି। ଉଦାହରଣ ସ୍ୱରୂପ, ସେମାନେ ଇନ୍‌ଫ୍ଲୁଏଞ୍ଜା ଟିକା ନେବା ନିହାତି ଦରକାର, କାରଣ ଏହି ରୋଗ ବୟସ୍କଙ୍କ ପାଇଁ ବିପଦ ସୃଷ୍ଟି କରେ। ସେହିପରି ୫୦ ବର୍ଷରୁ ଅଧିକ ବୟସ୍କଙ୍କ ଠାରେ ଭାରିସେଲା-ଜୋଷ୍ଟର ନାମକ ଭୂତାଣୁର ପୁନଃସକ୍ରିୟତା ଜନିତ ଜଟିଳତାକୁ ରୋକିବା ଲାଗି ସିଙ୍ଗଲ୍‌ସ ଟିକା ଦିଆଯାଇଥାଏ। ମଧୁମେହ, ହୃଦ୍‌ରୋଗ କିମ୍ବା ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ଥିବା ରୋଗୀଙ୍କ କ୍ଷେତ୍ରରେ ଟିକା ସୁରକ୍ଷା ଦେଇଥାଏ। ସୁତରାଂ, ବୟସ୍କମାନେ ମଧ ନିଜ ସମେତ ଚାରିପାଖ ଲୋକଙ୍କୁ ସ୍ୱାସ୍ଥ୍ୟଗତ ସୁରକ୍ଷା ଦେବା ଲାଗି ଟିକାକରଣକୁ ଆପଣେଇବା ଉଚିତ। ବୟସ୍କଙ୍କ ଠାରେ ଟିକାକରଣ ନିରାପଦ ଓ ପ୍ରଭାବଶାଳୀ ବୋଲି ପର୍ଯ୍ୟାପ୍ତ ଅନୁଧ୍ୟାନରୁ ପ୍ରମାଣ ମିଳିସାରିଛି। ତେଣୁ ଏ ବାବଦରେ ବୟସ୍କମାନେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହ ଆଲୋଚନା କରି ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ଟିକାର ମାତ୍ରା ଗ୍ରହଣ କରିବା ଉଚିତ।





# କେଉଁଟି ଅଧିକ ସ୍ୱାସ୍ଥ୍ୟକର



| ବ୍ଲାକ୍ କଫି (୧ କପ୍) | ପୋଷକ ତତ୍ତ୍ୱ | ଗ୍ରିନ୍ ଟି (୧ କପ୍) |
|---|---|---|
| ୫ କିଲୋକ୍ୟାଲୋରି | କ୍ୟାଲୋରି | ୨.୫ କିଲୋକ୍ୟାଲୋରି |
| ୦.୪୨ ଗ୍ରାମ୍ | ଶ୍ୱେତସାର | -- |
| ୨.୫ ମିଲିଗ୍ରାମ୍ | ସୋଡିୟମ୍ | ୨.୫ ମିଲିଗ୍ରାମ୍ |
| ୫ ମିଲିଗ୍ରାମ୍ | କ୍ୟାଲ୍‌ସିୟମ୍ | -- |
| ୦.୦୫ ମିଲିଗ୍ରାମ୍ | ଲୌହସାର | ୦.୦୫ ମିଲିଗ୍ରାମ୍ |
| ୯.୯ ମିଲିଗ୍ରାମ୍ | ମ୍ୟାଗ୍ନେସିୟମ୍ | ୨.୫ ମିଲିଗ୍ରାମ୍ |
| ୧୨୪ ମିଲିଗ୍ରାମ୍ | ପୋଟାସିୟମ୍ | ୨୦ ମିଲିଗ୍ରାମ୍ |
| ୦.୦୫ ମିଲିଗ୍ରାମ୍ | ଥାୟାମିନ୍(ଭିଟାମିନ୍ ବି-୧) | ୦.୦୨ ମିଲିଗ୍ରାମ୍ |
| -- | ରିବୋଫ୍ଲାବିନ୍ (ଭିଟାମିନ୍ ବି-୨) | ୦.୧୪ ମିଲିଗ୍ରାମ୍ |
| ୨ ମିଲିଗ୍ରାମ୍ | ନିଆସିନ୍ (ଭିଟାମିନ୍ ବି-୩) | ୦.୦୭ ମିଲିଗ୍ରାମ୍ |
| ୦୦ | ଭିଟାମିନ୍ ବି-୬ | ୦.୦୧ ମିଲିଗ୍ରାମ୍ |
| ୦.୭ ଗ୍ରାମ୍ | ପୁଷ୍ଟିସାର | ୦.୫୪ ଗ୍ରାମ୍ |
| ୦.୦୧ ମିଲିଗ୍ରାମ୍ | କପର୍ | |
| ୦.୦୮ ମିଲିଗ୍ରାମ୍ | ମାଙ୍ଗାନିଜ୍ | ୦.୪୫ ମିଲିଗ୍ରାମ୍ |
| ୭.୪ ମିଲିଗ୍ରାମ୍ | ଫସ୍‌ଫରସ୍ | -- |
| ୦.୦୫ ମିଲିଗ୍ରାମ୍ | ଜିଙ୍କ୍ | ୦.୦୨ ମିଲିଗ୍ରାମ୍ |
| ୨୪୭ ଗ୍ରାମ୍ | ଜଳ | ୨୪୫ ଗ୍ରାମ୍ |

ବ୍ଲାକ୍ କଫି ଓ ଗ୍ରିନ୍ ଟି ଉଭୟ ସମଗ୍ର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା, ଓଜନ ହ୍ରାସ କରିବା ଓ ଦୀର୍ଘକାଳୀନ ଭାବେ ସୁସ୍ଥ ରଖିବାରେ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ। ହଠାତ୍ ସକ୍ରିୟତା ବଢ଼ାଇବାକୁ ବା କ୍ଳାନ୍ତି ମେଣ୍ଟାଇବାକୁ ବ୍ଲାକ୍ କଫି ଲାଭକାରୀ ହୋଇଥାଏ। ସେହିଭଳି ସାମାନ୍ୟ ଶକ୍ତି ବୃଦ୍ଧି ଓ ଆରାମ ପାଇଁ ଗ୍ରିନ୍ ଟି ଉପକାରୀ। ଓଜନ ହ୍ରାସ ଉପରେ ଗୁରୁତ୍ୱ ଦେଉଥିବା ବ୍ୟକ୍ତିମାନଙ୍କ ପାଇଁ ଉଭୟ ପାନୀୟ ପ୍ରଭାବଶାଳୀ। ଦୀର୍ଘକାଳୀନ ସ୍ୱାସ୍ଥ୍ୟ ଉପକାରିତା ପାଇଁ ଗ୍ରିନ୍ ଟି, ବ୍ଲାକ୍ କଫିଠାରୁ ଉନ୍ନତ ବୋଲି ଗବେଷଣାରୁ ଜଣାପଡ଼ିଛି। କାରଣ ଗ୍ରିନ୍ ଟିରେ କ୍ୟାଟେଚିନ୍ ପରି ଆଣ୍ଟିଅକ୍ସିଡାଣ୍ଟ୍‌ର ମାତ୍ରା ଅଧିକ ରହିଥାଏ।



# ରୋବୋଟିକ୍ସ ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାର ଯନ୍ତ୍ରଣାବିହୀନ

ଡାକ୍ତରଙ୍କୁ ୫ ପ୍ରଶ୍ନ

**ଆଣ୍ଠୁ ପ୍ରତିସ୍ଥାପନ କାହିଁକି ଜରୁରି?**

ଆଣ୍ଠୁ ପ୍ରତିସ୍ଥାପନ (ନି' ରିପ୍ଲେସ୍‌ମେଣ୍ଟ୍) ଅସ୍ତ୍ରୋପଚାର ଏକ ସାଧାରଣ ପ୍ରକ୍ରିୟା ଯାହା ଗଭୀର ଆଣ୍ଠୁଗଣ୍ଠି ବାତ ବା ଆଣ୍ଠୁ ଆଘାତପ୍ରାପ୍ତ ରୋଗୀଙ୍କ ଯନ୍ତ୍ରଣାକୁ ଦୂର କରିବା ସହ ସେମାନଙ୍କୁ ପୁନର୍ବାର ସ୍ୱାଭାବିକ ଭାବେ ଚଳପ୍ରଚଳ କରିବାରେ ସାହାଯ୍ୟ କରିଥାଏ। ପାରମ୍ପରିକ ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାର ରୋଗୀଙ୍କ ଜୀବଳଶୈଳୀରେ ଉନ୍ନତି ଆଣିବାରେ ସଫଳ ହେଉଥିବା ବେଳେ ପ୍ରଯୁକ୍ତିବିଦ୍ୟାର ବିକାଶ ଯୋଗୁଁ ରୋବୋଟିକ୍ ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାର ଏବେ ଚିକିତ୍ସା ବିଜ୍ଞାନ ପାଇଁ ବରଦାନ ହୋଇଛି।

**ରୋବୋଟିକ୍ ଆଣ୍ଠୁ ପ୍ରତିସ୍ଥାପନ କିଭଳି ହୁଏ?**

'ରୋବୋଟିକ୍ ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାର' କମ୍ପ୍ୟୁଟର ସିଷ୍ଟମ ଦ୍ୱାରା ପରିଚାଳିତ। କମ୍ପ୍ୟୁଟର ମାଧ୍ୟମରେ ରୋଗୀ ଆଣ୍ଠୁର ଏକ ୩-ଡି ମଡେଲ୍ ପ୍ରସ୍ତୁତ ହୁଏ। ଅସ୍ତ୍ରୋପଚାର ସମୟରେ ସର୍ଜନଙ୍କୁ ସାହାଯ୍ୟ କରିବା ପାଇଁ ରୋବୋଟିକ୍ ଆର୍ମର ବ୍ୟବହାର କରାଯାଇଥାଏ। ରୋବୋଟିକ୍ ଆର୍ମରେ ଅସ୍ତ୍ରୋପଚାର ଉପକରଣ ରହିଥାଏ। ଏହି ଉପକରଣଗୁଡ଼ିକୁ ଏକ କମ୍ପ୍ୟୁଟର ସିଷ୍ଟମ ଦ୍ୱାରା ପରିଚାଳିତ କରାଯାଏ। ଏହି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସଠିକ୍ ପ୍ରତିସ୍ଥାପନ ସମ୍ଭବ ହୁଏ ଏବଂ ଏହା ଅସ୍ତ୍ରୋପଚାରକୁ ଅଧିକ ସଫଳ କରିବାରେ ସାହାଯ୍ୟ କରେ।

**ପାରମ୍ପରିକ ଅସ୍ତ୍ରୋପଚାର ତୁଳନାରେ ରୋବୋଟିକ୍ କାହିଁକି ଭଲ?**

ରୋବୋଟିକ୍ ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାରର ଅନ୍ୟତମ ପ୍ରମୁଖ ଲାଭ ହେଉଛି ଏହାର ସଠିକତା। ପାରମ୍ପରିକ ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାରରେ ସର୍ଜନ ନିଜେ ହାତରେ କ୍ଷତିଗ୍ରସ୍ତ ଅସ୍ଥି ଓ କାର୍ଟିଲେଜ ବାହାର କରିଥା'ନ୍ତି। ଏହାଦ୍ୱାରା ପ୍ରତିସ୍ଥାପନ ସମୟରେ ଛୋଟ ଛୋଟ ତ୍ରୁଟି ରହିବାର ଆଶଙ୍କା ଥାଏ। ଯାହାଦ୍ୱାରା ଅସ୍ତ୍ରୋପଚାର ପରେ ଆଣ୍ଠୁର ଚଳାଚଳ କମ୍ ସ୍ୱାଭାବିକ ଅନୁଭୂତ ହୋଇପାରେ। ଅପରପକ୍ଷେ, ରୋବୋଟିକ୍ ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାର ଦ୍ୱାରା ସର୍ଜନ ଅଧିକ ସଠିକ୍ ଛିଦ୍ର କରି କେବଳ ଆବଶ୍ୟକ କ୍ଷତିଗ୍ରସ୍ତ ଅସ୍ଥି ଓ କାର୍ଟିଲେଜକୁ ବାହାର କରିଥାଆନ୍ତି। ଏହାପରେ ନୂତନ ଆଣ୍ଠୁ ପ୍ରତିସ୍ଥାପନକୁ ସଠିକ୍ ସ୍ଥାନରେ ସ୍ଥାନାନ୍ତର ପାଇଁ ରୋବୋଟିକ୍ ଆର୍ମ ବ୍ୟବହାର କରାଯାଇଥାଏ। ଯାହା ଫଳରେ ଅସ୍ତ୍ରୋପଚାର ପରେ ରୋଗୀର ଆଣ୍ଠୁ ଅଧିକ ସ୍ୱାଭାବିକ ଅନୁଭବ କରିଥାଏ।

**ରୋବୋଟିକ୍ ଅସ୍ତ୍ରୋପଚାରର ଲାଭ କ'ଣ?**

ରୋବୋଟିକ୍ ସହାୟତାରେ ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାରର ଆଉ ଏକ ଲାଭ ହେଉଛି, ଏହି ଅସ୍ତ୍ରୋପଚାର ପରେ ରୋଗୀ ଖୁବ୍ ଶୀଘ୍ର ସ୍ୱାଭାବିକ ଜୀବନକୁ ଫେରିପାରେ। ଯେହେତୁ ରୋବୋଟିକ୍ ଆର୍ମ ଅଧିକ ସଠିକ୍ ଅସ୍ତ୍ରୋପଚାର ଦ୍ୱାରା କ୍ଷତ ଓ ପ୍ରତିରୋପଣ ସ୍ଥାନ ନିର୍ଦ୍ଧାରଣ କରିଥାଏ, ଅସ୍ତ୍ରୋପଚାର ପରେ ରୋଗୀ କମ୍ ଯନ୍ତ୍ରଣା ଅନୁଭବ କରିଥା'ନ୍ତି। ଏହାଦ୍ୱାରା ରୋଗୀ ଶୀଘ୍ର ଆରୋଗ୍ୟ ଲାଭ କରିବା ସହ ଦୈନନ୍ଦିନ କାର୍ଯ୍ୟକଳାପକୁ ଶୀଘ୍ର ପ୍ରତ୍ୟାବର୍ତ୍ତନ କରେ।

**କମ୍ପ୍ୟୁଟରଗତ ତ୍ରୁଟି ଯୋଗୁଁ ଅସ୍ତ୍ରୋପଚାର ପରେ ଆଣ୍ଠୁରେ ସମସ୍ୟା ଦେଖାଯାଏ ନାହିଁ ତ?**

ନା, ଏହାର ସଠିକତା ଖୁବ୍ ଅଧିକ। ଗବେଷଣାରୁ ଜଣାପଡ଼ିଛି, ରୋବୋଟିକ୍ ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାର କରିଥିବା ରୋଗୀମାନେ ସେମାନଙ୍କର ଅସ୍ତ୍ରୋପଚାର ଆଣ୍ଠୁକୁ ନେଇ ଅଧିକ ସନ୍ତୋଷ ଅନୁଭବ କରୁଥିବା ବେଳେ ସେମାନଙ୍କ ଆଣ୍ଠୁ ଚଳାଚଳରେ ଉନ୍ନତି ଦେଖାଯାଇଥାଏ। ଏହାବ୍ୟତୀତ ରୋବୋଟିକ୍ସର ବ୍ୟବହାର ଦ୍ୱାରା ଅସ୍ତ୍ରୋପଚାର ସମୟରେ କୌଣସି ପ୍ରକାର ଅପ୍ରୀତିକର ଜଟିଳତା ଦେଖାଯିବାର ଆଶଙ୍କା କମ୍ ରହିଥାଏ।



ଡାକ୍ତର ସୁନୀଲ୍ କୁମାର ଦାସ
ବରିଷ୍ଠ ସର୍ଜନ ରୋବୋଟିକ୍ ନି ରିପ୍ଲେସ୍‌ମେଣ୍ଟ୍ (ଅର୍ଥୋ), ମଣିପାଲ୍ ହସ୍‌ପିଟାଲ୍, ଭୁବନେଶ୍ୱର,
ଫୋନ୍: ୯୯୩୮୨୨୧୯୬୩

# ପାଦ ସମସ୍ୟା ହୋଇପାରେ ଗମ୍ଭୀର ରୋଗର ସଂକେତ

କୌଣସି ବଡ଼ ସମସ୍ୟା ହେଲେ ଶରୀର ବିଭିନ୍ନ ଶୈଳୀରେ ଆଦ୍ୟ ସଂକେତ ପ୍ରେରଣ କରିଥାଏ। ପାଦରେ ଦେଖାଦେଉଥିବା ସେଭଳି କିଛି ସଂକେତ ବିଷୟରେ ଜାଣିବା।

**ପାଦ ଥଣ୍ଡା ରହିବା:** ଯଦି ଗରମ ପରିବେଶରେ ବି ପାଦ ଥଣ୍ଡା ରହୁଛି ତେବେ ତାହା ରକ୍ତ ସଂଚାଳନ ସମସ୍ୟାର ସଂକେତ ହୋଇପାରେ। ପେରିଫେରାଲ୍ ଆର୍ଟେରି ଡିଜିଜ୍ (ପିଏଡି) ରୋଗରେ ଅତ୍ୟଧିକ ଚର୍ବି ଜମାଟ ବାନ୍ଧିବା ଯୋଗୁଁ ଧମନୀଗୁଡ଼ିକ ସଂକୁଚିତ ହୋଇଯାଏ, ଫଳରେ ପାଦ ପର୍ଯ୍ୟନ୍ତ ରକ୍ତ ପହଞ୍ଚିବାରେ ସମସ୍ୟା ଦେଖାଦିଏ।

**ଛୁଞ୍ଚି ଫୋଡ଼ିବା ପରି ଲାଗିବା:** ପାଦରେ ନିୟମିତ ଛୁଞ୍ଚି ଫୋଡ଼ିବା ପରି ଲାଗିବା ଅଥବା ପାଦ ବଧିର ହୋଇଯିବା ସ୍ନାୟୁ କ୍ଷତିଗ୍ରସ୍ତ ହେବାର ଲକ୍ଷଣ ହୋଇପାରେ। ରକ୍ତ ଶର୍କରାର ମାତ୍ରା ଅଧିକ ରହିଲେ ସ୍ନାୟୁଗୁଡ଼ିକ ନଷ୍ଟ ହୋଇଯାଆନ୍ତି, ଯାହାକୁ ଡାଇବେଟିକ୍ ନ୍ୟୁରୋପାଥି ବୋଲି କୁହାଯାଏ।

**ଗୋଇଠିରେ ଯନ୍ତ୍ରଣା:** ସକାଳୁ ବିଛଣାରୁ ଉଠିବା ପରେ ତୀବ୍ର ଯନ୍ତ୍ରଣା ହେବା ପ୍ଲାଣ୍ଟାର୍ ଫାସାଇଟିସ୍ ରୋଗର ଲକ୍ଷଣ ହୋଇପାରେ। ଏହି ରୋଗ ହେଲେ ଗୋଇଠିର ହାଡ଼ ସହ ଆଙ୍ଗୁଳିଗୁଡ଼ିକୁ ଯୋଡୁଥିବା ମାଂସପେଶୀ ଫୁଲିଯାଏ। ଏହା କ୍ରମେ ଶରୀରର ସବୁ ଗଣ୍ଠିକୁ ଆକ୍ରାନ୍ତ କରିପାରେ।

**ପାଦ କୁଣ୍ଡାଇ ହେବା:** ଶୁଷ୍କତା ଓ କବକ ସଂକ୍ରମଣ ଯୋଗୁଁ ପାଦ କୁଣ୍ଡାଇ ହେବା ସାଧାରଣ କଥା। କିନ୍ତୁ ଯଦି ବାରମ୍ବାର ଠିକ୍ ହୋଇ ପୁଣି ପାଦ କୁଣ୍ଡାଇ ହେଉଛି ତାହା ଦୁର୍ବଳ ପ୍ରତିରୋଧକ ଶକ୍ତିର ଲକ୍ଷଣ ହୋଇପାରେ। ଏକ୍‌ଜିମା ଓ ସୋରାଇସିସ୍ ଭଳି ସ୍ଥାୟୀ ରୋଗର ପ୍ରଥମ ଲକ୍ଷଣ ମଧ ଏହିପରି ଭାବେ ଦେଖାଦେଇପାରେ।



# ଆଖି ପ୍ରତି ଅତିବାଇଗଣୀ ରଶ୍ମିର ବିପଦ

ଅତିବାଇଗଣୀ ରଶ୍ମି ହେଉଛି ଆଲୋକର ଅଦୃଶ୍ୟ ବିକିରଣ, ଯାହା ସାଧାରଣତଃ ପ୍ରାକୃତିକ ଭାବେ ସୂର୍ଯ୍ୟାଲୋକରେ ରହିଥାଏ। ଏହା ସହଜରେ ଆଖିର ତନ୍ତୁ ଭେଦ କରି ଗମ୍ଭୀର ଅବସ୍ଥା ସୃଷ୍ଟି କରିପାରେ। ୟୁଭିଏ, ୟୁଭିବି ଓ ୟୁଭିସି ପରି ତିନି ପ୍ରକାର ଅତିବାଇଗଣୀ ରଶ୍ମି ରହିଛି। ୟୁଭିସି ପୃଥିବୀର ବାୟୁମଣ୍ଡଳ ଦ୍ୱାରା ଶୋଷି ହୋଇଯାଏ। ତେବେ ସର୍ବାଧିକ ସୂର୍ଯ୍ୟାଲୋକ ସମୟରେ ୟୁଭିଏ ଓ ୟୁଭିବି ଭୂପୃଷ୍ଠକୁ ପହଞ୍ଚିଥା'ନ୍ତି। ଏହି ରଶ୍ମି ଫଟୋକେରାଟାଟିସ୍ (କର୍ଣ୍ଣିଆର ଏକ ଯନ୍ତ୍ରଣାଦାୟକ ଅବସ୍ଥା), ପେଟେରିଜିଅମ୍ (ଆଖିର ଧଳା ଅଂଶର ବୃଦ୍ଧି) ଏବଂ ଅନ୍ୟାନ୍ୟ ଗମ୍ଭୀର ଚକ୍ଷୁ ସମସ୍ୟା ବଢ଼ାଇଥାଏ। ଅତିବାଇଗଣୀ ରଶ୍ମି ଯୋଗୁଁ ମୋତିଆବିନ୍ଦୁ ଆଶଙ୍କା ବଢ଼େ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ମୋତିଆବିନ୍ଦୁର ଶିକାର ଲୋକଙ୍କ ଭିତରୁ ୧୦%ଙ୍କ କ୍ଷେତ୍ରରେ ଅତିବାଇଗଣୀ ରଶ୍ମି ସଂସ୍ପର୍ଶରେ ଆସିବା ହେଉଛି ମୁଖ୍ୟ କାରଣ। ଏହା ଆଖିପତା କର୍କଟ ପାଇଁ ମଧ ଦାୟୀ। ତେଣୁ ଏ ସବୁଥିରୁ ବର୍ତ୍ତିବା ପାଇଁ ୟୁଭିଏ ଓ ୟୁଭିବି କିରଣକୁ ଅବରୋଧ କରିପାରୁଥିବା ସନ୍‌ଗ୍ଲାସ ବ୍ୟବହାର କରିବା ଉଚିତ। ସେହିପରି ଟୋପି ପିନ୍ଧି ଆଖିକୁ ସିଧାସଳଖ ସୂର୍ଯ୍ୟକିରଣରୁ ଦୂରେଇ ରଖିଲେ ଭଲ। ଦିନ ୧୦ଟାରୁ ୪ଟା ଯାଏ ବାହାର କାର୍ଯ୍ୟକଳାପରୁ ଦୂରେଇ ରହିବା ଆଖି ପାଇଁ ସର୍ବାଧିକ ଉପାଦେୟ।



SANCHAR ସଂଚାର

## ବର୍ଷା କାହା ପାଇଁ ସୁଖ କାହା ପାଇଁ ଦୁଃଖ

# ଲଗାଣ ବର୍ଷାରେ ବେହାଲ ଜନଜୀବନ

**କଳିଙ୍ଗନଗର,୫।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ୨୦୩୬ ବେଳକୁ ଏକ ବିକଶିତ ରାଷ୍ଟ୍ର ହେବା ପାଇଁ ବ୍ଲୁ ପ୍ରିଣ୍ଟ କରିଛନ୍ତି। ବିକାଶ ର ସ୍ୱପ୍ନ ଦେଖୁଛନ୍ତି ସପ୍ତାହ ହେଲା ଲଗାଣ ବର୍ଷା ଅବିରତ ଚାଲିଛି। ଦୀନ ଦୁଃଖୀ ଲୋକ ମାନେ କିପରି ଦୁଃଖରେ ଜର୍ଜରିତ ହୋଇ ଦିନ କାଟୁଛନ୍ତି ତାହାର ଚିତ୍ର ଗ୍ରାମଞ୍ଚଳ ମାନଙ୍କ ରେ ଦେଖିବାକୁ ମିଳୁଛି। ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତ ର ସୁଆଁଲ ଗାଁ। ଏହି ଗାଁ ର ୧୨ ନମ୍ବର ୱାର୍ଡ ର ଗୁଲାସାହି ରେ ରୁହନ୍ତି ଦୀପିକା ମୁଣ୍ଡା (୩୦) ପରିବାର କହିଲେ ତାଙ୍କ ର ଦୁଇଟି ଝିଅ। ବଡ଼ ଝିଅ ମୀରା ମୁଣ୍ଡା (୮) ଓ ସାନ ଝିଅ ଗୀତା ମୁଣ୍ଡା (୪) ଏହି ବର୍ଷା ଦିନେ ଦୀପିକା ଙ୍କର ଦୁଃଖ ଯିଏ ଦେଖିବ ତା ଆଖିରୁ ଲୁହ ଆସିଯିବ ନିୟତି ଏପରି ନିଷ୍ଠୁର ସାଜିଲା ଯେ ଅଳ୍ପ ବୟସ ରୁ ବୈଧବ ର ଯନ୍ତ୍ରଣା ଭୋଗିବାକୁ ପଡିଲା ତାଙ୍କୁ। ତାଙ୍କ ସ୍ୱାମୀ ସୀତାରାମ ମୁଣ୍ଡା



ଦିନ ମଜୁରିଆ ଭାବେ ମାନପୁର ରେଲୱେ ପ୍ଲଟ ରେ କାମ କରୁଥିବା ସମୟରେ ପ୍ରଦୂଷଣ ଜନିତ ଶ୍ୱାସ ରୋଗ ରେ ପଡି ପଡି ଅର୍ଥ ଅଭାବରୁ ଆଉ ପାରିକି ଚାଲିଗଲେ। ଆଜକୁ ତିନି ବର୍ଷ ହେବ ସ୍ୱାମୀ ଙ୍କୁ ହରାଇଲା ପରେ ଦୀପିକା ଙ୍କ ମୁଣ୍ଡ ଉପରେ ଦୁଃଖ ର ପାହାଡ଼। ଜିନ୍ଦଲ ଗ୍ରାଣ୍ଡିଟ ହାଉସ ପାଚେରୀ ପାଖରେ ଏକ ଜରିପାଲ ଘେରା ଦଦରା ଭଙ୍ଗା ଘରେ ରୁହନ୍ତି ଏହି ଦୀପିକା ଓ ତାର କୁନି କୁନି ଦୁଇ ଝିଅ। ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଆସିଲାଣି। ଖରା ହେଲେ ପ୍ରଚଣ୍ଡ ଉତ୍ତାପ ଓ ବର୍ଷା ହେଲେ ପାଣି ପଶୁଛି ଘର ଭିତରେ। ଦୀପିକା ସ୍ୱାମୀ ଙ୍କ ମୃତ୍ୟୁ ପରେ ଚାଳ ଘର ଖଣ୍ଡିକ ଛପର କରି ପାରୁନାହାଁ। ବଡ଼ ଝିଅ ମୀରାକୁ ସ୍ଥାନୀୟ ସୁଆଁଲ ଗାଁ ର ପ୍ରାଥମିକ ବିଦ୍ୟାଳୟ ରେ ଦ୍ୱିତୀୟ ଶ୍ରେଣୀ ରେ ପଢେ ଓ ସାନ ଝିଅ ଟି ଅଙ୍ଗନବାଡି କୁ ଯାଏ ସବୁଠାରୁ ଦୁଃଖ ଦୁର୍ଭାଗ୍ୟ ର କଥା ଏ ପରିବାର ର ରାସନ କାର୍ଡ ନାହିଁ। ଆବାସ ଯୋଜନା ରେ ଘର ଖଣ୍ଡେ ନାହିଁ।ଜମିବାଡ଼ି ଚାଷ ବାସ କିଛି ନାହିଁ। ଦୀପିକା ଙ୍କୁ ବିଧବା ଭତ୍ତା ମିଳୁନାହିଁ। ଦୈନିକ ରାତି ପାହିଲେ ଦୀପିକା ମୁଲ ମଜୁରୀ ଲାଗିବାକୁ ଗଲେ ଚୁଲି ଜଳେ ନଚେତ ଉପାସ। ମାଗିଯାଚି ଦୁଇ ଝିଅ ଙ୍କ ମୁହଁରେ ଦାନା ଦିଏ କିନ୍ତୁ ତାଙ୍କୁ ଦୁଃଖ ଦେଇଛି ଲଗାଣ ବର୍ଷା ବର୍ଷା ଦୈନିକ ହେବାରୁ ଘର ଭିତରେ ପାଣି ଜମି ରହୁଛି। ସନ୍ତ ସନ୍ତିଆ ପରିବେଶ କାଦୁଅ ପଚ ପଚ ଘର ଚାରିପାଖରେ ଦିନେ ଖାଇଲେ ଦିନେ ଉପାସ ରହିବାକୁ ପଡୁଛି। କାରଣ ବର୍ଷା ହେଉଥିବାରୁ ଦୈନିକ କାମ କରିବାକୁ ଯାଇ ହେଉନାହିଁ। ଆଉ ସବୁଠୁ ଦୁଃଖ ର ସରକାର କହୁଛନ୍ତି ଲୋକଙ୍କର ଲୋକଙ୍କ ଦୁଆରେ ମୁହଁରେ ଯୋଜନା ପହଞ୍ଚିବ ସମାଜ ର ଶେଷ ଧାଡିରେ ଥିବା ଲୋକଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚିବ ବାସ୍ତବ ରେ ଭାତ ହାଣ୍ଡିରୁ ଭାତ ଚିପିଲା ପରି ଏହି ଆଦିବାସୀ ବର୍ଗ ର ଦୁଃଖିନୀ ଦୀପିକା ମୁଣ୍ଡା ର ଦୁଃଖ ଦେଖିଲେ ସାରା ବ୍ଲକ ରେ ଲୋକମାନେ କିପରି ରହୁଥିବେ ତାହା ସହଜେ ଅନୁମେୟ। ଏହି ପଞ୍ଚାୟତ ରେ ସଦ୍ୟ ସମାପ୍ତ (ଗତ ୩୦/୬/୨୫ ସୋମବାର) ହୋଇଥିବା ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି କଣ ଏହି ସାହିର ୯୦ ପ୍ରତିଶତ ବାସିନ୍ଦା ଙ୍କୁ ପଚାରିଲେ କହୁଛନ୍ତି ଆମେ ଖବର ପାଇନାହୁଁ। ବାସ୍ତବରେ ସ୍ୱାଧୀନତା ର ୭୫ ବର୍ଷ ପରେ ବ୍ଲକ ସନ୍ନି କଟ ଆଦିବାସୀ ବସ୍ତି ବାସିନ୍ଦା ଙ୍କର ମୌଳିକ ଦୁଃଖ ଦୂର ହୋଇ ପାରିଲା ନାହିଁ।

# ଲାଠି, କାଳିଶୀ ସହ ବାହୁଡିଲେ ବିଶ୍ୱ ନିୟନ୍ତା

● ଗୋଟୋମୁଣ୍ଡା ବାହୁଡ଼ାଯାତ୍ରାରେ ଦେଖିବାକୁ ମିଳେ ନିଆରା ଦୃଶ୍ୟ



**କଳାହାଣ୍ଡି,୫।୭(ସଂଚାର ବ୍ୟୁରୋ):** ଶ୍ରୀକ୍ଷେତ୍ର ସମେତ ବିଶ୍ୱର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ଅନୁଷ୍ଠିତ ହୋଇଆସୁଛି। ଅନେକ ସ୍ଥାନରେ ଶ୍ରୀମନ୍ଦିର ନୀତିକୁ ଅନୁସରଣ କରି ଘୋଷଯାତ୍ରା ପାଳିତ ହେଉଛି। କଳାହାଣ୍ଡିର କେତେକ ଅଞ୍ଚଳରେ କିନ୍ତୁ ଆଦି ସଂସ୍କୃତିର ଧାରାରେ ଜଗତର ନାଥ ଜଗନ୍ନାଥଙ୍କ ଏହି ମହାନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଶ୍ରୀକ୍ଷେତ୍ରର ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନେଇ ସାରା ରାଜ୍ୟରେ ବ୍ୟାପ୍ତ ହୋଇଛି ଜଗନ୍ନାଥ ସଂସ୍କୃତି । ସେହି କ୍ରମରେ ଗଡ଼ଜାତ ଶାସନ ସମୟରୁ କଳାହାଣ୍ଡିର ବିଭିନ୍ନ ସ୍ଥାନରେ ଜଗନ୍ନାଥ ମନ୍ଦିରମାନ ନିର୍ମାଣ ହୋଇ ପୂଜାର୍ଚ୍ଚନା ଓ ଯାନିଯାତ୍ରାଦି ପାଳିତ ହୋଇଆସୁଛି। ଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ରଥଯାତ୍ରା ସର୍ବଶ୍ରେଷ୍ଠ ବୋଲି ମାନ୍ୟତା ରହିଛି । ତେବେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ଆଦିବାସୀ ଅଧୁଷିତ ଗୋତମୁଣ୍ଡା ଗ୍ରାମର ବାହୁଡା ଯାତ୍ରା ଭିନ୍ନ ପରମ୍ପରା ଯୋଗୁଁ ସାରା ଓଡ଼ିଶାରେ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିଥାଏ । ଜଗନ୍ନାଥ ସଂସ୍କୃତି ଏହି ଅଞ୍ଚଳକୁ ଆସିବା ବହୁ ପୂର୍ବରୁ ଅଭିଚାର ତନ୍ତ୍ର ଧାରାରେ ଅନେକ ଦେବାଦେବୀ ପୂଜା ପାଉଥିଲେ । ପ୍ରାଚୀନ ଓ ବୈଦିକ ଧର୍ମଧାର ର ସମ୍ମିଶ୍ରଣ ଘଟାଇ ଅନେକ ସିଦ୍ଧ ପୁରୁଷ ଜଗନ୍ନାଥ ସଂସ୍କୃତିକୁ ଏହି ମାଟିରେ ସୁଦୃଢ଼ କରି ପାରିଥିଲେ। କଳାହାଣ୍ଡି ନାଗବଂଶୀ ମହାରାଜ ବ୍ରଜମୋହନ ଦେଓଙ୍କ ଶାସନକାଳ ୧୯୧୮ ମସିହାରୁ ଗୋତୋମୁଣ୍ଡାରେ ପାଳିତ ହେଉଛି ରଥଯାତ୍ରା। ବାହୁଡ଼ା ଯାତ୍ରା ଦିନ ରଥକୁ ଦେବାଦେବୀଙ୍କ ଲାଠି, କାଳିଶୀ ଟାଣିବା ଏଠାକାର ଏକ ନିଆରା ପରମ୍ପରା। ଗୋତମୁଣ୍ଡା ଓ ପାଖାପାଖି ଗ୍ରାମ ଗୁଡିକର ଦେବାଦେବୀଙ୍କ ଲାଠି, କୁର୍ଷି, କାଳିଶୀ ସାମିଲ ହୋଇ ଶ୍ରୀଜୀଉଙ୍କ ରଥ ଟାଣିଥାନ୍ତି । ଏଭଳି ପ୍ରଥା ଅନୁସାରେ ଗୋତମୁଣ୍ଡାରେ ପ୍ରତି ବର୍ଷ ବାହୁଡା ଯାତ୍ରା ହେଉଥିବାରୁ ସୀମାନ୍ତ ଛତିଶଗଡ ରାଜ୍ୟ, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଭକ୍ତ ଓ ଦର୍ଶକଙ୍କ ସମାଗମ ହୋଇଥାଏ ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଫୁଲବାଣୀ,୫।୭(ସଂଚାର ବ୍ୟୁରୋ):** ଖଜୁରୀପଡ଼ା ଥାନା ଅନ୍ତର୍ଗତ ଖୁସି ଢ଼ାବା ନିକଟରେ ଜଣେ ବାଇକ୍ ଆରୋହୀ ଦୁର୍ଘଟଣା ହୋଇ ମୃତ୍ୟୁ ବରଣ କରିଛନ୍ତି। ସୂଚନା ମୁତାବକ ଦଳ ପଡା ପଞ୍ଚାୟତର ବ୍ରଡି ଗୁଡ଼ା ଗ୍ରାମର ପ୍ରସନ୍ନ କୁମାର କହଁରଙ୍କ ପୁଅ ଆଲୋକ କହଁର (୨୫) କୌଣସି କାମରେ ଖଜୁରୀପଡ଼ା ଯାଇ ସେଠାରୁ ଫୁଲବାଣୀ ଓଡି ୧୨ ଡି ୫୪୩୪ ଗ୍ଲାମର ବାଇକରେ ଯାଉଥିବା ବେଳେ ଖୁସି ଢ଼ାବା ତେନ୍ତୁଳି ବାଙ୍କରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟି ସେଠାରେ ପଡ଼ି ରହିଥିଲା । ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଖଜୁରୀପଡ଼ା ମେଡିକାଲ ଆଲୋକକୁ ନେଇଥିଲା ।

ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ବୋଲି ମା ଦୌପଦୀ କହଁର ଥାନାରେ ଏତଲା ଦେଇଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା କରାଯାଇ ଘଟଣାର ତଦନ୍ତ ଚାଲିଥିବା ସୂଚନା ମିଳିଛି।



## ଫୁଲବାଣୀ ବିଧାୟକଙ୍କ ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ



**କନ୍ଧମାଳ,୫।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଫୁଲବାଣୀ ବିଧାୟକ ଶ୍ରୀଯୁକ୍ତ ଉମାଚରଣ ମଲ୍ଲିକଙ୍କ ଛାତ୍ରଛାତ୍ରୀ ଶିକ୍ଷାର ଉନ୍ନତି ନିମନ୍ତେ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲାର ଫୁଲବାଣୀ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହେବାପରେ ବିଧାୟକ ଶ୍ରୀଯୁକ୍ତ ଉମାଚରଣ ମଲିକ ବିଭିନ୍ନ ପାହାଡ଼ିଆ, ଉପାନ୍ତ ଅଞ୍ଚଳକୁ ଯାଇ ଲୋକମାନଙ୍କର ସୁଖ ଦୁଃଖ ଓ ସୁବିଧା ଅସୁବିଧା ବିଷୟରେ ଆଲେଚନା କରି ଲୋକ ମାନଙ୍କର ସମସ୍ୟା ବୁଝି ଜନସାଧାରଣଙ୍କ ନିକଟତର ହେଉଥିବା ବେଳେ ବୁଧବାର ଦିନ କନ୍ଧମାଳ ଜିଲ୍ଲାର ଫୁଲବାଣୀ ବ୍ଲକ ଅନ୍ତର୍ଗତ ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକନା ଗାଁ ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ଆଲୋଚନା କରି ଶିକ୍ଷକ ମାନଙ୍କର ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ ଅନୁଧ୍ୟାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠ ପଢ଼ି ବିଦ୍ୟାଳୟର ନା ରଖିବା ସହିତ ଭବିଷ୍ୟତ ବଡ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ବିଧାୟକଙ୍କର ଏପରି କାର୍ଯ୍ୟକଳାପ ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବି ମହଲରୁ ପ୍ରଶଂସା କରୁଥିବା ଜଣାପଡ଼ିଛି ।

## ବାହୁଡା ଯାତ୍ରାରେ ଅଟକି ଭକ୍ତଙ୍କୁ ଦର୍ଶନ ଦେଲେ ଶ୍ରୀ ଦଧି ବାମନ ମହାପ୍ରଭୁ

**ସୁବର୍ଣ୍ଣପୁର,୫।୭(ସଂଚାର ବ୍ୟୁରୋ):** ପବିତ୍ର ବାହୁଡା ଦଶମୀ ରେ ଆଜି ରତ୍ନ ମଣ୍ଡପ ସୋନପୁର ଘୋଡ଼ା ଘାଟ ପଡ଼ା ଅଭିମୁଖେ ବାହୁଡ଼ିଲେ ଶ୍ରୀ ଦଧିବାମନ ମହାପ୍ରଭୁ। ମାଉସୀ ମନ୍ଦିର ରୁ ଭଜନ ନାମ କିର୍ତ୍ତନ୍ୟ ସହ ମହା ସମାରୋହରେ ପହଣ୍ଡି ରେ ଆସି ରଥା ରୁଢ଼ ହେଲେ ମହା ପ୍ରଭୁ। ପହଣ୍ଡି ବେଳେ ପ୍ରତି ଘର ସମ୍ମୁଖ ରେ ମହାପ୍ରଭୁ ତିନି ଠାକୁର ଙ୍କୁ ପୂଜା ଅର୍ଚ୍ଚନା କରି ଭୋଗ ଅର୍ପଣ କରିଥିଲେ ମହିଳା ମାନେ । ଯେଉଁଥିରେ କି ହଜାର ସଂଖ୍ୟାରେ ମହିଳା ଭକ୍ତ ଙ୍କ ଭିଡ ଦେଖିବାକୁ ମିଳିଥିଲା । ପୋଲିସ ପ୍ରଶାସନ ର ଉପସ୍ଥିତି ରେ ଶୃଙ୍ଖଳା ସହ ରଥ ଟଣା ଯାଇଥିଲା ଏବଂ ରୀତି ନୀତି ବିଳମ୍ବ ଯୋଗୁଁ ସନ୍ଧ୍ୟାରେ ଶ୍ରୀ ଦଧି ବାମନ ମହାପ୍ରଭୁ ଙ୍କ ରଥ ଆଜି ମଝିପଡ଼ା ଠାରେ ଅଟକି ତିନି ଠାକୁର ପୂଜା ପାଇବା ସହ ଭକ୍ତ ଙ୍କୁ ଦର୍ଶନ ଦେଉଛନ୍ତି।

## ସିପିଏମ୍ ଆଂଚଳିକ କମିଟିର ଜରୁରୀ ବୈଠକ




**ନୀଳଗିରି,୫।୭(ସଂଚାର ବ୍ୟୁରୋ):** ଭରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ନୀଳଗିରି ଆଂଚଳିକ କମିଟି ତରଫରୁ ଆଜି ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ରେ ହାତୀ ମୃତ୍ୟୁ ଘଟଣା କୁ ନେଇ ବିଜେପି ଓ ବିଜେଡ଼ି ଭିତରେ ଯେଉଁ ଆରୋପ ପ୍ରତ୍ୟାରୋପ ଚାଲିଛି ସେ ସମ୍ପର୍କରେ ସିପିଆଇ (ଏମ), ଆଜି ର ବୈଠକରେ ଘୋର ଉଦବେଗ ପ୍ରକାଶ ପ୍ରକାଶ କରାଯାଇଛି। ବିଧାୟକ ଙ୍କ ଫାର୍ମ ହାଉସ ରୁ ହାତୀ ଦାନ୍ତ ଅପରାଧି ଗିରଫ୍ ହେବା ଏବଂ ବିଧାୟକ ତାଙ୍କ ଫାର୍ମ ହାଉସ ପରିସର ରେ ଜଙ୍ଗଲ ଜମି କୁ ଜବର ଦଖଲ କରିଥିବା ସହ ସ୍କୁଲ ଜମିକୁ ଦଖଲ କରିଥିବା ଅଭିଯୋଗ ର ନିରପେକ୍ଷ ତଦନ୍ତ କରାଯାଉ। ଏହା ସହିତ ନୀଳଗିରି ବିଧାୟକ ଜଣେ ନାରୀ ନେତ୍ରୀ ଙ୍କ ପ୍ରତି ଯେଉଁ ଅଶାଳୀନ ମନ୍ତବ୍ୟ ଦେଇଛନ୍ତି, ତାହାକୁ ସିପିଆଇ (ଏମ) ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି।ଏହା ସହିତ ଆସନ୍ତା ଜୁଲାଇ ୯ ତାରିଖ ସାଧାରଣ ଧର୍ମଘଟ କୁ ସଫଳ କରିବା ପାଇଁ ଆଜି ବୈଠକରେ ଯୋଜନା କରାଯିବା ସହିତ ଉକ୍ତ ଧର୍ମଘଟ ରେ ଜନ ସାଧାରଣ ସାମିଲ ହେବା ପାଇଁ ଦଳ ତରଫରୁ ନିବେଦନ କରାଯାଇଛି। ଉକ୍ତ ବୈଠକରେ ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି, ହେମେନ୍ଦ୍ର ସେଠୀ, ଅମରେନ୍ଦ୍ର ନାୟକ, ମନୋରଞ୍ଜନ ସାହୁ, କାଳିଆ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜି. ଉଦୟଗିରି ଅଞ୍ଚଳରେ ପୁଣି ହାତୀ ଉପଦ୍ରବ

● ଫରେଷ୍ଟ ଟ୍ରେନିଂ ସ୍କୁଲର ଫାଟକ ଭାଙ୍ଗିଲା

**ଫୁଲବାଣୀ,୫।୭(ସଂଚାର ବ୍ୟୁରୋ):** ଜି. ଉଦୟଗିରି ବ୍ଲକରେ ଗତ କିଛି ଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି। ହାତୀ ଏବେ ଜଙ୍ଗଲ ଛାଡି ସହରରେ ପଶିବା ଆରମ୍ଭ କଲେଣି। ଜି ଉଦୟଗିରି ସହରର ପଦାସାହି ଆଖପାଖରେ ହାତୀ ରହୁଥିବା ଖବର ମିଳୁଥିବା ବେଳେ ଏବେ ହାତୀବାଲି ଅଂଚଳରେ ହାତୀ ବୁଲୁଥିବା ଦେଖି ଲୋକେ ଭୟଭୀତ ହୋଇ ପଡିଛନ୍ତି। ଖବର ମୁତାବକ, ଗୁରୁବାର ରାତି ପ୍ରାୟ ୩ଟା ସମୟରେ ଫରେଷ୍ଟ ଟ୍ରେନିଂ ସ୍କୁଲ ଆଗ ପଟ ଗେଟ ଲୁହା ଗ୍ରୀଲକୁ ଗୋଡରେ ଆଡେଇ ଗୋଟିଏ ହାତୀ ଭିତରେ ପଶି ପଛପଟେ ଥିବା ନର୍ସରୀ ଗେଟ ଭାଙ୍ଗି ମାଲିକପଡି ଜଗଂଲକୁ ଯାଇଥିବା କହିଛି ବନ ବିଭାଗ। ଫରେଷ୍ଟ ଟ୍ରେନିଂ ସ୍କୁଲରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିବା କହିଛନ୍ତି ଟ୍ରେନିଂ ସ୍କୁଲ କର୍ତ୍ତୃପକ୍ଷ। ସ୍କୁଲ ନିକଟରେ ଏକ ଅଟୋ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛି। ହାତୀଟି ଟ୍ରେନିଂ ସ୍କୁଲ ଗେଟ ଭିତରେ ପଶିବା ପରେ ଫରେଷ୍ଟ କଲୋନୀରୁ ଏକ ଅଟୋ ବାହାରୁ ଥିବା ସିସିଟିଭି କ୍ୟାମେରା ଫୁଟେଜରେ କଏଦ ହୋଇଛି। ଟ୍ରେନିଂ ସ୍କୁଲ ତରଫରୁ ଲାଗିଥିବା ଏହି ସିସିଟିଭି ଫୁଟେଜ ଏବେ ଭାଇରାଲ ହେବାରେ ଲାଗିଛି।




ଯାହାକୁ ଲୋକେ ଦେଖି ଲୋକେ ଭୟଭୀତ ହୋଇଛନ୍ତି। ଶୁକ୍ରବାର ଜି. ଉଦୟଗିରି ବନ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ଲୋକଙ୍କୁ ସତର୍କ ରହିବା ସହିତ ରାତିରେ ବାହାରେ ଚଳପ୍ରଚଳ ନ କରିବା ପାଇଁ ପରାମର୍ଶ ଦିଆଯାଇଛି।

● କାଳିଆ ଠାକୁର ସେବା ଟ୍ରଷ୍ଟ ପକ୍ଷରୁ

## ରେଳଯାତ୍ରୀଙ୍କୁ ବିସ୍କୁଟ୍ ଓ ପାଣି ବଣ୍ଟନ

**କଣାସ,୫।୭(ସଂଚାର ବ୍ୟୁରୋ):** ଆଜି ବାହୁଡାଯାତ୍ରା ଉପଲକ୍ଷେ କଣାସ ବ୍ଲକରେ ପ୍ରତିଷ୍ଠିତ କାଳିଆ ଠାକୁର ସେବା ଟ୍ରଷ୍ଟ ପକ୍ଷରୁ କଣାସ ରୋଡ ରେଳ ଷ୍ଟେସନ୍ ଠାରେ ପୁରୀକୁ ଯାଉଥିବା ରଳେଯାତ୍ରୀମାନଙ୍କୁ ୫ଶହ ପାଣି ବଟେଲ୍ ଓ ୫ଶହ ପ୍ୟାକେଟ୍ ବିସ୍କେଟ୍ ବଣ୍ଟନ କରାଯାଇଥିଲା। ଟ୍ରଷ୍ଟର କର୍ମକର୍ତ୍ତା ଚିତ୍ରପଳା ହରିଚନ୍ଦନ, ସୌମ୍ୟଜିତ୍ ହରିଚନ୍ଦନ, ଦେବାଶିଷୀ ମହାନ୍ତି, ମାନସ କୁମାର ଜେନା, ହାପିନା ପ୍ରଧାନ, କିରଣ କୁମାର ପାଢ଼ୀ, ସୁଜିତ୍ କୁମାର ସାମନ୍ତରାୟ, ପ୍ରତାପ ଚନ୍ଦ୍ର ନାୟକ, ବିଶ୍ୱଜିତ୍ ସାହୁ, ପ୍ରୟସଦା ହରିଚନ୍ଦନ, ଦିପ୍ତୀମୟୀ ବରାଳ, ଅଭୟ କୁମାର ବିଶ୍ୱାଳ, ବିଷ୍ଣୁପ୍ରିୟା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଯେଉଁ ବଦାନ ବ୍ୟକ୍ତିମାନେ ଆର୍ଥିକ ସହାୟତା କରିଥିଲେ ସେମାନଙ୍କୁ ଟ୍ରଷ୍ଟ ପକ୍ଷରୁ କର୍ମକର୍ତ୍ତାମାନେ କୃଙ୍କତାଜ୍ଞାପନ କରିଛନ୍ତି ।



# ଗଞ୍ଜାମରେ ବଳ ଗୋଟାଉଛି କଂଗ୍ରେସ

**ବ୍ରହ୍ମପୁର,୫।୭(ସଂଚାର ବ୍ୟୁରୋ):** ରାଜ୍ୟରେ ରାଜନୈତିକ ପାଣିପାଗ ବଦଳିବା ଏବେ 'ହାତ' ପାର୍ଟିକୁ ଇନ୍ଧନ ଯୋଗାଇବା ସଦୃଶ ହୋଇଛି। ପୂର୍ବ ବିଜୁ ଜନତା ଦଳ ସରକାର ଅମଳରେ ଫାଙ୍କା ପଡିଥିବା ରାଜ୍ୟ କଂଗ୍ରେସ ଶିବିର ଏବେ ଚଳଚଞ୍ଚଳ ହୋଇପଡିଛି। ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ ପ୍ରତ୍ୟେକ ଜିଲ୍ଲା ସ୍ତରରେ ଦଳ ପକ୍ଷରୁ ସଂଗଠନ ସଜାଡ଼ିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଭିନ୍ନ ପ୍ରସଙ୍ଗରେ ବିଜେପି ସରକାରକୁ ଘେରିବାରେ ଦଳ ବଳ ବି ଦେଖାଉଛି। ଗଞ୍ଜାମରେ ମଧ୍ୟ ଏହାର ପ୍ରଭାବ ପଡିଛି । ଜିଲ୍ଲାରେ କଂଗ୍ରେସକୁ ବଞ୍ଚାଇ ରଖିଥିବା ଏକମାତ୍ର ନେତା ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଦଳର ରାଜ୍ୟ ଉପ ସଭାପତି ହେବା ପରେ ସ୍ଥାନୀୟ ହାତ କ୍ୟାମ୍ପ୍ ରେ ଭିନ୍ନ ଦୃଶ୍ୟ ଦୃଶ୍ୟମାନ ହେଉଛି। ବିଶ୍ୱାସ ଓ ଭରସା କରି ଅନ୍ୟ ଦଳର ନେତା ଓ କର୍ମୀ ଏବେ କଂଗ୍ରେସ ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ନିକଟରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ର ବିଜେଡି କର୍ମୀ ରାଜ୍ୟ କଂଗ୍ରେସ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ଦଳରେ ସାମିଲ ହୋଇଛନ୍ତି। ପିସିସି ସଭାପତିଙ୍କ ଉପସ୍ଥିତିରେ ସାନଖେମୁଣ୍ଡି ବିଧାୟକଙ୍କ ନେତୃତ୍ୱରେ ୨୦୦ରୁ ଊର୍ଦ୍ଧ୍ୱ ଶଙ୍ଖ ଦଳ କର୍ମୀ ଦଳରେ ଯୋଗ ଦେଇଛନ୍ତି। ପୂର୍ବରୁ ରମେଶଙ୍କ ନେତୃତ୍ୱରେ ହିଁ ହିଂଜିଳିରେ କଂଗ୍ରେସ ଦମ୍ ଦେଖାଇଥିଲା। ଦଳୀୟ ହେବିୱେଟଙ୍କ ଏକ ବଡ଼ ସମାବେଶ ଖୁବ୍ ଲୋକଲୋଚନକୁ ଆସିଥିଲା। ହଜାର ହଜାର କର୍ମୀ ଏବଂ ସମର୍ଥକ ଉକ୍ତ ସମାବେଶରେ ସାମିଲ ହୋଇଥିଲେ। ସମ୍ପ୍ରତି ଜିଲ୍ଲାର ହିଂଜିଳି ଏବଂ ସାନଖେମୁଣ୍ଡି ବ୍ୟତୀତ ଅନ୍ୟ ସମସ୍ତ ବିଧାନସଭା ଆସନ ଯଦିଓ ବିଜେପି ହାତରେ ରହିଛି। କିନ୍ତୁ ଜିଲ୍ଲାରେ ନେତାଙ୍କ ମଧ୍ୟରେ ଅନ୍ତଃ କନ୍ଦଳ ଏବେ ଦଳ ପାଇଁ ପ୍ରମୁଖ ସମସ୍ୟା ପାଲଟିଥିବା ଜଣାପଡିଛି। ସେହିପରି ବିଜେଡି ପ୍ରମୁଖ ବିରୋଧୀ ଦଳର ଦାୟିତ୍ୱ ତୁଲାଇବାରେ ସେତେଟା ସଫଳ ହୋଇପାରୁନଥିବା ଆଲୋଚନା ହେଉଛି। ସ୍ଥାନୀୟ ଶଙ୍ଖ ଶିବିରରେ ବିଶୃଙ୍ଖଳା କାରଣରୁ ଜିଲ୍ଲା ସଭାପତିଙ୍କ ନାଁ ମଧ୍ୟ ବିଜେଡି ପକ୍ଷରୁ ଘୋଷଣା ହୋଇନି।



ନେତା ଓ କର୍ମୀଙ୍କ ଭରସା ପାଲଟିଛନ୍ତି 'ରମେଶ'

# ନବଦିନ ଯାତ୍ରା ସାରି ବାହୁଡିଲେ ଶ୍ରୀଜଗନ୍ନାଥ

**କଣାସ,୫।୭(ସଂଚାର ବ୍ୟୁରୋ):** ଆଜି ଜଗତର ବଡଠାକୁର ଜଗନ୍ନାଥଙ୍କ ବାହୁଡା ଯାତ୍ରା ସାରାବିଶ୍ୱର ବିଭିନ୍ନ ଦେଶରେ ମହାସମାରୋହରେ ପାଳିନ କରାଯାଉଥିବା ବେଳେ ପୁରୀରୁ ଗୁଣ୍ଡିଚା ମନ୍ଦିରରୁ ବଡଠାକୁର ଜଗନ୍ନାଥ ଭଉଣୀ ସୁଭଦ୍ରାଙ୍କ ରଥ ପୁନଶ୍ଚ ମନ୍ଦିରକୁ ଫେରିଥିବା ବେଳେ କଣାସ ବ୍ଲକର ଜଙ୍ଘାର ଛକ ଠାରେ ଗୁଡିଚାମନ୍ଦିରରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରିତୀନିତୀ ପ୍ରଭାତରୁ କରାଯିବାପରେ ୩ଠାକୁରଙ୍କୁ ରଥକୁ ପହଣ୍ଡିବିଜେ କରାଯାଇଥିଲା। ଦୋକନ୍ଦା ଗ୍ରାମର ଦଳବେହେରା ପରିବାର ନିରଂଜନ ଦଳବେହେରା ଛେରାପ୍ରହରା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ରଥ ସିରେଇ, ରାହାନ୍ଦିଆ, ସହନା, ବ୍ଲକ ବଜାର, ବାଲିଘାଇଛକ, କୁଞ୍ଜେଶ୍ୱରୀ ବଜାର, ବସଷ୍ଟାଣ୍ଡ, ଗୋଲାବଜାର ଦେଇ ୬କିମି ରାସ୍ତା ଅତିକ୍ରମ କରି ଦୋକନ୍ଦା ଗ୍ରାମର ଜଗନ୍ନାଥ ମନ୍ଦିର ଠାରେ ଲାଗିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବାପାଇଁ କଣାସ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ କର୍ମଚାରୀମାନେ ପୂର୍ଣ୍ଣସହ ଯୋଗକରିଥିଲେ । ରଥଟଣା ଫଟୋ ଇ-ମେଲ୍‌ରେ ପଠାଗଲା ।



## ରୁପ୍ରାରୋଡରେ ବାହୁଡ଼ା ଯାତ୍ରା

**ନର୍ଲା,୫।୭(ସଂଚାର ବ୍ୟୁରୋ):** ନର୍ଲା ବ୍ଲକର ରୁପ୍ରାରୋଡଠାରେ ଶନିବାର ଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡା ଯାତ୍ରା ପ୍ରବଳ ଉତ୍ସାହ ଉଦ୍ଦୀପନା ସହ ସମ୍ପନ୍ନ ହୋଇଛି। ଓଡ଼ିଶାର ପ୍ରସିଦ୍ଧ କଥାବାଚକ ଆଶିର୍ବାଦଜୀ ମହାରାଜ ଓ ରୁପ୍ରାରୋଡ ଜଗନ୍ନାଥ ମନ୍ଦିରର ପୂଜକ ପ୍ରତାପ ପଣ୍ଡା ବାହୁଡ଼ା ନିତି ସଂପାଦନ କରିଥିଲେ। ରୁପ୍ରାରୋଡ ଜଗନ୍ନାଥ ମନ୍ଦିରର ଉଦ୍ୟୋକ୍ତା ସ୍ୱର୍ଗତ ଡ଼ଃ ସାଧୁରାମ ଅଗ୍ରୱାଲଙ୍କ ଜ୍ୟେଷ୍ଠପୁତ୍ର ସୁନୀଲ ଅଗ୍ରୱାଲ ରଥରେ ଛେରାପହଁରା କରିଥିଲେ। ପ୍ରଦୀପ ଅଗ୍ରୱାଲ, ରତନ ଅଗ୍ରୱାଲ, ତ୍ରିନାଥ ମହାନ୍ତି, ରାଜେଶ ଦତ୍ତା, ଶ୍ୟାମସୁନ୍ଦର ଶର୍ମା, ବିଜୟ ଅଗ୍ରୱାଲ, ସୁମିତ ଅଗ୍ରୱାଲ, ଅମିତ ଶର୍ମା (ବଣ୍ଟି), ଜଗମୋହନ ରୋହିଲା, ଭାଲୁ ଶର୍ମା, ସୁଧୀର ଅଗ୍ରୱାଲ, ସୁଦୀପ ଅଗ୍ରୱାଲ, ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଓ ରୁପ୍ରାରୋଡବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଜଣା ରୋଗରେ ଯୁବତୀ: ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

**ଖପ୍ରାଖୋଲ,୫।୭(ସଂଚାର ବ୍ୟୁରୋ):** ଏବେବି ମନୁଷ୍ୟ ସମାଜରେ ଅନେକ ମଣିଷ ରହିଛନ୍ତି ସେମାନଙ୍କ ପରିବାର ରେ କୌଣସି ସଦସ୍ୟଙ୍କୁ ଯଦି ରୋଗ ଗ୍ରାସ କରେ ତାହେଲେ ଗରିବ ଜୀବନ ବଡ କଷ୍ଟକର ହୋଇପଡେ । ଅର୍ଥ ଅଭାବରୁ ରୋଗକୁ ଚିକିତ୍ସା କରିବା ପାଇଁ ସମ୍ଭବ ହୋଇପାରେ ନାହିଁ, ମୃତ୍ୟୁବରଣ କରିବାକୁ ପଡିଥାଏ । ଏହା ପ୍ରତି କୌଣସି ପ୍ରକାରେ ବାଟ ଫିଟୁନଥିବା ଦେଖାଯାଏ । ଅର୍ଥ ହିନା ମଣିଷ କୁ ସମାଜରେ କେହିବି ପଚାରନ୍ତି ନାହିଁ, ଯାହାଫଳରେ ରୋଗରେ ପୀଡିତ ହୋଇ ଘରେ ଛଟପଟ ଜୀବନ ବିତାଉଥିବା ଭଳି ଏକ ଘଟଣା ଏବେ ସାମ୍ନାକୁ ଆସିଛି, ଯାହାକି ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଖପ୍ରାଖୋଲ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ମହୁରୁଣ୍ଡି ଗ୍ରାମରେ କ୍ଷ ମହୁରୁଣ୍ଡି ଗ୍ରାମର ମଦନ ମୁଣ୍ଡା ଙ୍କର ପତ୍ନୀ କୁମାରୀ ମୁଣ୍ଡା ଙ୍କ ପେଟ ରେ କୌଣସି ପ୍ରକାର ଗୋଟିଏ ଅଜଣା ରୋଗ ବ୍ୟାପି ବଡ଼ ହେବାକୁ ଲାଗିଲାଣି । ୩ ମାସ ହେବ କୌଣସି ପ୍ରକାରର ଅଜଣା ରୋଗରେ ଗ୍ରସ୍ତ ହୋଇଛନ୍ତି କୁମାରୀ । ସ୍ୱାମୀ ମଦନ ମୁଣ୍ଡା ଏବେ କରିବେ କଣ ପତ୍ନୀର ଏହି ରୋଗ ପାଇଁ ଚିନ୍ତିତ ରହିଛନ୍ତି । ଗରିବ ସ୍ୱାମୀ ଆଗରୁ କିଛି ଅର୍ଥ ଯୋଗାଡ କରି ସ୍ତ୍ରୀ ର ଚିକିତ୍ସା ପାଇଁ ଖପ୍ରାଖୋଲ ଓ ପାଟଣାଗଡ ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର କୌଣସି ପ୍ରକାରେ ରୋଗକୁ ଚିହ୍ନଟ କରିପାରିଲେ ନାହିଁ । ଡାକ୍ତର କୁମାରୀ ଙ୍କୁ ସିଧାସଳଖ ଅନ୍ୟ ଏକ ବଡ଼ ଡାକ୍ତରଖାନାକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ହେଲେ ମଦନ ମୁଣ୍ଡା ଙ୍କ ପାଖରେ ଅର୍ଥ ଅଭାବ ରୁ ପତ୍ନୀ କୁମାରୀ ଙ୍କୁ ଅନ୍ୟ ବଡ଼ ହସ୍ପିଟାଲ ନେବା ପାଇଁ ଅକ୍ଷମ ହୋଇ ନିଜ ଘରକୁ ବାହୁଡି ଆସିବା ପାଇଁ ବାଧ୍ୟ ହୋଇଥିବା ବିଷୟରେ ମଦନ ପ୍ରକାଶ କରିଛନ୍ତି । ତେବେ ପରିବାର ରେ ଗରିବ ସ୍ୱାମୀ ଏବେ କରିବେ କ'ଣ ସେ ନେଇ ପରିବାର ଚିନ୍ତାରେ ରହିଛନ୍ତି । ଅନ୍ୟ ପଟେ କୁମାରୀ ଙ୍କ ଅଜଣା ରୋଗ ଦିନକୁ ଦିନ ବୃଦ୍ଧି ପାଇ ଲାଗିଛି, ପ୍ରଥମେ ପେଟ ଓ ଅଣ୍ଟା ରୁ ଆରମ୍ଭ ହୋଇ ବ୍ୟାପିବା ଯୋଗୁଁ ଯନ୍ତ୍ରଣାରେ କୁମାରୀ ଛଟପଟ ଜୀବନ ଭିତରେ ଜିଇଁବା ପାଇଁ ସଂଗ୍ରାମ କରୁଛି । ଯିଏ ଦେଖିବ ତା ହୃଦୟରେ ନିଶ୍ଚୟ ଭାବରେ କଷ୍ଟରେ ଫାଟି ପଡିବ । ତେବେ ସରକାରୀ ସହାୟତା ବିନା ଏହି ଗରିବ ସ୍ୱାମୀ ମଦନ ପତ୍ନୀ କୁମାରୀ ଙ୍କୁ ଚିକିତ୍ସା କରାଇବା ପାଇଁ ଅକ୍ଷମ ଅଛନ୍ତି, ଏହି ରୋଗର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି । ତେଣୁ ସରକାରଙ୍କ ପକ୍ଷରୁ କୁମାରୀ ଙ୍କୁ ଚିକିତ୍ସା କରାଇବା ନିମନ୍ତେ ସହାୟତା ପାଇଁ ସ୍ୱାମୀ ମଦନ ମୁଣ୍ଡା ଓ ପୁଅ ରୁପେନ୍ଦ୍ର ମୁଖ୍ୟମନ୍ତ୍ରୀ ଙ୍କୁ ଆକୁଳ ନିବେଦନ କରିଛନ୍ତି ।

**ଆର୍ଥିକ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ**

